


▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-280 ♦WEDNESDAY ♦08 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୮୦ ♦ବୁଧବାର ♦୦୮ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ମଣିପୁର ପୁଣି ଅଶାନ୍ତ



■ ଇମ୍ଫାଲ, ୭।୪ (ଏଜେନ୍ସି): କିଛି ଦିନର ବ୍ୟବଧାନ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ମଣିପୁର। ଉଗ୍ରବାଦୀଙ୍କ ଗ୍ରେନେଡ୍ ଆକ୍ରମଣରେ ଆଜି ଦୁଇ ଶିଶୁ ପ୍ରାଣ ହରାଇବା ପରେ ରାଜଧାନୀ ଇମ୍ଫାଲ ସମେତ ୫ଟି ଜିଲ୍ଲାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଘଟଣାର ପ୍ରତିବାଦ ଜଣାଇ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହିତ ଅନେକ ସରକାରୀ ଅଫିସ ଏବଂ ଯାନବାହନରେ ନିଆଁ ଲଗାଇଦେଇଛନ୍ତି। ସେମାନେ ସିଆରପିଏଫ୍ କ୍ୟାମ୍ପ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଇମ୍ଫାଲ ସମେତ ୫ଟି ଆଖପାଖ ଜିଲ୍ଲାରେ କର୍ଫ୍ୟୁ ଜାରି କରାଯିବା ସହିତ ଇଣ୍ଟରନେଟ ଓ ମୋବାଇ ସେବା ବନ୍ଦ କରିଦିଆଯାଇଛି। ଗୁଳିମାଡ଼ରେ ଦୁଇ ଜଣ ନିହତ ହୋଇଥିବାର ଖବର ମଧ୍ୟ ମିଳିଛି। ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ସନ୍ଦିଗ୍ଧ ଉଗ୍ରବାଦୀଙ୍କ ମୋର୍ଟାର ଆକ୍ରମଣରେ ଦୁଇଜଣ ଶିଶୁଙ୍କ ମୃତ୍ୟୁ ପରେ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

**ସିଆରପିଏଫ୍ ଶିବିର ଉପରେ ଆକ୍ରମଣ**

**୫ଟି ଜିଲ୍ଲାରେ କର୍ଫ୍ୟୁ, ଇଣ୍ଟର୍‌ନେଟ୍ ବନ୍ଦ**

▶ବିସ୍ତୃତ ବିବରଣୀ ପୃଷ୍ଠା-୨

## ଚରମ ସୀମାରେ ଟ୍ରମ୍ପଙ୍କ ପାଗଳାମି

# ପାରସ୍ୟ ସଭ୍ୟତାର ଧ୍ୱଂସ ଧମକ

■ ତେହେରାନ/ୱାସିଂଟନ, ୭।୪ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ମହାଯୁଦ୍ଧ ଆଜି ମହାସଙ୍କଟର ଦ୍ୱାରଦେଶରେ। ବିନା କାରଣରେ ଇରାନ ଉପରେ ଆକ୍ରମଣ କରିବା ସହିତ ରଣକ୍ଷେତ୍ରରେ ଅପମାନଜନକ ସ୍ଥିତିର ସମ୍ମୁଖୀନ ହୋଇଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ରାତିରେ ଇରାନ ଉପରେ ଆକ୍ରମଣ କରି ସମଗ୍ର ପାରସ୍ୟ ସଭ୍ୟତାକୁ ମୂଳପୋଛ କରିବାକୁ ଧମକ ଦେଇଛନ୍ତି। ଯୁଦ୍ଧବିରତି ପାଇଁ ତାଙ୍କର ୪୮ ଘଣ୍ଟାର ସମୟସୀମା ଆଜି ଶେଷ ହେଉଥିବା ବେଳେ ଟ୍ରମ୍ପ ଧମକ ଦେଇଛନ୍ତି ଯେ ରାତି ୮ଟା



**ଇରାନ ନିଜ ଜିଦ୍‌ରେ ଅଟଳ**

**ଆମେରିକା ସହିତ ସମସ୍ତ ଯୋଗାଯୋଗ ରାସ୍ତା ବନ୍ଦ କଲା ଇରାନ**

(ଭାରତୀୟ ସମୟ ବୁଧବାର ସକାଳ ୫ଟା ୩୦) ସୁଦ୍ଧା ହର୍ମୁଜ ସମୁଦ୍ରପଥ ନଖୋଲିଲେ ଏପରି ଆକ୍ରମଣ କରାଯିବ। ସାମାଜିକ ଗଣମାଧ୍ୟମ ଟ୍ରୁଥ ସୋସିଆଲ ମାଧ୍ୟମରେ ସେ ଧମକ ଦେଇଛନ୍ତି ଯେ ଏଭଳି ଆକ୍ରମଣ ପାଇଁ ତାଙ୍କର ଇଚ୍ଛା ନଥିଲେ ମଧ୍ୟ ଏହା କରିବାକୁ ସେ ଯାଉଛନ୍ତି। ଆଜିର ରାତି ବିଶ୍ୱ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବେ ପରିଗଣିତ ହେବ। ତେବେ ସମୟସୀମା ସରିବାର ଶେଷ ମୁହୂର୍ତ୍ତରେ କିଛି ଚମତ୍କାର ହୋଇପାରେ। ଆମେରିକାର ସର୍ତ୍ତକୁ ଇରାନ ଗ୍ରହଣ କରିପାରେ ବୋଲି ସେ ଆଶାବାଦୀ।

ତାଙ୍କର ଏହି ଧମକ ପରେ ଇରାନ ମଧ୍ୟ ଏହାର ଜବାବ ଦେଇଛି। ଇରାନର ଶକ୍ତିଶାଳୀ ରେଭଲୁସନାରୀ ଗାର୍ଡ କର୍ପ ପକ୍ଷରୁ କୁହାଯାଇଛି ଯେ ଆମେରିକାର ଆତଙ୍କବାଦୀ ଇରାନରେ ପଶିବାକୁ ଉଦ୍ୟମ କଲେ ଏହାର ପରିଣାମ ପାଇଁ ସେମାନଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଆମେରିକା ସହିତ କଥାବାର୍ତ୍ତା ପାଇଁ ସବୁ ରାସ୍ତା ବନ୍ଦ କରି ଦିଆଯାଇଛି ବୋଲି ଉଲ୍ଲେଖ କରି ଇରାନ ପଡ଼ୋଶୀ ଦେଶଙ୍କୁ ଚେତାବନୀ ଦେଇଛି ଯେ ଇରାନ ଉପରେ ଆକ୍ରମଣ ପାଇଁ ▶ପୃଷ୍ଠା-୧୦

## ପରମାଣୁ ଆକ୍ରମଣ ଭୟ

■ ୱାସିଂଟନ, ୭।୪ (ଏଜେନ୍ସି): ଆକ୍ରମଣ କରି ଇରାନର ସଭ୍ୟତାକୁ ଧ୍ୱଂସ କରିଦିଆଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। କେଉଁ ଅସ୍ତ୍ର ପ୍ରୟୋଗ କରି ଟ୍ରମ୍ପ ପାରସ୍ୟ ସଭ୍ୟତାକୁ ଲୋପ କରିଦେବେ। ଏସଂପର୍କରେ ପ୍ରଶ୍ନ ହେବାରୁ ଉପରାଷ୍ଟ୍ରପତି ଭାନସ କହିଲେ ଯେ ଆମେରିକା ପାଖେରେ ଏଭଳି ଏକ ଅସ୍ତ୍ର ଅଛି ଯାହା କେବେ ପ୍ରୟୋଗ କରାଯାଇନାହିଁ। କେବଳ ଟ୍ରମ୍ପ ଚାହିଁଲେ ଏହାର ପ୍ରୟୋଗ କରାଯାଇପାରିବ। ସେହି ଅସ୍ତ୍ର ପ୍ରୟୋଗ ପାଇଁ ପ୍ରସ୍ତୁତି ଚାଲିଛି। ତାଙ୍କର ଏହି ମନ୍ତବ୍ୟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ଅନେକ ସନ୍ଦେହ ପ୍ରକଟ କରିଛନ୍ତି ଯେ ଭାନ୍ସଙ୍କ ଇସାରା ପରମାଣୁ ଅସ୍ତ୍ର ରହିଛି। ଇରାନ ଉପରେ ଆମେରିକା ପରମାଣୁ ଆକ୍ରମଣ କରିପାରେ। କିନ୍ତୁ ହ୍ୱାଇଟ ହାଉସ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ ଇରାନ ଯୁଦ୍ଧରେ ଆମେରିକା ପରମାଣୁ ଅସ୍ତ୍ର ପ୍ରୟୋଗ କରିବ ନାହିଁ।

# ଆଣ୍ଟେଇଲା ମନରେଗା; ଝୁଣ୍ଟିଲେ ସରକାର

## ଦି’ ବର୍ଷ ହେଲା ପଡ଼ିନାହିଁ ମୁଠାଏ ମାଟି ■ ପ୍ରଶ୍ନଘେରରେ ଭି ବି ଜି ରାମ୍ ଜି ଭବିଷ୍ୟତ

■ ନୟାଗଡ଼, ୭।୪ (ଅନୀଲ ପଣ୍ଡା): ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଛନ୍ତି; ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଉଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଯେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ମୁଠାଏ ବି ମାଟି ପଡ଼ିନାହିଁ। ମନ ।।ରେଗାକୁ ମାରି କେନ୍ଦ୍ର ସରକାର ଭି ବି ଜି ରାମ ଜି ଯୋଜନା ପ୍ରଣୟନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରୁ ଏହାକୁ କାର୍ଯ୍ୟକାରୀ କରାଯାଉଛି ଓ ଏ ବାବଦରେ କେନ୍ଦ୍ରୀୟ ଅଂଶ ହ୍ରାସ ପାଇବା ପରେ ରାଜ୍ୟ ରାଜକୋଷ ଉପରେ ପାଖାପାଖି ବର୍ଷକୁ ୬ ହଜାର କୋଟିର ଚାପ ବଢ଼ିଛି। ମାତ୍ର ସରକାର ବଦଳିବା ପରେ ଗତ ଦୁଇଟି



ଆର୍ଥିକ ବର୍ଷର ପରିସଂଖ୍ୟାନ ଦେଖିଲେ ୨୦୨୧-୨୨ ଆର୍ଥିକ ବର୍ଷର ବ୍ୟୟଠାରୁ ଏହି ବର୍ଷଗୁଡ଼ିକରେ ମନରେଗା ବ୍ୟୟ ୫୦ ପ୍ରତିଶତ ହ୍ରାସ ପାଇଛି। ମନରେଗା ଯୋଜନାରେ ପ୍ରତି ପଞ୍ଚାୟତ ଜରିଆରେ ଗାଁ ଗୁଡିକରେ ମାଟି କାମଠାରୁ ଆରମ୍ଭ କରି ଅନେକ ବିକାଶ ତଥା ଉନ୍ନତି ମୂଳକ କାର୍ଯ୍ୟ ହେଉଥିଲା। କରୋନା ମହାମାରୀ ସମୟରେ ମନରେଗା ଯୋଜନାରେ ତତ୍‌କାଳୀନ ବିଜେଡି ସରକାର ଅତିରିକ୍ତ ଆର୍ଥିକ ବରାଦ କରି ଲୋକଙ୍କୁ କାମ ଯୋଗାଇ ଦେଇଥିଲେ। ମାତ୍ର ବର୍ତ୍ତମାନ ସମୟରେ ଏହା ଯଥେଷ୍ଟ ହ୍ରାସ ପାଇଛି। ୨୦୨୧-୨୨ ମସିହାରେ ମନରେଗା ଯୋଜନାରେ ସାରା ରାଜ୍ୟରେ ୫,୭୩୭ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଏହି ଅର୍ଥ ପଞ୍ଚାୟତ, ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗଠାରୁ ▶ପୃଷ୍ଠା-୧୦

## ଜିଆର୍‌ଏସ୍ ନିଯୁକ୍ତିରେ ଅଘୋଷିତ ପ୍ରତିବନ୍ଧକ

ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜିଆର୍‌ଏସ୍(ଗ୍ରାମ ରୋଜଗାର ସେବକ)ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଗାଁ ସାଥିଙ୍କଠାରୁ ଆରମ୍ଭ କରି ବ୍ଲକରେ କାର୍ଯ୍ୟରତ ଏପିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଷ୍ଠାର ଆବଶ୍ୟକତା ରହିଛି। ୨୦୨୪ ମସିହା ପୂର୍ବରୁ ରାଜ୍ୟ ସରକାର ମନରେଗା ଅଧୀନରେ କାର୍ଯ୍ୟ କରୁଥିବା ଜିଆର୍‌ଏସ୍‌ଙ୍କୁ ପଦୋନ୍ନତି ଦେଇଥିଲେ। ସେମାନଙ୍କୁ ▶ପୃଷ୍ଠା-୧୦

## ବହୁଚର୍ଚ୍ଚିତ ନରସିଂହପୁର ହାଜତମୃତ୍ୟୁ ଘଟଣା

# ୮ ବର୍ଷ ପରେ ୬ ଅବସରପ୍ରାପ୍ତ ପୁଲିସ ଗିରଫ

■ କଟକ, ୭।୪ (ସମିସ): ଦୀର୍ଘ ଆଠ ବର୍ଷ ତଳର ଏକ ସମ୍ବେଦନଶୀଳ ହାଜତ ମୃତ୍ୟୁ ମାମଲାରେ ଶେଷରେ ଆଇନର କଡ଼ା କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ୨୦୧୬ ମସିହାରେ ନରସିଂହପୁର ଥାନାରେ ପୁଲିସ ନିର୍ଯାତନା ଯୋଗୁଁ ପ୍ରାଣ ହରାଇଥିବା ସରୋଜ ସେନାପତିଙ୍କ ମୃତ୍ୟୁ ଘଟଣାରେ ସଂପୃକ୍ତ ୬ଜଣ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କୁ ନରସିଂହପୁର କୋର୍ଟରେ ହାଜର କରାଯାଇଥିବା ବେଳେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ମାଳିସାହି ଗାଁର ସରୋଜ ସେନାପତିଙ୍କ ବିରୋଧରେ ତାଙ୍କ ପତ୍ନୀ ଅଳକା ନାୟକ ନରସିଂହପୁର ଥାନାରେ ଏତଲା ଦେଇଥିଲେ। ଏହି ପାରିବାରିକ ବିବାଦଜନିତ ମାମଲାରେ ▶ପୃଷ୍ଠା-୧୦

**ପାରିବାରିକ ବିବାଦରୁ ଥାନାକୁ ଆସିଥିବା ଯୁବକଙ୍କୁ ମିଳିଥିଲା ଅକଥନୀୟ ନିର୍ଯାତନା**

**ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ ପରେ ଜେଲ୍ ଗଲେ ଅଭିଯୁକ୍ତ**

# କଣ୍ଟାମାଳ ଗାଁରେ ପୁଲିସ-ଗ୍ରାମବାସୀ ମୁହାଁମୁହିଁ

**୬ ପୁଲିସ, ୫ ଗ୍ରାମବାସୀ ଗୁରୁତର**

■ ରାୟଗଡ଼ା/ଟିକିରି, ୭।୪ (ସମିସ): ଦୁଇ ଦିନ ହେଲା ଅଶାନ୍ତ ହୋଇପଡିଛି କାଶିପୁର ଥାନା ଅନ୍ତର୍ଗତ କଣ୍ଟାମାଳ ଗ୍ରାମ। ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହେବା ଯୋଗୁଁ ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ଓ ୬ ଜଣ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ପୁଲିସ କର୍ମଚାରୀଙ୍କୁ ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ. କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି ଯେ ଆଜି ସକାଳେ ଜଣେ



ଅଭିଯୁକ୍ତ ସୁବାସ ସିଂ ମାଝିଙ୍କୁ ଗିରଫ କରିବା ପାଇଁ ପୁଲିସ ଫୋର୍ସ କଣ୍ଟାମାଳ ଗ୍ରାମକୁ ଯାଇଥିଲା। ସେହି ସମୟରେ କଣ୍ଟାମାଳ ଗ୍ରାମ ସମେତ ଆଖାପାଖ ଗାଁର ପ୍ରାୟ ୨୫୦ଜଣ ଗ୍ରାମବାସୀ ଏକଜୁଟ ହୋଇ ପୁଲିସକୁ ଆକ୍ରମଣ କରିଥିଲେ। ସେମାନେ ପୁଲିସ ଫୋର୍ସ ଉପରେ ମିଳିତ ▶ପୃଷ୍ଠା-୧୦

## ପ୍ରଣବପ୍ରକାଶଙ୍କ ଯାଜପୁର ବାସଭବନ ସମ୍ମୁଖରେ ଗୁଳିମାଡ଼

# ବିଚ୍ ରାସ୍ତାରେ ଯୁବକଙ୍କୁ ହତ୍ୟା

■ ଯାଜପୁର, ୭।୪ (ସମିସ): ବିଚ୍ ରାସ୍ତାରେ ଯୁବକଙ୍କୁ ଗୁଳି କରି ହତ୍ୟା। ଯାଜପୁର ସହରରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସଙ୍କ କାଳିମେଘାସ୍ଥିତ ଘର ସମ୍ମୁଖରେ ଗତକାଲି ବିଳମ୍ବିତ ରାତ୍ରିରେ ଏପରି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଯାଜପୁର ଟାଉନ୍ ଥାନା କୁଆଁସରପୁର ଅଞ୍ଚଳର ସୌମ୍ୟସାଗର ସାମଲ। ଏହି ଘଟଣାକୁ ନେଇ ଜିଲ୍ଲା ବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଯାଜପୁର ଟାଉନ୍ ଥାନା ପୁଲିସ ଏନେଇ ନଂ.୧୪୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ସକାଳୁ ସାଇଣ୍ଟିଫିକ୍ ଟିମ ସହାୟତାରେ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ ସହ ସୌମ୍ୟ ବ୍ୟବହାର କରିଥିବା ସ୍କୁଟିକୁ ଜବତ କରିଛି। ଏହାସହ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହ ପୁଲିସ୍ ସିସିଟିଭି ଯାଞ୍ଚ କରୁଥିବା ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ସୂଚନା ଦେଇଛନ୍ତି। ▶ପୃଷ୍ଠା-୧୦





**▶▶ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ**

**▶▶ ହତ୍ୟା ପଛରେ ପତ୍ନୀଙ୍କ ହାତ ଥିବା ମା’ଙ୍କ ଅଭିଯୋଗ**

# ଦୁର୍ଘଟଣା ନେଲା ୫ ମୁଣ୍ଡ

■ ଥୁଆମୂଳରାମପୁର/ବୋରିଗୁମ୍ମା, ୭।୪ (ସମିସ): ପ୍ରତିଦିନ ଦୁର୍ଘଟଣା ରାଜ୍ୟରେ ଏକାଧିକ ମୁଣ୍ଡ ନେଉଛି। ଗତକାଲି ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟି ୬ଜଣଙ୍କ ଜୀବନ ଯାଇଥିବା ବେଳେ ଆଜି ପୁଣି ୫ଜଣଙ୍କ ମୃତ୍ୟୁ ହୋଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ଏବଂ କୋରାପୁଟ ଜିଲ୍ଲା ବୋରିଗୁମ୍ମାରେ ପୃଥକ୍ ଦୁର୍ଘଟଣାରେ ମୋଟ ୫ଜଣ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର-ଢ଼ୁମେରପଦର ମୁଖ୍ୟ ରାସ୍ତାର ବଡ଼ଦେର୍ଲା ଛକରେ ଆଜି ଏକ ଟ୍ରାକ୍ଟର୍ ଦୁଇଟି ବାଇକ୍‌କୁ ଧକ୍କା ଦେବାରୁ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ସାନଦେର୍ଲା ଗ୍ରାମର ବାଲେଶ୍ୱର ନାଏକ (୧୯), ରୁଦ୍ର ନାଏକ (୨୦) ଓ ବଡ଼ଦେର୍ଲା ଗ୍ରାମର ଖଗେଶ୍ୱର ମାଝୀ ଓରଫ୍ କ୍ରିଷ୍ଣା (୨୫)। ଆଜି ସନ୍ଧ୍ୟାରେ ଗୋଟିଏ ବାଇକ୍‌ରେ ବାଲେଶ୍ୱର ଓ ରୁଦ୍ର ଏବଂ ଅନ୍ୟ ଏକ ବାଇକ୍‌ରେ ଖଗେଶ୍ୱର ଯାଉଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ଟ୍ରାକ୍ଟର୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରୁଦ୍ର ଓ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ବାଲେଶ୍ୱରଙ୍କୁ ଥୁଆମୂଳରାମପୁର ▶ପୃଷ୍ଠା-୧୦

**ଦୁଇ ବାଇକ୍‌କୁ ଧକ୍କା ଦେଲା ଟ୍ରାକ୍ଟର୍; ୩ ମୃତ**

**ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ମୃତ**


SIKSHA ‘O’ ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in


## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଖରିଫରେ ମିଳିବନି ସାର

## ୟୁରିଆ-ଡିଏପିର ଘୋର ଅଭାବ ■ କମିବ ଫସଲ ଉତ୍ପାଦନ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୪ (ସମିସ): ଇରାନ୍ ଉପରେ ଆମେରିକା, ଇସ୍ରାଏଲ୍ ଆକ୍ରମଣ ଓ ହର୍ମୁଜ ପ୍ରଣାଳୀକୁ ଇରାନର ଅବରୋଧର ପ୍ରଭାବ କେବଳ ତୈଳ ବା ଇନ୍ଧନ କ୍ଷେତ୍ରରେ ସୀମିତ ନାହିଁ; ସାରା ଭାରତର ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି କରିଛି। ଭାରତର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା କୃଷି କ୍ଷେତ ଉପସାଗରୀୟ ଯୁଦ୍ଧ ଯୋଗୁଁ ଗଭୀର ଭାବରେ ପ୍ରଭାବିତ ହୋଇଛି। କାତାରରୁ ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଯୋଗାଣ ବନ୍ଦର ପ୍ରଭାବ ଦେଶର ସାର କ୍ଷେତ୍ରକୁ ପ୍ରଭାବିତ କରିଛି। ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା କାରଣରୁ ଭାରତରେ ସାର ଓ କୀଟନାଶକର ଘୋର ଅଭାବ ଦେଖାଦେଇଛି। ଫଳରେ ଘରୋଇ ବଜାରରେ ସାର ଏବଂ କୀଟନାଶକର ମୂଲ୍ୟ ଆକାଶଛୁଆଁ ହୋଇଛି। ଏପରିକି ଆଗାମୀ ଖରିଫ୍ ଋତୁରେ ଫସଲ ଅମଳକୁ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ସମ୍ପ୍ରତି ବଜାରରେ ୟୁରିଆ ଦର ବ୍ୟାଗ୍ ପିଛା ପ୍ରାୟ ୧,୧୦୦ ରୁ ୧,୨୦୦ ଟଙ୍କାକୁ ବୃଦ୍ଧି ପାଇଛି। ଯୁଦ୍ଧ ପୂର୍ବରୁ ବିକ୍ରି ହେଉଥିବା ଡ଼ିଏପି ସାର ବ୍ୟାଗ ୧୩୦୦ ଟଙ୍କାରୁ ବଢ଼ି ୨୨୦୦ ଟଙ୍କାରେ ପହଞ୍ଚିଲାଣି। ସେହିପରି କୀଟନାଶକର ମୂଲ୍ୟ ୨୫%ରୁ ୩୦% ବୃଦ୍ଧି ହୋଇଛି। ଏକର ପିଛା ଚାଷ ଖର୍ଚ୍ଚ ପୂର୍ବାପେକ୍ଷା ଦେଢ଼ଗୁଣରୁ ଦୁଇଗୁଣ ବୃଦ୍ଧି ପାଇଛି।

ସାର ଉତ୍ପାଦନ ପ୍ରକ୍ରିୟାରେ ଏଲ୍‌ଏନ୍‌ଜି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ। ଭାରତ ଏହାର ଏଲ୍‌ଏନ୍‌ଜି ଆବଶ୍ୟକତା ପାଇଁ କତାର ଉପରେ ଅତ୍ୟନ୍ତ ନିର୍ଭରଶୀଳ। ଭାରତର ମୋଟ ଏଲ୍‌ଏନ୍‌ଜି ଆମଦାନୀର ପ୍ରାୟ ୪୦% କେବଳ କତାରରୁ ଆସିଥାଏ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ କତାର ଯୋଗାଣ ବନ୍ଦ କରିଦେଇଛି, ଯାହାର ସିଧାସଳଖ ଭାରତୀୟ ସାର ଉତ୍ପାଦନକାରୀଙ୍କ ଉପରେ ପଡିଛି। ଗ୍ୟାସ୍ ଅଭାବ ଏବଂ ମୂଲ୍ୟରେ ବୃଦ୍ଧି ସାର କମ୍ପାନୀଗୁଡ଼ିକୁ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ କରିବାକୁ ବାଧ୍ୟ କରୁଛି। ଯଦି ଏହି ବାଧା ଦୀର୍ଘ ସମୟ ଧରି ଜାରି ରହେ, ତେବେ ଅନେକ କମ୍ପାନୀଙ୍କୁ ସେମାନଙ୍କର ଉତ୍ପାଦନ ୟୁନିଟ୍ ବନ୍ଦ କରିବାକୁ ପଡ଼ିପାରେ।

ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁଯାୟୀ ଭାରତରେ ଅନେକ ସାର କମ୍ପାନୀ ସେମାନଙ୍କ ଉତ୍ପାଦନ ହ୍ରାସ କରିବା ଆରମ୍ଭ ▶ପୃଷ୍ଠା-୧୦



ସକାଳ
THE SAKALA
www.sakalaepaper.com

● ରାଷ୍ଟ୍ରପତି ପଦ ପାଇଁ ଅଯୋଗ୍ୟ

## ଟ୍ରମ୍ପଙ୍କୁ ହଟାଇବାକୁ ସମ୍ବିଧାନରେ ସଂଶୋଧନ ପାଇଁ ସାଂସଦଙ୍କ ଦାବି

ୱାସିଂଟନ୍, ୭।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ ଚେତାବନୀ ଦେଇଛନ୍ତି। ରବିବାର ସେ ଟ୍ରୁଥ୍ ସୋସିଆଲରେ ପ୍ରମୁଖ ଇରାନୀ ଶକ୍ତି କେନ୍ଦ୍ର ଏବଂ ସେତୁ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଯଦି ଏହା ନହୁଏ ତେବେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ ବୋଲି ଚେତାବନୀ ଦେଇଛନ୍ତି। କିନ୍ତୁ ଏଥର ଟ୍ରମ୍ପ୍ ବ୍ୟବହାର କରିଥିବା ଶବ୍ଦଗୁଡ଼ିକୁ ନେଇ ବିଶ୍ୱବ୍ୟାପୀ ବିତର୍କ ସୃଷ୍ଟି କରିଛି। ଖୋଦ୍ ଆମେରିକୀୟ ସାଂସଦ ଟ୍ରମ୍ପ୍‌ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏପରିକି ଜଣେ ସାଂସଦ ରାଷ୍ଟ୍ରପତି ପଦ ପାଇଁ ଟ୍ରମ୍ପ୍ ଅଯୋଗ୍ୟ ବୋଲଇ କହିଛନ୍ତି।

ଟ୍ରମ୍ପ୍‌ଙ୍କ ବକ୍ତବ୍ୟ ଏବଂ ଏଥିରେ ବ୍ୟବହୃତ ଭାଷାକୁ କେବଳ ଇରାନରେ ନୁହେଁ ବରଂ ଆମେରିକା ଭିତରେ ମଧ୍ୟ ସମାଲୋଚନା କରାଯାଉଛି। ନ୍ୟୁ ମେକ୍ସିକୋର ଜଣେ ଡେମୋକ୍ରାଟିକ୍ କଂଗ୍ରେସର



ମହିଳା ସାଂସଦ ମେଲାନି ଷ୍ଟାନ୍ସବରୀ କହିଛନ୍ତି ଯେ କଂଗ୍ରେସ ଏବଂ କ୍ୟାବିନେଟ୍ ଏବେ ଟ୍ରମ୍ପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ୨୫ତମ ସଂଶୋଧନକୁ ଆହ୍ୱାନ କରିବାର ସମୟ ଆସିଛି। କଂଗ୍ରେସ ଏବଂ କ୍ୟାବିନେଟ୍ ଏବେ କାର୍ଯ୍ୟ କରିବା ଉଚିତ।» ଆମେରିକାର ସମ୍ବିଧାନର ୨୫ ତମ ସଂଶୋଧନରେ ରାଷ୍ଟ୍ରପତିଙ୍କୁ 'ଅଯୋଗ୍ୟ' ବିବେଚନା କରି ତାଙ୍କର କ୍ଷମତା ଉପରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରିବା ନେଇ ବ୍ୟବସ୍ଥା ରହିଛି। ଭର୍ମୋଣ୍ଟର ଜଣେ ସିନେଟର ଏବଂ ଦୁଇ ଥର ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ ବର୍ନି ସାଣ୍ଡର୍ସ ଇନଷ୍ଟାଗ୍ରାମରେ ଲେଖିଛନ୍ତି, ଏହି ଭିତ୍ତିହୀନ ବୟାନ ଜଣେ ମାନସିକ ଅସ୍ଥିର ବ୍ୟକ୍ତିଙ୍କଠାରୁ ଆସୁଛି। କଂଗ୍ରେସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଏହି ଯୁଦ୍ଧ ତୁରନ୍ତ ସମାପ୍ତ ହେବା ଜରୁରୀ। ମାସାଚୁସେଟ୍ସ ଡେମୋକ୍ରାଟିକ୍ କଂଗ୍ରେସ ନେତା ଜିମ୍ ମ୍ୟାକଗଭର୍ନ ଏହାକୁ 'ମାନସିକ ବିକାର' ବୋଲି କହିଛନ୍ତି। ସେ ଲେଖିଛନ୍ତି, ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଆବଶ୍ୟକ। ତାଙ୍କର ଆଚରଣ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରେ ଏବଂ ଅତ୍ୟନ୍ତ ବିପଜ୍ଜନକ। ବରିଷ୍ଠ ଡେମୋକ୍ରାଟିକ୍ ସେନେଟର ପାର୍ଟି ମୁରେ ଟ୍ରମ୍ପଙ୍କ ବିବୃତ୍ତି ଉପରେ ଲେଖିଛନ୍ତି, କ୍ଷମତାର ଅହଙ୍କାରରେ ସେ ବିପଜ୍ଜନକ ଯୁଦ୍ଧ ଅପରାଧର ଧମକ ଦେଉଛନ୍ତି। ଆମେରିକାର ରାଷ୍ଟ୍ରପତି ଆମର ସୈନ୍ୟମାନଙ୍କୁ ବିପଦରେ ପକାଇବା ବିଷୟରେ ଏପରି ଭାଷା ବ୍ୟବହାର କରିବା ଉଚିତ୍ ନୁହେଁ। ଏହି ଯୁଦ୍ଧକୁ ତୁରନ୍ତ ସମାପ୍ତ କରିବା ପାଇଁ ରିପବ୍ଲିକାନ ନେତାମାନଙ୍କୁ ଡେମୋକ୍ରାଟଙ୍କ ସହିତ ମିଶିବାକୁ ପଡିବ। ଓରେଗନର ଡେମୋକ୍ରାଟ ସେନେଟର ଜେଫ୍ ମର୍କଲି ଲେଖିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପଙ୍କ ଅପମାନଜନକ ଇଷ୍ଟର ଧମକ ଜଣେ ହତାଶ ଏବଂ ନୈତିକ ଭାବରେ ଦେବାଳିଆ ବ୍ୟକ୍ତିଙ୍କ ଭାଷା। ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ଏହିପରି ଆକ୍ରମଣକୁ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଯୁଦ୍ଧ ଅପରାଧ ଭାବରେ ବିବେଚନା କରାଯାଇପାରିବ। ଆମେରିକାର ସାମରିକ ଅଧିକାରୀମାନଙ୍କୁ ସେ ଅନୁରୋଧ କରିଛନ୍ତି ଯେ, ଯୁଦ୍ଧ ଅପରାଧ ଭଳି ନିର୍ଦ୍ଦେଶ ମାନିବାକୁ ମନା କରିବା ହେଉଛି ସେମାନଙ୍କର ଆଇନଗତ ଦାୟିତ୍ୱ। ଅପରପକ୍ଷେ ଖୋଦ୍ ଇରାନର କେନ୍ଦ୍ରୀୟ ସାମରିକ କମାଣ୍ଡର ଅବଦୋଲ୍ଲାହି ଆଲିଆବାଦୀ ଟ୍ରମ୍ପଙ୍କ ଧମକ ବିଷୟରେ କହିଛନ୍ତି, ଆମେ ଏଠାରେ ଅପମାନଜନକ ଭାଷା ବର୍ଣ୍ଣନା କରିପାରିବୁ ନାହିଁ, କିନ୍ତୁ ଲୋକମାନେ କହୁଛନ୍ତି ଯେ ଜଣେ ରାଷ୍ଟ୍ରପତିଙ୍କ ପାଇଁ ଏପରି ଭାଷା ବ୍ୟବହାର କରିବା ଘୋର ଲଜ୍ଜାଜନକ କଥା।

## ଇରାନ ବିରୋଧୀ ପ୍ରସ୍ତାବକୁ ରୁଷ ଏବଂ ଚୀନର ଭିଟୋ

ନ୍ୟୁୟର୍କ, ୭।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ଆଗତ ଏକ ସଂକଳ୍ପକୁ ରୁଷ ଏବଂ ଚୀନ ଭିଟୋ ପ୍ରୟୋଗ କରି ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ଦୁଇ ପ୍ରଭାବଶାଳୀ ରାଷ୍ଟ୍ରର ବିରୋଧ କାରଣରୁ ହର୍ମୁଜ ପ୍ରଣାଳୀକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ଦିଷ୍ଟ ଜାତିସଂଘର ଏହି ପ୍ରୟାସ ବିଫଳ ହୋଇଛି। ବିଶ୍ୱ ବାଣିଜ୍ୟ ଏବଂ ବିଶେଷ କରି ସାମୁଦ୍ରିକ ପରିବହନ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ଜଳପଥ ସମ୍ପର୍କିତ ନିଷ୍ପତ୍ତିକୁ ନେଇ ଏବେ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ରୁଷ ଏବଂ ଚୀନର ଆଭିମୁଖ୍ୟ ପରେ ଆଗାମୀ ଦିନରେ ଏହି ଅଞ୍ଚଳରେ ରାଜନୈତିକ ଏବଂ ଅର୍ଥନୈତିକ ପ୍ରଭାବ କିପରି ରହିବ ସେ ନେଇ ବିଶ୍ୱ ସମୁଦାୟ ଚିନ୍ତା ପ୍ରକଟ କରିଛି। ବାହାରିନ ଦ୍ୱାରା ଆଗତ ପ୍ରସ୍ତାବଟି ୧୧ଟି ଭୋଟ ପାଇ ବିଫଳ ହୋଇଥିଲା। ପାକିସ୍ତାନ ଏବଂ କଲମ୍ବିଆ ଏଥିରୁ ବିରତ ରହିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଇରାନକୁ ହର୍ମୁଜ ପ୍ରଣାଳୀ ପୁନଃ ଖୋଲିବା ନଚେତ୍ ବ୍ୟାପକ ଆକ୍ରମଣର ସମ୍ମୁଖୀନ ହେବା ପାଇଁ ଧାର୍ଯ୍ୟ କରାଯାଇଥିବା ସମୟସୀମା ପୂର୍ବରୁ ଏହି ଭୋଟ୍ ହୋଇଥିଲା। ଏହି ପ୍ରସ୍ତାବର ବିଫଳତା ବିଶ୍ୱକୁ ଭୁଲ ସଙ୍କେତ ପଠାଇଛି ବୋଲି ବାହାରିନର ବୈଦେଶିକ ମନ୍ତ୍ରୀ କହିଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱ ତୈଳ ଯୋଗାଣର ପ୍ରାୟ ଏକ-ପଞ୍ଚମାଂଶ ଯାତାୟାତ କରେ। ତଥାପି, ରୁଷ ଏବଂ ଚୀନ୍ ଏହି ପଦକ୍ଷେପକୁ ବିରୋଧ କରି ବିବାଦ ବୃଦ୍ଧି ପାଇଁ ଆମେରିକା ଏବଂ ଇସ୍ରାଏଲକୁ ଦାୟୀ କରିଥିଲେ।

## ଇରାନରେ ଭାରତୀୟଙ୍କ ପାଇଁ ପରାମର୍ଶ ଜାରି କଲେ ସରକାର

ନୂଆଦିଲ୍ଲୀ, ୭।୪(ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ଏବଂ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ସେଠାରେ ରହୁଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଜରୁରୀକାଳୀନ ସୁରକ୍ଷା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଆଗାମୀ ୪୮ ଘଣ୍ଟା ପାଇଁ ସେଠାରେ ଥିବା ସମସ୍ତ ଭାରତୀୟଙ୍କୁ ଅତ୍ୟନ୍ତ ସତର୍କ ରହିବାକୁ ଏବଂ ନିଜ ବାସଭବନରେ ସୁରକ୍ଷିତ ଭାବେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୂତାବାସର ମୁଖ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ, ଭାରତୀୟମାନେ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଯେଉଁଠି ଅଛନ୍ତି ସେଇଠି ରୁହନ୍ତୁ ଏବଂ ବାହାରକୁ ବାହାରନ୍ତୁ ନାହିଁ ବୋଲି କୁହାଯାଇଛି। ସାମରିକ ପ୍ରତିଷ୍ଠାନ, ବୈଦ୍ୟୁତିକ କେନ୍ଦ୍ର ଏବଂ ବହୁତଳ ପ୍ରାସାଦର ଉପର ମହଲାଗୁଡ଼ିକରୁ ଦୂରେଇ ରହିବାକୁ କୁହାଯାଇଛି। କେବଳ ଦୂତାବାସର ପରାମର୍ଶ ଏବଂ ସମନ୍ୱୟରେ ହିଁ ଯାତ୍ରା କରିବାକୁ କୁହାଯାଇଛି। ଏପରିକି ସହାୟତା ଫୋନ୍ ନମ୍ବର ଜାରି କରାହୋଇଛି। ଭାରତୀୟ ଦୂତାବାସ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ସମସ୍ତ ଭାରତୀୟଙ୍କୁ କେବଳ ଅଫିସିଆଲ୍ ଅପଡେଟ୍ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି।

# ପୁଣି ଜଳିଲା ମଣିପୁର, ୪ ମୃତ




## ଉଗ୍ରବାଦୀଙ୍କ ଆକ୍ରମଣରେ ଦୁଇ ଶିଶୁଙ୍କ ମୃତ୍ୟୁକୁ ନେଇ ଅସମ୍ଭାଳ ପରିସ୍ଥିତି

ଇମ୍ଫାଲ, ୭।୪(ଏଜେନ୍ସି): କିଛି ଦିନର ବ୍ୟବଧାନ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ମଣିପୁର। ଆକ୍ରମଣରେ ଆଜି ଦୁଇ ଶିଶୁ ପ୍ରାଣ ହରାଇବା ପରେ ରାଜଧାନୀ ଇମ୍ଫାଲ ସମେତ ୫ଟି ଜିଲ୍ଲାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହିସବୁ ଅଞ୍ଚଳରେ ଉତ୍ତ୍ୟକ୍ତ ଲୋକେ ବ୍ୟାପକ ହିଂସାକାଣ୍ଡରେ ମାତିଛନ୍ତି। ସେମାନେ ଥାନା ସମେତ ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ନିଆଁ ଲଗାଇଦେଇଛନ୍ତି। ଏହି ହିଂସାରେ ବର୍ତ୍ତମାନ ସୁଦ୍ଧା ୪ ଜଣ ପ୍ରାଣ ହରାଇଛନ୍ତି। ଲୋକମାନଙ୍କୁ ଶାନ୍ତ ରହିବା ଲାଗି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କିନ୍ତୁ ଲୋକେ କିଛି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। କର୍ଫ୍ୟୁ କଟକଣା ସତ୍ତ୍ୱେ ବିକ୍ଷୋଭ ଜାରି ରଖିବା ସହିତ ବିଭିନ୍ନ ସ୍ଥାନରେ ଆକ୍ରମଣ ଜାରି ରଖିଛନ୍ତି।

ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ସନ୍ଦିଗ୍ଧ ଉଗ୍ରବାଦୀଙ୍କ ମୋର୍ଟାର ଆକ୍ରମଣରେ ଦୁଇଜଣ ଶିଶୁଙ୍କ ମୃତ୍ୟୁ ପରେ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ଉଗ୍ରବାଦୀ ଜଣେ ବ୍ୟକ୍ତିଙ୍କ ଘରେ ଗ୍ରେନେଡ୍ ଆକ୍ରମଣ କରିଥିଲେ । ବିସ୍ଫୋରଣରେ ଦୁଇ ଜଣ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୀଷଣ ଉତ୍ତେଜନା ଦେଖାଦେଇଥିଲା। ଦୁଇ ଶିଶୁଙ୍କ ହତ୍ୟା ପରେ ଉତ୍ତେଜିତ ଜନତା ନିକଟରେ ଥିବା ସିଆରପିଏଫ୍ ଶିବିରରେ ଆକ୍ରମଣ କରିଥିଲେ। ପ୍ରତିବାଦକାରୀମାନେ ବୋମା ଆକ୍ରମଣ ପରେ ସିଆରପିଏଫ୍ ଶିବିରରେ ଜୋର ଜବରଦସ୍ତ ପଶିଥିଲେ। ସେମାନେ ଶିବିରରେ ଥିବା ଯାନବାହନ ଜଳାଇବା ସହ ଭଙ୍ଗାରୁଜା କରିଥିଲେ। ଫଳରେ ସୁରକ୍ଷା ବାହିନୀ ଗୁଳି ଚଳାଇବାକୁ ବାଧ୍ୟ ହୋଇଥିଲେ। ଏଥିରେ ୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୫ ଜଣ ଆହତ ହୋଇଛନ୍ତି।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରକାର ଏହି ବିସ୍ଫୋରଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) କୁ ହସ୍ତାନ୍ତର କରିଛନ୍ତି। କର୍ଫ୍ୟୁ ସମୟରେ ଜନସାଧାରଣଙ୍କ ଯାତାୟାତ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। କେବଳ ଜରୁରୀକାଳୀନ ସେବାକୁ ଅନୁମତି ଦିଆଯାଇଛି। ରାଜ୍ୟରେ ଇଣ୍ଟରନେଟ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାହୋଇଛି। ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଛି ଏବଂ ପୁଲିସ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଏହି ଘଟଣା ପଛରେ କେଉଁମାନଙ୍କର ହାତ ରହିଛି ଏବଂ ଏହା ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ, ସେ ନେଇ ଏନ୍ଆଇଏ ତଦନ୍ତ ଆରମ୍ଭ କରିବ। ସ୍ଥାନୀୟ ପ୍ରଶାସନ ଜନସାଧାରଣଙ୍କୁ ଶାନ୍ତି ବଜାୟ ରଖିବାକୁ ଏବଂ କୌଣସି ପ୍ରକାର ଗୁଜବରେ ବିଶ୍ୱାସ ନକରିବାକୁ ଅନୁରୋଧ କରିଛନ୍ତି। ମଣିପୁରରେ ପୂର୍ବରୁ ଲାଗିରହିଥିବା ଅସ୍ଥିରତା ମଧ୍ୟରେ ଏହି ବୋମା ବିସ୍ଫୋରଣ ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ସରକାରୀ ସୂତ୍ର ଅନୁସାରେ, ପରିସ୍ଥିତିର ସମୀକ୍ଷା ପରେ କର୍ଫ୍ୟୁ କୋହଳ କରାଯିବା ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇ-ଆଲର୍ଟରେ ରହିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୩ରେ ମଣିପୁରରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁଁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ହିଂସାରେ ୨୬୦ ଲୋକ ପ୍ରାଣ ହରାଇଥିବା ବେଳେ ୬୨ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହୋଇଥିଲେ। ଏଥିପାଇଁ ରାଜ୍ୟରେ ବୀରେନ ସିଂହଙ୍କନେତୃତ୍ୱାଧୀନ ବିଜେପି ସରକାରକୁ ଇସ୍ତଫା ଦେବାକୁ ପଡ଼ିଥିଲା। ରାଜ୍ୟରେ ଏକ ବର୍ଷରୁ ଅଧିକ ସମୟ ଧରି ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ଏହାପରେ ଗତ ଫେବୃଆରୀ ମାସ।।ରେ ଖେମଚନ୍ଦ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ପୁଣି ଦାୟିତ୍ୱ ସମ୍ଭାଳିଛି।

# ସନ୍ଦେହଘେରରେ ପାଇଲଟ୍ ଉଦ୍ଧାର ଅଭିଯାନ

## ଦୁଇ ଜଣଙ୍କ ପାଇଁ କାହିଁକି ନିୟୋଜିତ ହୋଇଥିଲା ୧୫୫ଟି ଯୁଦ୍ଧବିମାନ?

ତେହେରାନ, ୭।୪(ଏଜେନ୍ସି): ଇରାନ ଆକାଶରେ ଆମେରିକୀୟ ଏ୍ଫ-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଜେଟ୍ ଖସିପଡ଼ିବା ପରେ ଏକ ବୃହତ ଉଦ୍ଧାର ଅଭିଯାନକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି। ମାତ୍ର ଦୁଇଜଣ ସେନା କର୍ମଚାରୀଙ୍କୁ ବଞ୍ଚାଇବା ପାଇଁ ଆମେରିକା ପକ୍ଷରୁ ୧୫୫ଟି ଯୁଦ୍ଧ ବିମାନର ବ୍ୟବହାର କରାଯିବା ଏବଂ ଇରାନର ଏକ ପରିତ୍ୟକ୍ତ ବିମାନ ବନ୍ଦରକୁ କବଜା କରିବା ଘଟଣା ସନ୍ଦେହ ସୃଷ୍ଟି କରିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନୁସାରେ, ଏପ୍ରିଲ ୩ରେ ବିମାନଟି ଖସିପଡ଼ିବା ପରେ ପାଇଲଟଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ କର୍ଣ୍ଣେଲ ପାହ୍ୟାର ଜଣେ ଅଧିକାରୀ ସେହିଠାରେ ରହିଯାଇଥିଲେ। କିନ୍ତୁ ସେ ଗୁରୁତର ଭାବେ ଗୋଡ଼ରେ ଆଘାତ ପାଇବା ସତ୍ତ୍ୱେ ସେହି ଅବସ୍ଥାରେ କାଳେ ୭୦୦୦ ଫୁଟ ଉଚ୍ଚ ପାହାଡ଼ ଉପରେ ଚଢ଼ି ଲୁଚି ରହିଥିଲେ। ତେବେ ସାମରିକ ବିଶେଷଜ୍ଞମାନେ ଏହି ନାଟକୀୟ କାହାଣୀକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି। ମୁଖ୍ୟ ପ୍ରଶ୍ନ ଉଠୁଛି ଯେ, ଯେଉଁ ସ୍ଥାନରେ ବିମାନଟି ଖସିଥିଲା, ସେଠାରୁ ପ୍ରାୟ ୨୦୦ ମାଇଲ୍ ଦୂରରେ ଥିବା ଇସଫାହାନ ଅଞ୍ଚଳରେ ଉଦ୍ଧାର ଅଭିଯାନ ହେଲା କାହିଁକି। ପୁଣି ଏତେ ଦୂରରୁ ପାହାଡ଼ ଉପରକୁ ଆହତ ଅବସ୍ଥାରେ କର୍ଣ୍ଣେଲ ଜଣକ ଗଲେ କିପରି। ତାଙ୍କୁ ଧରିବାକୁ ୬୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶି ଘୋଷଣା କରିଥିଲା ଇରାନ। ଏହାସତ୍ତ୍ୱେ ସେ ଖସିଗଲେ କେମିତି?

■ ଇରାନରେ ପରିତ୍ୟକ୍ତ ବିମାନ ବନ୍ଦରକୁ କବଜା କରିଥିଲା ଆମେରିକା
■ ଧରାପଡ଼ିବା ଭୟରେ ନିଜର ଦୁଇଟି ବିମାନକୁ ଧ୍ୱଂସ କରିଥିଲା
■ ୟୁରାନିୟମ ଚୋରି ପାଇଁ ଚାଲ: ଇରାନ



ଉଲ୍ଲେଖଯୋଗ୍ୟ ଯେ, ଇସଫାହାନରେ ଇରାନର ମୁଖ୍ୟ ୟୁରାନିୟମ ଭଣ୍ଡାର ରହିଛି। ଏହି ଅଭିଯାନ ସମୟରେ ଆମେରିକାର ଦୁଇଟି ଏମ୍ସି-୧୩୦ ବିମାନ ନଷ୍ଟ ହୋଇଛି। ଆମେରିକାର ଦାବି ଅନୁଯାୟୀ, ବାଲିରେ ବିମାନ ଫସିଯିବାରୁ ସେଗୁଡ଼ିକୁ ଶତ୍ରୁ ହାତରେ ନଦେବା ପାଇଁ ନଷ୍ଟ କରାଯାଇଛି। ମାତ୍ର ଇରାନ ଦାବି କରିଛି ଯେ ସେମାନଙ୍କ ସେନା ଏହି ବିମାନଗୁଡ଼ିକୁ ଖସାଇ ଦେଇଛନ୍ତି। ଜଣେ ପୂର୍ବତନ ସିଆଇଏ ଅଧିକାରୀଙ୍କ ମତରେ, ଏହି ବିମାନଟି ହୁଏତ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲା। ୧୫୫ଟି ବିମାନ ସହ ବିଶାଳ ସୈନ୍ୟ ଅଭିଯାନ ୟୁରାନିୟମ କେନ୍ଦ୍ର ନିକଟରେ ହିଁ ପରିଚାଳିତ କରିବା ଦର୍ଶାଉଛି ଯେ, ଏହା କେବଳ ଏକ ଉଦ୍ଧାର କାର୍ଯ୍ୟ ନଥିଲା ବରଂ ଏହା ପଛରେ କୌଣସି ଗୁପ୍ତ ଉଦ୍ଦେଶ୍ୟ ରହିଥିଲା। ଟ୍ରମ୍ପଙ୍କ ଦ୍ୱାରା ବର୍ଣ୍ଣିତ ହଲିଉଡ୍ ଶୈଳୀର ଉଦ୍ଧାର ଅଭିଯାନରେ ଅନେକ ରହସ୍ୟ ଲୁଚିଥିବା ଅନୁମାନ କରାଯାଉଛି। ଏହାର ସତ୍ୟାସତ୍ୟ ଏବେ ଯାଏଁ ଅସ୍ପଷ୍ଟ।

## ଅଚେତ ଅବସ୍ଥାରେ ଇରାନର ସୁପ୍ରିମ ନେତା ମୋଜତବା ଖାମେନେଇ!



ନୂଆଦିଲ୍ଲୀ, ୭।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ସମୟ ମଧ୍ୟରେ ଇରାନରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଇରାନର ନୂତନ ସୁପ୍ରିମ ଲିଡ଼ର ମୋଜତବା ଖାମେନେଇ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ଏବଂ ବର୍ତ୍ତମାନ ଅଚେତନ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ବ୍ରିଟେନର ସମ୍ବାଦପତ୍ର 'ଦ ଟାଇମ୍ସ'ର ଏକ ରିପୋର୍ଟ ଅନୁଯାୟୀ, ମୋଜତବା ବର୍ତ୍ତମାନ କୋମ ସହରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗତ ଫେବୃଆରୀ ୨୮ରେ ହୋଇଥିବା ଆମେରିକା ଏବଂ ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ମୋଜତବା ଗୁରୁତର ଭାବେ ଆହତ ହୋଇଥିଲେ, ଯେଉଁ ଆକ୍ରମଣରେ ତାଙ୍କ ପିତା ତଥା ଇରାନର ପୂର୍ବତନ ସୁପ୍ରିମ ଲିଡ଼ର ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ପିତାଙ୍କ ମୃତ୍ୟୁ ପରେ ମୋଜତବାଙ୍କୁ ଦେଶର ଶାସନ ଭାର ଅର୍ପଣ କରାଯାଇଥିଲା, କିନ୍ତୁ ଆହତ ହେବା ପରଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନାହିଁ। ଆମେରିକା ଏବଂ ଇସ୍ରାଏଲର ଗୋଇନ୍ଦା ସୂଚନା ଆଧାରରେ ଏହି ଦାବି କରାଯାଇଛି। ଦାବି ଅନୁଯାୟୀ, ମୋଜତବାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ସେ ଦେଶର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା କିମ୍ବା ଶାସନ ପରିଚାଳନା କରିବା ସ୍ଥିତିରେ ନାହାଁନ୍ତି। ସୁପ୍ରିମ ଲିଡ଼ର ଦାୟିତ୍ୱ ନେବା ପରଠାରୁ ଏଯାଏଁ ସେ ସାର୍ବଜନୀନ ଭାବେ ସାମ୍ନାକୁ ଆସିନାହାଁନ୍ତି। ଏହା ତାଙ୍କର ସ୍ୱାସ୍ଥ୍ୟାବସ୍ଥା ନେଇ ଅନେକ ଆଶଙ୍କା ଉତ୍ପନ୍ନ କରିଛି। ଅନ୍ୟପଟେ, ଇରାନର ସରକାରୀ ଅଧିକାରୀମାନେ ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ମୋଜତବା ସୁସ୍ଥ ଅଛନ୍ତି ଏବଂ ଦେଶ ତଥା ଯୁଦ୍ଧ ପରିସ୍ଥିତି ଉପରେ ନଜର ରଖିଛନ୍ତି ବୋଲି ସେମାନେ କହିଛନ୍ତି। କିଛି ଦିନ ପୂର୍ବେ ତାଙ୍କର ଲିଖିତ ବିବୃତ୍ତି ଏବଂ ଏକ ପୁରୁଣା ଭିଡ଼ିଓ ମଧ୍ୟ ଜାରି କରାଯାଇଥିଲା। ଗତକାଲି ଟ୍ରମ୍ପ ଇରାନକୁ ଗୋଟିଏ ରାତିରେ ଧ୍ୱଂସ କରିଦେବାକୁ ଧମକ ଦେଇଥିବା ବେଳେ ଆଜି ମୋଜତବାଙ୍କ ଅଚେତନ ଖବର ବିଶ୍ୱ ରାଜନୀତିରେ ଚହଳ ପକାଇଛି।

## ଦିଲ୍ଲୀରେ ପହଞ୍ଚିଲା ଆସାମ ରାଜନୀତି, ଖେରାଙ୍କ ଘରେ ହିମନ୍ତଙ୍କ ପୁଲିସ

■ ଆସାମ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ପାସପୋର୍ଟ ବିବାଦ
■ ପବନ ଖେରାଙ୍କ ଦିଲ୍ଲୀ ବାସଭବନରେ ଆସାମ ପୁଲିସର ଚଢ଼ଉ



ନୂଆଦିଲ୍ଲୀ, ୭।୪(ଏଜେନ୍ସି): ଆସନ୍ତା ୯ ତାରିଖରେ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଆଜି ପ୍ରଚାର ଅଭିଯାନ ଶେଷ ହୋଇଥିବା ବେଳେ ରାଜ୍ୟ ରାଜନୀତି ଏବେ ଦିଲ୍ଲୀରେ ଯାଇ ପହଞ୍ଚିଛି। ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିବା କଂଗ୍ରେସର ବରିଷ୍ଠ ନେତା ପବନ ଖେରାଙ୍କୁ ଅଡୁଆରେ ପକାଇବା ଲାଗି ଲାଗିପଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ଆଜି ସକାଳେ ଆସାମ ପୁଲିସର ଏକ ଦଳ ଦିଲ୍ଲୀ ପୁଲିସ ସହାୟତାରେ ରାଜଧାନୀର ନିଜାମୁଦ୍ଦିନ ଇଷ୍ଟ ସ୍ଥିତ ଖେରାଙ୍କ ବାସଭବନରେ ପହଞ୍ଚିଛନ୍ତି। ଏହି ମାମଲାରେ ତାଙ୍କୁ ପଚରାଉଚରା କରିବାକୁ ଯାଇଥିବା ଆସାମ ପୁଲିସକୁ ଖେରା ମିଳିନଥିଲେ।

କଂଗ୍ରେସର ମିଡ଼ିଆ ଏବଂ ପ୍ରଚାର ବିଭାଗର ମୁଖ୍ୟ ପବନ ଖେରା ଗତ ରବିବାର ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ନିକଟରେ ୩ଟି ଦେଶର ପାସପୋର୍ଟ ରହିଛି। ଏଥିସହ ଶର୍ମାଙ୍କ ପରିବାରର ଆମେରିକାରେ ପ୍ରାୟ ୫୨ ହଜାର କୋଟି ଟଙ୍କାର ବ୍ୟବସାୟିକ ସ୍ୱାର୍ଥ ରହିଥିବା ଦାବି କରିଥିଲେ। ଏହି ଅଭିଯୋଗ ନେଇ ରିନିକି ଭୂୟାଁ ଶର୍ମା ସୋମବାର ଗୁଆହାଟୀ କ୍ରାଇମ ବ୍ରାଞ୍ଚରେ ଏକ ମାମଲା ଦାୟର କରିଥିଲେ। ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପବନ ଖେରାଙ୍କ ଘରେ ପୁଲିସ ଚଢ଼ଉ କରାଯାଇଛି। ତେବେ ଚଢ଼ଉ ସମୟରେ ପବନ ଖେରା ଘରେ ଉପସ୍ଥିତ ନଥିଲେ। ସେ ବର୍ତ୍ତମାନ ହାଇଦ୍ରାବାଦରେ ଥିବା କଥା ଦଳ ପକ୍ଷରୁ କୁହାଯାଇଛି। ଖେରାଙ୍କ ଘର ତଲାସୀ ପରେ ଆସାମ ପୁଲିସର ସହକାରୀ କମିସନର ଦେବଜିତ ନାଥ କହିଛନ୍ତି ଯେ, ଖେରାଙ୍କ ବାସଭବନରୁ କିଛି ବୈଦ୍ୟୁତିକ ଉପକରଣ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଅନ୍ୟପଟେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥରେ ପ୍ରଶ୍ନ ପଚାରିଥିବାରୁ ପୁଲିସ ବାହିନୀ ବ୍ୟବହାର କରି ଖେରାଙ୍କୁ ଚୁପ୍ କରିବାକୁ ଉଦ୍ୟମ କରାଯାଉଛି।। ପରାଜୟଭୟରେ ମୁଖ୍ୟମନ୍ତ୍ରୀ ପ୍ରତିଶୋଧପରାୟଣ ହୋଇଥିବା ସେ କହିଛନ୍ତି।

## ଏସଆଇଆରରେ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ ଟାର୍ଗେଟ କରାଯାଉଛି: ମମତା

କୋଲକାତା, ୭।୪(ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) କୁ ନେଇ ନିର୍ବାଚନ କମିସନ ଉପରେ ପୁଣି ଥରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ଅଭିଯୋଗ କିରିଛନ୍ତି ଏସଆଇଆର ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ ଟାର୍ଗେଟ କରାଯାଉଛି। ଦଲିଲପତ୍ର ଥିବା ସ।।ତ୍ତ୍ୱେ ସେମାନଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଉଛି। ସଂଶୋଧନ ବେଳେ ମୁସଲିମ ଅଧ୍ୟୁଷିତ ମୁର୍ଶିଦାବାଦ, ମାଲଦା ଏବଂ ଉତ୍ତର ଦିନାଜପୁରରେ ନିର୍ବାଚନ କମିସନ ଆଖିବୁଜା ନାମ କାଟିବାରେ ଲାଗିଛନ୍ତି। ଏମିତି କରି ୯୦ ଲକ୍ଷ ଲୋକଙ୍କର ନାମ କାଟିସାରିଲେଣି କମିସନ। ଯେଉଁମାନଙ୍କର ନାମ କାଟି ଦିଆଯାଉଛି ସେମାନଙ୍କ ସହିତ ଟିଏମସି ରହିଛି ଏବଂ ଆଇନଗତ ଲଢ଼େଇରେ ସେମାନଙ୍କର ସହାୟତା କରିବ ବୋଲି କହିଛନ୍ତି। ଆସନ୍ତା ୨୩ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ବିଧାନସଭା ପାଇଁ ମତଦାନ କରାଯିବ। ଏଥିପାଇଁ ସବୁ ଦଳ ତତ୍ପର ହୋଇଉଠିଛନ୍ତି। ତେବେ ଟିଏମସି ବିଜୟୀ ହେବ ବୋଲି ବିଭିନ୍ନ ସ।।ର୍ଭେ ସଂସ୍ଥା କହିଛନ୍ତି।

## 'କୋଲକାତା ଉପରେ ନଜର ପକାଇଲେ ଭୟଙ୍କର ହେବ ପରିଣତି'



କୋଲକାତା, ୭।୪(ଏଜେନ୍ସି): ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଶକ୍ତ ଚେତାବନୀ ଦେଇଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ କୋଲକାତା ଉପରେ ଆକ୍ରମଣ ଧମକର ଉତ୍ତର ଦେଇ ରାଜନାଥ କହିଛନ୍ତି ଯେ ଯଦି ପାକିସ୍ତାନ କୋଲକାତା ଉପରେ କୁଦୃଷ୍ଟି ପକାଏ, ତେବେ ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ। ସୂଚନାଯୋଗ୍ୟ, ଗତ ଏପ୍ରିଲ ୪ରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଭାରତକୁ ଧମକ ଦେଇଥିଲେ। ଯଦି ଭାରତ କୌଣସି ସାମରିକ ଅଭିଯାନ ପାକିସ୍ତାନ ବିରୋଧରେ କରେ, ତେବେ ଏହି ସଂଘର୍ଷ କୋଲକାତା ଯାଏଁ ପହଞ୍ଚିବ ବୋଲି କହିଥିଲେ। ଆଜି ରାଜନାଥ ପଶ୍ଚିମବଙ୍ଗ ଗସ୍ତରେ ଥିବା ବେଳେ ଏହି ଉତ୍ତେଜନାମୂଳକ ବୟାନର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ୫୫ ବର୍ଷ ପୂର୍ବେ ପାକିସ୍ତାନ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଯଦି ପାକିସ୍ତାନ ବଙ୍ଗଳା ଉପରେ ଖରାପ ନଜର ପକାଇବାକୁ ଚେଷ୍ଟା କରେ, ତେବେ ଏଥର ପାକିସ୍ତାନର କେତେ ଖଣ୍ଡ ହେବ ତାହା କେବଳ ଭଗବାନଙ୍କୁ ଜଣା। ତେବେ ପାକିସ୍ତାନର ଏହି ଧମକକୁ ନେଇ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ଟିଏମସି ନେତା ଅଭିଷେକ ବାନାର୍ଜୀ କହିଛନ୍ତି ଯେ ନିଜକୁ '୫୬ ଇଞ୍ଚ' ବୋଲି କହୁଥିବା ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଏତେ ବ୍ୟସ୍ତ ଯେ ବାହ୍ୟ ଶକ୍ତିର ଏଭଳି ସିଧାସଳଖ ଧମକର ଜବାବ ଦେବାକୁ ତାଙ୍କ ପାଖରେ ସମୟ ନାହିଁ। ସେହିଭଳି ବଙ୍ଗଳା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ନିର୍ବାଚନ ରାଲିରେ ବଙ୍ଗଳାକୁ ଟାର୍ଗେଟ କରୁଥିବା ପ୍ରଧାନମନ୍ତ୍ରୀ ପାକିସ୍ତାନର ଧମକ ଉପରେ କାହିଁକି ଚୁପ୍ ରହିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଛନ୍ତି।

### ପଶ୍ଚିମବଙ୍ଗରେ ନିର୍ବାଚନ, ଓଡ଼ିଶାରେ ପ୍ରଚାର

# ଓଡ଼ିଆ ଅସ୍ମିତା କୁଟୁକୁଟା, ଲାଗିଲା ବଙ୍ଗଳା ହୋର୍ଡିଂ

ପୁରୀ,୭।୪(ସମିସ): ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗ କମ୍ପୁଛି, ମାତ୍ର ଓଡ଼ିଶାରେ ଦେଖିବାକୁ ମିଳିଛି ତାହାର ପ୍ରତିଫଳନ । ବିଜେପିର ଅନେକ ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏପରିକି ଜିଲ୍ଲାସ୍ତରୀୟ ନେତା ବି ପଶ୍ଚିମବଙ୍ଗରେ ଡ଼େରା ପକାଇଛନ୍ତି । ମାତ୍ର ପଶ୍ଚିମବଙ୍ଗ ନିର୍ବାଚନ ପ୍ରେମରେ ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ରାସ୍ତାକୁ ଫିଙ୍ଗି ଦେଇଛନ୍ତି । ଓଡ଼ିଆ ହୋର୍ଡିଂକୁ ଫାଡ଼ି ପୁରୀରେ ଲଗାଇଛନ୍ତି ବଙ୍ଗଳା ଭାଷାର ହୋର୍ଡିଂ । ବଙ୍ଗୀୟ ପର୍ଯ୍ୟଟକଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ ଲାଗିଥିବା ଏହି ହୋର୍ଡିଂରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀ, ଓଡ଼ିଶା ବିଜେପି ସଭାପତି, ମୁଖ୍ୟମନ୍ତ୍ରୀଙ୍କ ସହ ବିଜେପିର ନିର୍ବାଚନୀ ଚିହ୍ନ ରହିଛି । ବିଡ଼ମ୍ବନା ହେଉଛି ବେଳାଭୂମିରେ ଅସ୍ଥି ବିସର୍ଜନ ଏବଂ ଶ୍ରାଦ୍ଧ କର୍ମ ପାଇଁ ଲଗାଯାଇଥିବା ସୂଚନା ଫ୍ଲେକ୍ସକୁ ଚିରି ଏହି ହୋର୍ଡିଂକୁ ସ୍ଥାନ ଦିଆଯିବା ପୁରୀ ସହରବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।

ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିରେ ଦେଖିବାକୁ ବଙ୍ଗୀୟ ଭାଷାରେ ଲେଖାଥିବା ଏକ ହୋର୍ଡିଂ ଦେଖିବାକୁ ମିଳିଛି ଓ ଏଥିରେ ପଶ୍ଚିମବଙ୍ଗ ନିର୍ବାଚନ ସଂକ୍ରାନ୍ତରେ ବିଜେପିକୁ ଭୋଟ ଦେବାକୁ ଅନୁରୋଧ କରାଯାଇଛି । ପୁରୀକୁ ଯେହେତୁ ଅଧିକ ସଂଖ୍ୟକ ବଙ୍ଗୀୟ ପର୍ଯ୍ୟଟକ ଆସିଥାନ୍ତି, ତେଣୁ ସେମାନଙ୍କ ସମର୍ଥନ ପାଇବା ପାଇଁ ଏହି ହୋର୍ଡିଂଟି ଲଗାଯାଇଛି ଏବଂ ଏଥିରେ 'ଶ୍ରୀଜଗନ୍ନାଥ ଧାମକୁ ଆପଣଙ୍କୁ ସ୍ୱାଗତ ଜଣାଉଛୁ । ପଶ୍ଚିମବଙ୍ଗର ସନାତନୀମାନଙ୍କର ଅଧିକାର ସୁରକ୍ଷା ପାଇଁ ଆପଣଙ୍କ ଯୋଗଦାନ ଆମେ ଅଶା କରୁଛୁ' ବୋଲି ବଙ୍ଗଳାଭାଷାରେ ଲେଖାଯାଇଛି ।




ପୁରୀରେ ବିଜେପିର ଏହି ହୋର୍ଡିଂ ସ୍ଥାନୀୟ ବାସିନ୍ଦାଙ୍କୁ କ୍ଷୁବ୍ଧ କରିଛି । ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଏହି ପ୍ରସଙ୍ଗରେ ଓଡ଼ିଆ ଅସ୍ମିତାକୁ ରାଜ୍ୟ ସରକାର ଶ୍ରାଦ୍ଧ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ମହୋଦଧିରେ ପିଣ୍ଡଦାନ, ଅସ୍ଥି ବିସର୍ଜନ, ଶ୍ରାଦ୍ଧ, ସଂକଳ୍ପ ଓ ଦଶାହ କର୍ମ କରାଯାଉଥିବା ସ୍ଥାନରେ ସାବୁତ ନିଯୋଗ ପକ୍ଷରୁ ଏକ ହୋର୍ଡିଂ ଲଗାଯାଇଥିଲା । ବାହାରୁ ଆସୁଥିବା

### ଓଡ଼ିଆ ଅସ୍ମିତାକୁ ଶ୍ରାଦ୍ଧ: ଆପ୍

ଯାତ୍ରୀମାନେ ସହଜରେ ଏ ସଂକ୍ରାନ୍ତରେ ସୂଚନା ପାଇ ଅସ୍ଥି ବିସର୍ଜନ ଏବଂ ଶ୍ରାଦ୍ଧ କର୍ମ ଇତ୍ୟାଦି କରୁଥିଲେ । ମାତ୍ର ତାହାକୁ ଚିରି ତା' ଉପରେ ବଙ୍ଗୀୟ ଯାତ୍ରୀଙ୍କ ସ୍ୱାଗତ ହୋର୍ଡିଂ ଲଗାଯିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସେ କହିଛନ୍ତି । ମହୋଦଧି କୂଳରେ ଥିବା ପ୍ରଧାନ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ ଘାଟକୁ ଅନ୍ତର୍ବେଦୀର ଅଂଶ ଭାବରେ ବିବେଚନା କରାଯାଏ । ହିନ୍ଦୁ ପରମ୍ପରାରେ ଅସ୍ଥି ବିସର୍ଜନ ଏବଂ ଶ୍ରାଦ୍ଧ କାର୍ଯ୍ୟ ପାଇଁ ଏହା ଅତି ପବିତ୍ର ସ୍ଥାନ ଭାବେ ଗଣାଯାଏ । ହେଲେ ଏଭଳି ଭକ୍ତି, ବିଶ୍ୱାସ, ପ୍ରଥା ଓ ପରମ୍ପରା ସହ ଯୋଡି ହୋଇ ରହିଥିବା ସ୍ଥାନରେ ଓଡ଼ିଆ ଅସ୍ମିତାକୁ ଦଳିଚକଟି ବିଜେପି ପଶ୍ଚିମବଙ୍ଗ ନିର୍ବାଚନ ପ୍ରେମ ଦେଖାଇବା ଲଜ୍ଜାଜନକ ବୋଲି କହିଛନ୍ତି ଆପ୍ ଜିଲ୍ଲା ସଭାପତି ଓ ସମ୍ପାଦକ ଶ୍ରୀ ମହାନ୍ତି ।

### ନବୀନ ନିବାସରେ ଯାଜପୁର ଜିଲ୍ଲାର ବିଜେଡି ବିଧାୟକ ଓ ନେତୃବୃନ୍ଦ

# ଲୋକଙ୍କ ସେବା ଜାରି ରଖିବାକୁ ନବୀନଙ୍କ ପରାମର୍ଶ



ଭୁବନେଶ୍ୱର,୭।୪(ସମିସ): ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ବିଧାୟକ ଗଣ ତଥା ନେତୃବୃନ୍ଦ ମଙ୍ଗଳବାର ସକାଳେ ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଏହି ଅବସରରେ ସେମାନେ ନବୀନଙ୍କ ସହ ଜିଲ୍ଲାର ରାଜନୈତିକ ପରିସ୍ଥିତି ଓ ବିକାଶ କାମ ସମ୍ପର୍କରେ ଆଲୋଚନା ନବୀନଙ୍କ ସହ ଆଲୋଚନା କରିଛନ୍ତି । ନୂଆ ସରକାର ଦାୟିତ୍ୱ ନେବା ପରେ ଜିଲ୍ଲାରେ ବିକାଶ କାମରେ ସ୍ଥାଣୁତା ଦେଖା ଦେଇଥିବାରୁ ଶ୍ରୀ ପଟ୍ଟନାୟକ ଉଦବେଗ ପ୍ରକାଶ କରିଛନ୍ତି । ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି ।

ରାଜ୍ୟରେ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ବିଜେପି ସରକାର ସଙ୍କୁଚିତ କରି ଦେଇଥିବାରୁ ପରିସ୍ଥିତି କିପରି ଅଧିକ ଗମ୍ଭୀର ହୋଇଛି ସେ ସମ୍ପର୍କରେ ନେତୃବୃନ୍ଦ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଛନ୍ତି । ସେହିପରି ବ୍ୟାପକ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟିଛି ଏବଂ ଜନସାଧାରଣ ବିଶେଷ କରି ମା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ଜିଲ୍ଲାରେ ବିଜେଡିର ସାଂଗଠନିକ ସ୍ଥିତିକୁ କିପରି ଆହୁରି ମଜବୁତ କରାଯାଇ ପାରିବ ସେ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଜିଲ୍ଲାର ନେତାମାନଙ୍କ ସହ ମତ ବିନିମୟ କରିଥିଲେ । ଏହି ଅବସରରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡେଇ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ କ୍ୟାପଟେନ ଏସ କେ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପିଜି ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ

ଭୁବନେଶ୍ୱର,୭।୪(ସମିସ): ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) ସୂଚୀ ପ୍ରକାଶ ପାଇଛି । ଦିନକୁ ୨ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ । ପ୍ରଥମ ସିଫ୍ଟ ସକାଳ ୧୦ଟାରୁ ଏବଂ ଦ୍ୱିତୀୟ ସିଫ୍ଟ ଅପରାହ୍ଣ ୩ଟାରୁ ଆରମ୍ଭ ହେବ । ପ୍ରତି ସିଫ୍ଟରେ ୧ ଘଣ୍ଟା ୪୦ ମିନିଟ୍ ଲେଖାଏଁ ପରୀକ୍ଷା ଦେବେ ଛାତ୍ରଛାତ୍ରୀ । ମେ' ୫ ତାରିଖ ଅର୍ଥାତ୍ ପ୍ରଥମ ଦିନ ବାଣିଜ୍ୟ ସମେତ ବାଇଓଟେକ୍ନୋଲୋଜି ଓ ସୋସିଓଲୋଜି ପରୀକ୍ଷା ରହିଛି । ରବିବାର ବ୍ୟତୀତ ନିୟମିତ ଭାବେ ୧୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି)ରେ ୱେବସାଇଟ୍ ସମେତ ସାମସ୍ ସାଇଟ୍‌ରେ ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ଚଳିତବର୍ଷ ସମୁଦାୟ ୩୧,୯୧୫ ସିଟ୍ ପାଇଁ ୫୮,୭୦୮ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ଏପ୍ରିଲ୍ ୩୦ ତାରିଖରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ । ୧୯ରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ ପାଇବ । ଏହି ଆନସାର୍‌କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆପତ୍ତି ଥିଲେ, ୨୦ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ । ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ଦେବାକୁ ହେବ । ଏହା ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଆଉ ଫେରସ୍ତ କରାଯିବ ନାହିଁ । ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ମେଧା ତାଲିକା ପ୍ରକାଶ ପାଇବ ।

**ମେ' ୫ରୁ ୧୬ ଯାଏଁ ପରୀକ୍ଷା**

### ଗୋ-ମାଫିଆଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ

# ୪୬ ଲକ୍ଷ ଟଙ୍କା, ୨ କେଜି ସୁନା ଓ ୬ କାର୍ ଜବତ

ବାରିପଦା/ରାଇରଙ୍ଗପୁର/ବାଲେଶ୍ୱର/ଭଦ୍ରକ, ୭।୪ (ସମିସ): ପୂର୍ବାଞ୍ଚଳ ରେଞ୍ଜ ପୁଲିସ ବିଭାଗ ପକ୍ଷରୁ ଆଜି ୩ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ଗୋ-ମାଫିଆଙ୍କ ଘରେ ଚଢ଼ଉ କରାଯାଇ ବିପୁଳ ଟଙ୍କା, ସୁନାଗହଣା ଓ ବନ୍ଧୁକ ସମେତ ମାରଣାସ୍ତ୍ର ଜବତ କରାଯାଇଛି । ୩ ଜିଲ୍ଲାରେ ହୋଇଥିବା ଏହି ସ୍ୱତନ୍ତ୍ର ଧରପଗଡ଼ରେ ମୋଟ ୩୩ଟି ସ୍ଥାନରେ ଚଢ଼ଉ କରାଯାଇଥିବା ବେଳେ ମୋଟ ୪୬ଲକ୍ଷ ୧ହଜାର ୯୨୭ଟଙ୍କା, ୧୮୫୭ ଗ୍ରାମ ଓଜନର ସୁନାଗହଣା, ୭କେଜି ୮୭୩ ଗ୍ରାମ୍‌ର ରୁପା, ୨୫ଟି ଚାରିଚକିଆ, ୨ଟି ଅଟୋ, ୩୩ଟି ଦୁଇ ଚକିଆ ଗାଡ଼ି ଜବତ କରିଛି । ଏଥିସହ ୬ ଭୁଜାଲି, ଗୋଟିଏ ଖେଳଣା ବନ୍ଧୁକ, ୭୦ଟି ପାସବୁକ୍, ୨୦ଟି ଏଟିଏମ୍ କାର୍ଡ, ୧୦ଟି ମୋବାଇଲ ଫୋନ, ୩୨ଟି ପ୍ଲଟ୍‌ର କାଗଜପତ୍ର ଜବତ ହୋଇଛି । ଚଢ଼ଉ ବେଳେ ପୁଲିସ ମୋଟ ୧୨ଜଣ ଗୋ-ମାଫିଆଙ୍କୁ ଉଠାଇ ଆଣିଛି ।

ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ଏକକାଳୀନ ତିନୋଟି ଜିଲ୍ଲାରେ ବ୍ୟାପକ ଚଢ଼ଉ କରାଯାଇଥିଲା । ତିନୋଟି ଜିଲ୍ଲାର ଏସ୍‌ପିଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା । ଏଥିରେ ୬





ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ବେଳେ ୩ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୨ଜଣ ଇନ୍ସପେକ୍ଟର୍‌ଙ୍କ ସମେତ ୭୫ ଏସ୍‌ଆଇ ଏବଂ ଏଏସ୍‌ଆଇ ନିୟୋଜିତ ହୋଇଥିଲେ ।

ସେହିପରି, ମୟୂରଭଞ୍ଜ ଜିଲ୍ଲାରେ ୧୫ଟି ସ୍ଥାନରେ ଚଢ଼ଉ କରାଯାଇଥିବା ବେଳେ ୬ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ । ଏହାଛଡା ୪ଜଣ ଆଡିସିନାଲ ଏସପି, ୩ଜଣ ଡିଏସପି, ୧୫ଜଣ ଇନ୍ସପେକ୍ଟରଙ୍କ ସମେତ ୩୦ଜଣ ଏସଆଇ ଏବଂ ଏଏସଆଇ ନିୟୋଜିତ ଥିଲେ । ଏହି ଚଢ଼ଉରେ ନଗଦ ୧୩ଲକ୍ଷ ଟଙ୍କା ସହ ୬ଟି କାର ଓ ୧୨ଟି ମୋଟର ସାଇକେଲ ଜବତ କରାଯାଇଥିବା ବେଳେ ୫ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ଜବତ କରାଯାଇଛି । ସେହିପରି, ଭଦ୍ରକ ଜିଲ୍ଲାର ୮ଟି ସ୍ଥାନରେ ଚଢ଼ଉ କରାଯାଇଥିବା ବେଳେ ୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ଏଥିରେ ୮ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର୍‌ଙ୍କ ସମେତ ୨୦ଜଣ ଏସ୍‌ଆଇ

**■ ୩ ଜିଲ୍ଲାର ୩୩ ସ୍ଥାନରେ ଚଢ଼ଉ**
**■ ୭ କେଜି ରୁପା, ୭୦ ପାସବୁକ୍, ୩୨ ପ୍ଲଟ୍‌ର ଦଲିଲ୍ ଜବତ**

ଏବଂ ଏଏସ୍‌ଆଇ ନିୟୋଜିତ ଥିଲେ । ଏହି ଚଢ଼ଉ ବେଳେ ନଗଦ ୨୦ଲକ୍ଷ ଟଙ୍କା ସମେତ ୩ଟି ମୋଟର ସାଇକେଲକୁ ଜବତ କରାଯାଇଛି । ଏହାଛଡ଼ା ବହୁ ପରିମାଣର ସୁନାଗହଣା ସାଙ୍ଗକୁ ଗୋଟିଏ ବନ୍ଧୁକ, ଗୋଟିଏ ଖଣ୍ଡା ଜବତ କରାଯାଇଥିବା ବେଳେ ୫ଜଣଙ୍କୁ ଅଟକ ରଖାଯାଇଛି ବୋଲି ଡିଆଇଜି ସୂଚନା ଦେଇଛନ୍ତି । ଚଢ଼ଉ ସରିନଥିବା ବେଳେ ଏହାର ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି ।

# ଆଜିଠୁ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ, ୭।୪ (ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ବୁଧବାରଠାରୁ ଆରମ୍ଭ ହେବ । ପୂର୍ବରୁ ଅର୍ଥାତ୍ ଗତ ମାର୍ଚ୍ଚ ୨୫ତାରିଖରେ ଚଳନ୍ତି ଭଣ୍ଡାର ଘରେ ଥିବା ଅଳଙ୍କାର ଗଣତିମଣତି ସରିଥିବା ବେଳେ ଏହି ଦ୍ୱିତୀୟ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତିମଣତି କରାଯିବ । ଏହା ଏପ୍ରିଲ ୮, ୯, ୧୦ ଓ ୧୧

**■ କେବଳ ବାହାର କାଠରୁ ଦର୍ଶନ କରିବେ ଭକ୍ତ**
**■ ଏପ୍ରିଲ ୧୮ ଭିତରେ ୮ ଦିନ ହେବ ଗଣତିମଣତି**

ତାରିଖ ଲଗାତାର ୪ ଦିନ ଧରି ଚାଲିବା ପରେ ପରବର୍ତ୍ତୀ ଗୋଟିଏ ଦିନ ଅର୍ଥାତ୍ ରବିବାର ବନ୍ଦ ରହିବ । ପୁନଶ୍ଚ ୧୩, ୧୬, ୧୭ ଓ ୧୮ ତାରିଖରେ ଗଣତିମଣତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଆଧାରରେ ଗଣତିମଣତି ହେବ । ପୂର୍ବାହ୍ନ ୧୧ଟାରେ ଗଣତିମଣତି ଆରମ୍ଭ କରାଯିବ । ଗଣତି ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ କରାଯିବ । ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବ । ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ସ୍ୱଚ୍ଛନ୍ଦରେ ପ୍ରବେଶ କରିପାରିବେ । କଡ଼ା ସୁରକ୍ଷା ଦୃଷ୍ଟିରୁ ସର୍ବସାଧାରଣଙ୍କ ନିମନ୍ତେ ଗଣତିମଣତି ଦିନମାନଙ୍କରେ ଦର୍ଶନ ବ୍ୟବସ୍ଥା ଭିତରକାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠ ନିକଟରୁ କରାଯିବ । ଏଣୁ, ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କାର୍ଯ୍ୟରେ ପୂର୍ବପରି ପୂର୍ଣ୍ଣ ସହଯୋଗ ନିମନ୍ତେ ନିବେଦନ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ୧୮ ତାରିଖ ପରେ ପରବର୍ତ୍ତୀ ଗଣତି ଦିନଗୁଡ଼ିକ ଆଗୁଆ ଘୋଷଣା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନାଥାଉ କି, ଶେଷଥର ପାଇଁ ୧୯୭୮ ମସିହାରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି ହୋଇଥିଲା । ମେ' ୧୩ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ପ୍ରାୟ ୭୦ଦିନ ଧରି ଏହା ଚାଲିଥିଲା । ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରକାଶିତ ରତ୍ନଭଣ୍ଡାର ପୁସ୍ତକ ଅନୁଯାୟୀ, ବାହାର ରତ୍ନଭଣ୍ଡାର ଘରେ ୭୯ ପ୍ରକାରର ୮୧.୦୭ କେଜିର ସ୍ୱର୍ଣ୍ଣ, ୩୯ ପ୍ରକାରର ୪୬.୦୭ କେଜିର ରୁପା ଅଳଙ୍କାର ରହିଛି । ରତ୍ନଅଳଙ୍କାର ଗଣତିମଣତି ବେଳେ ତାହାକୁ ମେଳକ କରାଯିବ ।

### ବିଭିନ୍ନ ଶିଳ୍ପ ମୁଖ୍ୟଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ଅଧିକ ଲୁହାପଥର ଉତ୍ପାଦନ ପାଇଁ ପଟ୍ଟାଦାରଙ୍କୁ ପରାମର୍ଶ

ଭୁବନେଶ୍ୱର,୭।୪(ସମିସ): ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ବ୍ୟାପକ ହେଉଥିବା ବେଳେ ଦେଶରେ ଲୁହାପଥରର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ଖଣି ଲିଜ୍‌ଧାରୀଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ, ଶିଳ୍ପପତି ଓ ଶିଳ୍ପ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇଛନ୍ତି ।

ବୈଠକରେ ଉତ୍ପାଦନ ଓ ଡେସ୍‌ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ ଏମଡିପିଏ ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଛି । ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକୀୟ ସମସ୍ତ



ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ ଆଶ୍ୱାସନା ଦେଇଛନ୍ତି । ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି । ତଦନୁଯାୟୀ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା କରାଯିବ ବୋଲି ସୂଚନା ଦିଆଯାଇଛି ।

ଏହି ଅବସରରେ ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ । ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚିବ ଆଲୋକ ସହାୟ, ଜେଏସଡବ୍ଲ୍ୟୁର ସଭାପତି ଅନୀଲ କୁମାର ସିଂ, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର ନିର୍ଦ୍ଦେଶକ ଶ୍ରୀ ଆଲୋକ କୁମାର ମେହେଟ୍ଟା, ଓଏମ୍‌ସିର ଅଧ୍ୟକ୍ଷ ଗିରିଶ ଏସ୍ ଏନ୍, ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧି ମାନେ ଯୋଗଦେଇଥିଲେ ।

### କାଳବୈଶାଖୀର କରାଳ ରୂପ

# ଦୁଇ ବ୍ଲକ୍‌ର ୯ ପଞ୍ଚାୟତ ଛିନ୍ନଛତ୍ର

ତୁରୁମୁଙ୍ଗା, ୭।୪ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା ବ୍ଲକ୍‌ରେ କାଳବୈଶାଖୀ ତାଣ୍ଡବ ରଚିଛି । ଦୁଇଟି ଯାକ ବ୍ଲକ୍‌ର ପ୍ରାୟ ୯ଟି ପଞ୍ଚାୟତ ଏଥିରେ ଗୁରୁତର ପ୍ରଭାବିତ ହୋଇଛି । ବ୍ୟାପକ କ୍ଷୟକ୍ଷତି ହେବା ସହ ଶହଶହ ପରିବାର ବେସାହାରା ହୋଇପଡ଼ିଛନ୍ତି ।

ସୂଚନାନୁସାରେ, ଆଜି ସକାଳୁ ସାହାରପଡ଼ା ବ୍ଲକ୍‌ରେ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ଜୋର୍‌ରେ ପବନ ବୋହିଥିଲା । ବିଶେଷକରି ଦାମାହୁଦା, ମାଛଗଡ଼, କୁମୁଲାବାହାଳି, ଗୋଜାପଥର ଆଦି ଅଞ୍ଚଳରେ ହଠାତ୍ ପାଗ ପରିବର୍ତ୍ତନ ହୋଇଯାଇଥିଲା । ଲୋକେ ସଜାଗ ହେବା ପୂର୍ବରୁ ବର୍ଷା ପବନ ହେବା ସହ ଆକାଶରୁ ବଡ଼ବଡ଼ କୁଆପଥର ଖସିଥିଲା । ଅଞ୍ଚଳରେ ପନିପରିବା ଚାଷ ବ୍ୟାପକ ଭାବରେ ନଷ୍ଟ ହୋଇଛି । ସେହିପରି, ଅପରାହ୍ଣରେ ପାଟଣା ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସାଙ୍ଗକୁ ଭୀଷଣ କୁଆପଥର ମାଡ଼ ହୋଇଥିଲା । ଫଳରେ ରାସ୍ତାଘାଟ, ବିଲବାଡ଼ି ସବୁଆଡ଼େ କୁଆପଥରର ଆସ୍ତରଣ ଜମି କାଶ୍ମୀରର ଭ୍ରମ ସୃଷ୍ଟି କରିଥିଲା । ତେବେ ଏହି କୁଆପଥର





**■ କୁଆପଥର ମାଡ଼ରେ ଗାଡ଼ିମୋଟର ଚେପା**
**■ ଭାଙ୍ଗିଲା ଟାଇଲ ଘର, ଦୁଇ ଗୁରୁତର**

ମାଡ଼ରେ ବଡ଼ପାଟଣା, ଏରେଣ୍ଡେଇ, ମୁଷାଖୋରି, ସୋରାସକେଲା ଡୁମୁରିଆ, ପଲାଣଘାଟି ଚେମଣା ମିରିଗିଖୋଜି, ଚିନାମାଳିପଶି ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପାଟଣା ମୁଖ୍ୟାଳୟ ସହ ବଡ଼ପାଟଣା, ପଞ୍ଚାୟତର ଗୁଳିଦିପଶି, ସଅଁରାପଶି, ସ୍ୱାମଶାସନ ନୂଆସାହି ମୁଣ୍ଡାସାହି, ଝାଟିପଡା, ସାଧୁପଡ଼ା ସହ ମୂଷାଖରୀ ପଞ୍ଚାୟତର ଭାଲୁଘର ପଡ଼ିଆସାହି, ରୁଢ଼ିଆପଡା, ମୂଷାନାଳୀ, ଦକ୍ଷିଣୀପଶି, ଏରେଣ୍ଡେଇ ପଞ୍ଚାୟତର ଏରେଣ୍ଡେଇ, ଡିଆନାଳି ଡୁମୁରିଆ ପଞ୍ଚାୟତର ବାଇଦବଜା ସହ ଚେମଣା ପଞ୍ଚାୟତର ବାରଡାଙ୍ଗୁଆ, ରେଙ୍ଗାଲବେଡା ଗ୍ରାମ ସହ ମିରିଗିଖୋଜି ପଞ୍ଚାୟତର ମିରିଗିଖୋଜି, ଭାଳିଆଡାଳ ଅସନବାହାଳି କଟାବେଡ଼ା ଆଦି ଗ୍ରାମର ଶତାଧିକ ଘରର ଆଜବେଷ୍ଟସ୍, ଟାଇଲ ଛପର ଘର ନଷ୍ଟ ହୋଇଛି । ଅଞ୍ଚଳରେ ଏକର ଏକର ତରଭୁଜ ଚାଷ ପନିପରିବା ଚାଷ ନଷ୍ଟ ହୋଇଛି ।

ସେହିପରି ଶହଶହ କାର କାଚ ଭାଙ୍ଗିବା ସହ ଚେପା ହୋଇଯାଇଛି । ଟାଇଲ ଭାଙ୍ଗି କୁଆପଥର ମୁଣ୍ଡରେ ପଡ଼ି ମଲ୍ଲୀପଶି ଗ୍ରାମର କୁଳମଣି ଷଡ଼ଙ୍ଗୀ ଏବଂ ତାଙ୍କ ମା' ଲକ୍ଷ୍ମୀ ଷଡ଼ଙ୍ଗୀ ଗୁରୁତର ହୋଇଛନ୍ତି ।

ଅପରପକ୍ଷେ, କୁଆପଥର ମାଡ଼ ଜନିତ କ୍ଷତି ବାବଦକୁ କ୍ଷତିପୂରଣ ଯୋଗାଇବାକୁ କ୍ଷତିଗ୍ରସ୍ତ ଲୋକେ ତହସିଲ ଅଫିସ୍ ଆସିଥିଲେ । କିନ୍ତୁ ତହସିଲ କର୍ମଚାରୀ ସେମାନଙ୍କୁ ଦୁର୍ବ୍ୟବହାର କରିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ତହସିଲ ଘେରଉ କରିଥିଲେ । ପରେ ୨୨୦ ନମ୍ବର ଜାତୀୟ ରାଜପଥ ଢେଙ୍କିକୋଟ ପାଟଣା ରାସ୍ତାର ମଲ୍ଲୀପଶି, ଡିଆନାଳି ସାଧୁପଡା ସହ ଧାନବେଣୀ ନିକଟରେ ରାସ୍ତାରୋକ କରିଥିଲେ । ଫଳରେ ଉକ୍ତ ରାସ୍ତାରେ ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଥିଲା । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା । ପ୍ରଶାସନ ପକ୍ଷରୁ ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକ ବିଭିନ୍ନ କ୍ଷତିଗ୍ରସ୍ତ ଗାଁ ବୁଲି ଦେଖିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି । କ୍ଷତିଗ୍ରସ୍ତଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ସହ ସ୍କୁଲ ଘରେ ଆଶ୍ରୟ ଦିଆଯିବ ବୋଲି ପାଟଣା ତହସିଲଦାର କହିଛନ୍ତି ।

### ପାରିବାରିକ କଳହର କରୁଣ ପରିଣତି

# ସ୍ତ୍ରୀକୁ ମାରି ଝୁଲିପଡ଼ିଲା ସ୍ୱାମୀ

ବେଲଗୁଣ୍ଠା,୭।୪(ସମିସ): ବେଲଗୁଣ୍ଠା ବ୍ଲକ ତନରଡ଼ା ପଞ୍ଚାୟତ ଅନ୍ତର୍ଗତ ସରନୂଆପଲ୍ଲୀରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି । ସୋମବାର ବିଳମ୍ବିତ ରାତିରେ ଘରୋଇ କଳହରୁ ପ୍ରଥମେ ସ୍ତ୍ରୀକୁ ହତ୍ୟା କରିଥିଲା ସ୍ୱାମୀ । ପରେ ନିଜେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ଦମ୍ପତି ହେଲେ, ସରନୂଆପଲ୍ଲୀ ଗ୍ରାମର ଚିତ୍ରସେନ ନାଇକ (୨୮) ଏବଂ ତନରଡ଼ା ଗ୍ରାମର ପୂଜା ଦାଶ (୨୬) । ସେମାନଙ୍କ ମୃତ୍ୟୁ ପରେ ୨ ଶିଶୁ ବାପା-ମା' ଛେଉଣ୍ଡ ହୋଇଯାଇଛନ୍ତି ।

**ଦୁଇ ଶିଶୁପୁତ୍ର ବାପା-ମା' ଛେଉଣ୍ଡ**

ସୂଚନାନୁସାରେ, ପ୍ରାୟ ୭ବର୍ଷ ପୂର୍ବେ ସରନୁଆଁପଲ୍ଲୀର ଚିତ୍ରସେନ ତନରଡ଼ା ଗ୍ରାମର ପୂଜାଙ୍କ ମଧ୍ୟରେ ପ୍ରେମବିବାହ ହୋଇଥିଲା । ପ୍ରାୟ ୪ବର୍ଷ ଏକାଠି ରହିବା ପରେ ଚିତ୍ରସେନ କୌଣସି କାମଧନ୍ଦା କରୁ ନ ଥିବାରୁ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳହ ଲାଗି ରହୁଥିଲା । ପରେ କୁଲି ମଜୁରୀ କରିବାକୁ ଚିତ୍ରସେନ ଭୁବନେଶ୍ୱର ଚାଲିଯାଇଥିଲା । ଗତ ୬ ମାସ ହେବ ପୂଜା ମଧ କାମ କରିବାକୁ ଯାଇ ଉଭୟ ଭୁବନେଶ୍ୱରରେ ରହୁଥିଲେ । ଗାଁ ବ୍ୟାଙ୍କରେ କାମ ଥିବାରୁ ରବିବାର ରାତିରେ ପୂଜା ଓ ଚିତ୍ରସେନ ଗାଁକୁ ଆସିଥିଲେ । ସୋମବାର ରାତିରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇ ତାହା ଉଗ୍ରରୂପ ନେଇଥିଲା । ଏକ ପନିକିରେ ଚିତ୍ରସେନ ପୂଜାକୁ ହାଣି ହତ୍ୟା କରିଥିଲେ । ଆକ୍ରମଣରେ ପୂଜାଙ୍କ ମୃତ୍ୟୁ ପରେ ଚିତ୍ରସେନ ଗ୍ରାମଠାରୁ ପ୍ରାୟ ଦୁଇ ଶହ ମିଟର ଦୂରରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ସକାଳେ ଏହା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଭଞ୍ଜନଗର ଏସ୍‌ଡିପିଓ ଡ. ଦୀପକ ମିଶ୍ର, ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର, ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିବା ବେଳେ ଏକ ରକ୍ତଭିଜା ପନିକି ଏବଂ ଏକ ଲୁହା ପାଇପ, ଜବତ କରିଛନ୍ତି । ଏହାପରେ ଏକ ମାମଲା ରୁଜୁ କରି ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଅପରପକ୍ଷେ ଚିତ୍ରସେନ ଓ ପୂଜାଙ୍କ ଚାରିବର୍ଷ ଓ ତିନିବର୍ଷର ଦୁଇପୁତ୍ର ଏବେ ବାପା ମା'ଙ୍କୁ ହରାଇ ବେସାହାରା ହୋଇଯାଇଛନ୍ତି । ପ୍ରଶାସନ ସେମାନଙ୍କ ଦାୟିତ୍ୱ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# କାଳବୈଶାଖୀରେ ଗଛପଡ଼ି ଭାଙ୍ଗିଲା ଘର



**ଅନୁଗୋଳ,୭।୪(ସମିସ):** ଅନୁଗୋଳ ବ୍ଲକ୍ ସଦର ଥାନା ଅନ୍ତର୍ଗତ ଶାବଳ ଭଙ୍ଗାରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଗ୍ରାମର ଏକ ପୁରୁଣା ନିମ୍ବଗଛ ଭାଙ୍ଗି ସୁବାସ ଗୋଛାୟତଙ୍କ ଘର ଉପରେ ପଡ଼ିବାରୁ ତାଙ୍କ ଆଜବେଷ୍ଟ ତିଆରି ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆଜି ଅପରାହ୍ଣ ସମୟରେ କାଳବୈଶାଖୀ ସହ କୁଆପଥର ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ପବନ ହେବାରୁ ଅନେକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ପ୍ରଭାବରେ ଗ୍ରାମରେ ଥିବା ଦୀର୍ଘଦିନର ନିମ୍ବ ଗଛ ଭାଙ୍ଗି ସୁବାସଙ୍କ ଘର ଉପରେ ମାଡ଼ି ବସିଥିଲା। ସୌଭାଗ୍ୟବଶତଃ ଘରୁ ସମସ୍ତେ ବାହାରି ଆସିବାରୁ ବର୍ତ୍ତି ଯାଇଥିଲେ। ଅନ୍ୟପକ୍ଷରେ ବର୍ଷା ଛାଡ଼ିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ପହଞ୍ଚି ଏହି ନିମ୍ବ ଗଛକୁ କଟର ସାହାଯ୍ୟରେ କାଟି ଘର ଉପରୁ ବାହାର କରିଥିଲେ। ତେବେ ଏଥିରେ ଆଜବେଷ୍ଟ ତିଆରି ଘରଟି ଭାଙ୍ଗି ନଷ୍ଟ ହେବା ସହ ଘର ଭିତରେ ଥିବା ଚାଉଳ ସମେତ ଅନ୍ୟାନ୍ୟ ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଘର ନଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## କୁଆପଥର ମାଡ଼ରେ ୨୦ ପରିବାର କ୍ଷତିଗ୍ରସ୍ତ

**ବଅଁରପାଳ,୭।୪(ସମିସ):** ବଅଁରପାଳ ବ୍ଲକ୍ ଅଞ୍ଚଳରେ ଅଦିନିଆ ବର୍ଷା ସହ କୁଆପଥର ମାଡ଼ରେ ପ୍ରାୟ ୨୦ ପରିବାରଙ୍କ ଆଜବେଷ୍ଟସ୍ ଘର ବ୍ୟାପକ କ୍ଷୟକ୍ଷତି ହୋଇଛି। ସୂଚନା ମୁତାବକ ଆଜି ଅପରାହ୍ଣରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଅଚାନକ ଅଦିନିଆ ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। କିନ୍ତୁ ବଅଁରପାଳ ପଞ୍ଚାୟତ ଅଞ୍ଚଳରେ ଭୟାବହ କୁଆପଥର ମାଡ଼ ହେବାରୁ ପଞ୍ଚାୟତର ବଙ୍ଗଳା ସାହି ଓ କଲେଜ ସାହି ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଆଜବେଷ୍ଟସ୍ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଲୋକମାନେ ଗୁରୁତର ଭାବେ ଆହାତ ହୋଇଛନ୍ତି।



## ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ଟ୍ରାଇସାଇକଲ ପ୍ରଦାନ



**କିଶୋରନଗର,୭।୪(ସମିସ):** କିଶୋରନଗର ବ୍ଲକ୍ ଘୋଷର ଗାଁର ଦିବ୍ୟାଙ୍ଗ ବ୍ୟକ୍ତି ବିଶ୍ୱାମିତ୍ର ସାହୁ ଓ ହରଡ଼ାନାଳୀ ଗାଁର ପୀତାମ୍ବର ବିଶ୍ୱାଳଙ୍କୁ ଆଜି ସମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ଦ୍ୱାରା ବ୍ୟାଟେରିଚାଳିତ ଟ୍ରାଇସାଇକଲ ପ୍ରଦାନ କରାଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାୟକ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ସରୋଜ ସାହୁ, ବିଏସ୍ଏସ୍ଓ ଝସକେତନ ସାହୁ ପ୍ରମୁଖ ଯୋଗଦେଇ ଏହି ୨ ବ୍ୟକ୍ତିଙ୍କୁ ବ୍ୟାଟେରିଚାଳିତ ଟ୍ରାଇସାଇକଲ ପ୍ରଦାନ କରିଥିଲେ।

## ଇଗ୍ନୋର ୩୯ତମ ଦୀକ୍ଷାନ୍ତ ସମାରୋହ



**ଅନୁଗୋଳ,୭।୪(ସମିସ):** ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଅନୁଗୋଳ ପ୍ରଥମ ଥର ପାଇଁ ଆଜି ବ୍ଲାକ୍ ଡାଏମଣ୍ଡ, ଅନୁଗୋଳଠାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୯ତମ ଦୀକ୍ଷାନ୍ତ ସମାରୋହ ଆୟୋଜନ କରିଛି। ଏହି ଦୀକ୍ଷାନ୍ତ ସମାରୋହ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କ୍ୟାମ୍ପସ୍‌ରେ ବାବା ସାହେବ ଆମ୍ବେଦକର ସଭାଗାରରେ ଆୟୋଜିତ ହୋଇଥିଲା। ସମାନ୍ତରାଳ ଭାବେ ଭାରତର ୫୧ଟି ଆଞ୍ଚଳିକ କେନ୍ଦ୍ରରେ ବି ଏହା ଆୟୋଜିତ ହେଇଥିଲା। ମୁଖ୍ୟ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପୌରୋହିତ୍ୟ କରିଥିଲେ। ସି ପି ରାଧାକୃଷ୍ଣନ, ଭାରତର ଉପରାଷ୍ଟ୍ରପତି ମୁଖ୍ୟ ଦିଲ୍ଲୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଦିଲ୍ଲୀ ଉପରାଜ୍ୟପାଳ ତରନଜିତ ସିଂ ସିନ୍ଧୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷାର୍ଥୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁଗୋଳ ଠାରେ ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳପତି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ନିଜ ଦୀକ୍ଷାନ୍ତ ଭାଷଣରେ ପ୍ରଫେସର ପଟ୍ଟନାୟକ କୃତୀ ଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଜି ସର୍ବଭାରତୀୟ ସ୍ତରରେ ୩୨୪୮୪୪ ଜଣ ଶିକ୍ଷାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରଯାଇଥିଲା। ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡାଃ ଅଭିଲାଷ ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଏହି ଉତ୍ସବରେ ୧୮୫୩ ଜଣ ଶିକ୍ଷାର୍ଥୀ ଡିଗ୍ରୀ ପାଇବା ସକାଶେ ଯୋଗ୍ୟ ଥିଲାବେଳେ ୮୨ ଜଣ ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସମ୍ମାନିତ ଅତିଥିଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଉଦ୍‌ବେଗ

# ଡାକ୍ତରଖାନାର ଭିତ୍ତିଭୂମି ଅଭାବ, ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

**ତାଳଚେର,୭।୪(ସମିସ):** ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ମାନବ ସମ୍ବଳ ଅଭାବ ଯୋଗୁଁ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ସବୁଠି ମାନବ ସମ୍ବଳ ଅଭାବ ରହିଥିବା ପରିଲକ୍ଷିତ ହେଉଛି। କେବଳ ଡାକ୍ତର ନୁହନ୍ତି, ସ୍ୱାସ୍ଥ୍ୟସେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ନର୍ସିଂ, ଫାର୍ମାସିଷ୍ଟ, କିରାଣି, ଆଟେଣ୍ଡାଣ୍ଟ, ଆମ୍ବୁଲାନ୍ସ ଚାଳକ, ଟେକନିସିଆନ୍, ସୁଇପର, ସିକ୍ୟୁରିଟି ଗାର୍ଡ ଅଭାବ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସଭାସମିତି, ପ୍ରଚାର ପ୍ରସାର କରାଯାଉଥିବା ବେଳେ ବିଭିନ୍ନ ଡାକ୍ତରଖାନାରେ ଭିତ୍ତିଭୂମି ଅଭାବ ଚିନ୍ତା କାହାରି ନାହିଁ। ଏହି ଅସୁବିଧା କାରଣରୁ ରୋଗୀମାନେ ବାଧ୍ୟହୋଇ ଅଧିକ ଖର୍ଚ୍ଚାନ୍ତରେ ଘରୋଇ ଚିକିତ୍ସାଳୟକୁ ଦୌଡ଼ୁଛନ୍ତି।

ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ବହୁ ପୁରାତନ ମଣ୍ଡାପାଳ ସରକାରୀ ଡାକ୍ତରଖାନା, ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର, କଳମଛୁଇଁ ସ୍ୱାସ୍ଥ୍ୟକେନ୍ଦ୍ର, କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ର, ଧରମପୁର ଇତ୍ୟାଦି ଡାକ୍ତରଖାନାରେ ଡାକ୍ତର ଥିବା ବେଳେ ଫାର୍ମାସିଷ୍ଟ ନ ଥିବା ଓ କେଉଁଠାରେ ଫାର୍ମାସିଷ୍ଟ ଥିବା ବେଳେ ଡାକ୍ତର ନ ଥିବା ପରିସ୍ଥିତି ଉପୁଜିଛି। ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




## ହେରୋଇନ୍ ଜବତ, ଜଣେ ଗିରଫ

**ତାଳଚେର,୭।୪(ସମିସ):** ତାଳଚେର ଅବକାରୀ ବିଭଗ ପକ୍ଷରୁ ବହ୍ଲରଛକ ଠାରେ ଚଢ଼ଉ କରାଯାଇ ଜଣେ ବ୍ୟବସାୟୀ ଠାରୁ ୬୫ଗ୍ରାମର ହେରୋଇନ୍ ଜବତ କରାଯାଇଥିବା ବେଳେ ଜଣକୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର ଟାଉନ ଥାନା ଅନ୍ତର୍ଗତ ବହ୍ଲର ଛକ ଠାରେ ଏକ ବାଇକ୍ (ଓଡି୧୯ ଏଏ୧୫୧୬) ଆସୁଥିବା ବେଳେ ତାକୁ ଧରାଯାଇ ଯାଞ୍ଚ କରିବାରୁ ଗାଡିରୁ ୬୫ଗ୍ରାମ ହେରୋଇନ୍ ଜବତ କରାଯାଇଥିଲା। ସେଠାରୁ କୋଲିୟରୀ ଥାନା ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମର ଅକିନ ଦାସ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ହିରୋଇନର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ଚଢ଼ଉରେ ଏସ୍ଆଇ ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପୁପୁନା ପ୍ରଧାନ, ଗୌରୀ ଓରାମ ପ୍ରମୁଖ ସାମିଲ ଥିଲେ।



## ‘ବିଜ୍ଞାନ ସମ୍ମତ ସହଭାଗୀ ସ୍ୱାସ୍ଥ୍ୟ’ ଶୀର୍ଷକ ଆଲୋଚନାଚକ୍ର




**କିଶୋରନଗର,୭।୪(ସମିସ):** ବିଶ୍ୱ ଯୁବ କେନ୍ଦ୍ର, ବଣିନାଳୀ ଦ୍ୱାରା ସପଘରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଯୁବ କେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ସଙ୍ଗୀତା ସାହୁ, ମୁଖ୍ୟ ବକ୍ତା ଭାବେ ଗୋବିନ୍ଦ ଶଙ୍ଖାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ଅଭିଭାଷଣ ରେ ଔଷଧ, ଟିକା, ଟୀକାକରଣର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଗୋବିନ୍ଦ ଶଙ୍ଖାରୀ ତାଙ୍କ ଅଭିଭାଷଣରେ ପରିବେଶ ଓ ସ୍ୱାସ୍ଥ୍ୟ ପୋଷଣ ଓ ସନ୍ତୁଳିତ ଖାଦ୍ୟ, ଭ୍ରାନ୍ତଧାରଣା ବନାମ ବିଜ୍ଞାନ, ଗୁଜବ କୁ ନ ମାନି ସଠିକ ସମୟରେ ଚିକିତ୍ସା କରାଇବା, ହାତ ଧୋଇବାର ପ୍ରଣାଳୀ ମଧ୍ୟ ଶିକ୍ଷା ଦିଆଯାଇଥିଲା। ଆଗାମୀ ଦିନରେ ସୁସ୍ଥ ଜୀବନଯାପନ ନିମନ୍ତେ ଯୋଗ, ପ୍ରାଣାୟାମ କରିବା ଓ ଜଙ୍କ ଫୁଡ୍ ନ ଖାଇବା ନିମନ୍ତେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ଉଚ୍ଚ ବିଦ୍ୟାଳୟର ୭୫ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଶ୍ୱ ଯୁବ କେନ୍ଦ୍ରର କର୍ମକର୍ତ୍ତା ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ ସହଯୋଗ କରିଥିଲେ।

## କିଶୋରନଗର ମଣ୍ଡଳପକ୍ଷରୁ ପ୍ରତିଷ୍ଠା ଦିବସ

**କିଶୋରନଗର,୭।୪(ସମିସ):** କିଶୋରନଗର ବିଜେପି ମଣ୍ଡଳ ପକ୍ଷରୁ ସ୍ଥାନୀୟ ସାଧୁପାଳସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ଜିଲ୍ଲା ଏସ୍‌ଟି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ବରିଷ୍ଠ ବିଜେପି ନେତା ହ୍ଲାଦାନନ୍ଦ ପ୍ରଧାନ, ରତ୍ନାକର ପ୍ରଧାନ, ଅଜିତ ପ୍ରଧାନ, ଓସ୍ତାପାଲୀ ସରପଞ୍ଚ ବିଜୟିନୀ ସାହୁ, ଅଖିଳ ପ୍ରଧାନ, ଶରତଚନ୍ଦ୍ର ଦାସ, ଜିତେନ୍ଦ୍ର ସାହୁ, କୁମୁଦ ଚନ୍ଦ୍ର ପ୍ରଧାନ, ଉଦୟ ପ୍ରଧାନ ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବସନ୍ତ ପ୍ରଧାନ, ଜଳଧର ପ୍ରଧାନ, ପ୍ରହ୍ଲାଦ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ କମିଟିର ସମସ୍ତ କର୍ମକର୍ତ୍ତାମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ଦୀନଦୟାଲ ଉପାଧ୍ୟାୟ, ଶାମ୍ୟପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଏଥିରେ ମଣ୍ଡଳ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ୧୭ରୁ ଜିଲ୍ଲା ମହୋତ୍ସବ ଆରମ୍ଭ

**ଅନୁଗୋଳ,୭।୪(ସମିସ):** ଚଳିତ ମାସ ୧୭ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଷ୍ଟାଡିୟମଠାରେ ୪ ଦିନ ଧରି ଜିଲ୍ଲା ମହୋତ୍ସବ ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ମହୋତ୍ସବ ପୂର୍ବରୁ ୧୨ ତାରିଖରେ ଏକ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବ। ପାଲଲହଡ଼ାର ଖୁଲୁଡ଼ି ଶୈବ ପୀଠ, ଆଠମଲ୍ଲିକର ଦେଉଳଝରୀ, ଟିକରପଡ଼ାର ନୀଳକଣ୍ଠେଶ୍ୱର ଶିବମନ୍ଦିର ଓ ଛେଣ୍ଡିପଦାର ବାୟାଣୀ ପୀଠରୁ ମଶାଲ ଆସି ବିଭିନ୍ନ ବ୍ଲକ୍ ପରିକ୍ରମା କରି ସେହିଦିନ ତାଳଚେର ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିରଠାରେ ସ୍ଥାପିତ ହେବ। ମହୋତ୍ସବରେ ଜିଲ୍ଲାର କଳାକାରଙ୍କୁ କଳା ପ୍ରଦର୍ଶନ କରିବା ପାଇଁ ଅଧିକ ପ୍ରାଥମିକତା ଦିଆଯିବ। ସେହିପରି ଜିଲ୍ଲା ମହୋତ୍ସବରେ ଜନସାଧାରଣଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେବା ନିମନ୍ତେ ଅଧିକରୁ ଅଧିକ ସ୍ଥାନ ସାଧାରଣ ଲୋକଙ୍କ ପାଇଁ ରଖାଯିବ। କୌଣସି ପାସ୍ ବ୍ୟବସ୍ଥା ରହିବ ନାହିଁ। ଜିଲ୍ଲା ମହୋତ୍ସବ ସମୟରେ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯିବ। ସେହିପରି ୬ ଦିନ ଧରି ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଜିଲ୍ଲାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ସହିତ ସ୍ୱଦେଶୀ ପଦାର୍ଥର ପ୍ରଦର୍ଶନୀ ତଥା ସ୍ୱଦେଶୀ ମେଳାର ଆୟୋଜନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



**ଅନୁଗୋଳ,୭।୪(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରେ ତଳମୂଳ ଶାସନ ଗ୍ରାମ ପଞ୍ଚାୟତର ଦେଉଳବନ୍ଧ ମାତେଲିଆ ନାଳ ଉପରେ ୮୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଥିଲେ।

ଏହି ସେତୁ ପାଇଁ ତଳମୂଳ ଶାସନବାସୀ ଦୀର୍ଘ ୩୦ ବର୍ଷ ହେଲା ଦାବି କରିଆସୁଥିଲେ। ଏହି ସେତୁ କାମ ସମ୍ପୂର୍ଣ୍ଣ ହେଲେ ଏହା ତଳମୂଳ ଶାସନ ଠାରୁ ଭୋଳେଶ୍ୱର ମନ୍ଦିର, ଶ୍ମଶାନ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟତ ସମସ୍ୟାର ସମାଧାନ କରିବ। ସେତୁ ନ ଥିବାରୁ ଗ୍ରାମବାସୀ ବହୁ ହଇରାଣ ହରକତ ହେଉଥିଲେ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବଅଁରପାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ୨୮ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, କୁଲାଡ଼ ଟ୍ରକ୍ ମାଲିକ ସଂଘର ସଭାପତି ତଥା ବିଜେପି ନେତା ମନୋରଞ୍ଜନ ଜେନା, ତଳମୂଳ ଶାସନ ଗ୍ରାମ ପଞ୍ଚାୟତର ସରପଞ୍ଚ ଶିବାନୀ ଶତପଥୀ, ଗଡ଼ତଳମୂଳ ସମିତି ସଭ୍ୟା ଅମ୍ରିତା ଜେନା, ୨୮ ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, ତଳମୂଳ ଶାସନ ବିଜେପି ସଭାପତି ସୁଧୀର ତ୍ରିପାଠୀ, ଗଡ଼ତଳମୂଳ ବିଜେପି ସଭାପତି ଅଜିତ ସାହୁ, ବିଜେପି ନେତା ରାହାସ ଦାଶ, ଅଜୟ ସାହୁ, ଅରବିନ୍ଦ ଜେନା, ବରଜୁ ସାହୁ ଓ ଜିତେନ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଗୋଳ ନିର୍ବାଚନମଣ୍ଡଳୀର ନୂଆହତାଠାରେ ୬୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମାଣ କରାଯିବାକୁ ଥିବା ଏକ କଲ୍ୟାଣ ମଣ୍ଡପର ଭୂମି ପୂଜନ କରି ଅନୁଗୋଳର ବିଧାୟକ ଶ୍ରୀ ପ୍ରଧାନ ନୂଆହତା ଗ୍ରାମବାସୀଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ସ୍ଥାନୀୟ ବିଡିଓ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ୨୭ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ସରପଞ୍ଚ ରୁନୁବାଳା ଧୀର, ଅଶୋକ ଧୀର, ଦିଲ୍ଲୀପ ରାଉତ, ମହେନ୍ଦ୍ର ଦଳବେହେରା ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ବଅଁରପାଳ ବ୍ଲକ୍ ପରିସରରେ ସୁଭଦ୍ରା ଦିଦି ଫୁଡ୍ କୋର୍ଟର ଶୁଭାରମ୍ଭ କରିଥିଲେ ବିଧାୟକ।

# ଶିକ୍ଷା ସଚେତନତା ପଦଯାତ୍ରା, ଖଡ଼ିଛୁଆଁ କାର୍ଯ୍ୟକ୍ରମ

**କଣିହାଁ,୭।୪(ସମିସ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ, ନାମଲେଖା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ 'ଶିକ୍ଷା ସଚେତନତା ରଥ' କଣିହାଁ ବ୍ଲକ୍‌ରେ ପହଞ୍ଚିବା ପରେ ସୋମବାର କଣିହାଁରେ ଭବ୍ୟ ସ୍ୱାଗତ କରାଯିବା ପରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।



ପ୍ରଧାନ, ପଙ୍କଜିନୀ ପ୍ରଧାନ, ମଙ୍ଗୁଲୁ ଚରଣ ସାହୁ, ଅରୁଣ କୁମାର ସାହୁ, ଲଖଣ କୁମାର ପ୍ରଧାନ, ଦୁଃଖବନ୍ଧୁ ସାହୁ ଓ ମୁନା ନାଏକଙ୍କ ସମେତ ବହୁ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବହୁ ଛାତ୍ରଛାତ୍ରୀ ଏହି ପଦଯାତ୍ରାରେ ସାମିଲ ଥିଲେ। ସିଆରସିସି ନୀଳମଣି ବେହେରା, ଗଗନ ଚନ୍ଦ୍ର ନାଏକ, ମାନସ କୁମାର ସାହୁ, ରଞ୍ଜିତା ଦାସ, ଗୌତମ ମାଝୀ, ରଞ୍ଜନ କୁମାର ବେହେରା, ସତ୍ୟବାନ୍ ନାୟକଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିନା ସୂଚନା ଫଳକରେ ଚାଲିଛି ନିର୍ମାଣ କାମ

# ଭାଇବ୍ରେଟର ବଦଳରେ ବ୍ୟବହାର ହେଉଛି ବାଉଁଶ ବାଡ଼ି

ଡେରାବିଶ, ୭।୪(ସମିସ)



ଡେରାବିଶ ବ୍ଲକ ଅଧୀନ ଯଁଅରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ କରାଞ୍ଜିଆ ମାଇନର କେନାଲର ଦୁଇ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଖାନନଗର ମାଇନର ହରିଅଁ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା-୨ ଗ୍ରାମ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ଦୈର୍ଘ୍ୟର ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଏଥିରେ କିଛି ସ୍ଥାନରେ ଗୋଟିଏ ପଟରେ ତ ଆଉ କିଛି ସ୍ଥାନରେ ଦୁଇପଟରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ସରିଲାଣି। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା କାର୍ଯ୍ୟ ଏତେ ନିମ୍ନମାନର ହେଉଛି ଯେ, ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ନିର୍ମାଣ କାମରେ ସରକାରୀ ନିୟମ ଅନୁଯାୟୀ ସିମେଣ୍ଟ ଓ ବାଲିର ଆନୁପାତିକ ଭାଗ ସଠିକ ହେଉ ନ ଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଏଥିସହିତ ନିର୍ମାଣ କାମରେ କଂକ୍ରିଟ ଢଳେଇ ସମୟରେ ଭାଇବ୍ରେଟର ବଦଳରେ ବାଉଁଶ ବ୍ୟବହାର ହେଉଥିବା ଲୋକମାନେ ପ୍ରକାଶ କରିଛନ୍ତି। ଫଳରେ ସେଣ୍ଟ୍ରିଂ ଖୋଲା ହେବା ପରେ ଗାର୍ଡୱାଲରେ ହନିକମ୍ବ ଜଳଜଳ ଦିଶୁଛି। ଯାହାକୁ ଲୁଚାଇବା ପାଇଁ ଠିକାଦାର ସିମେଣ୍ଟ ଲେସୁଥିବା ଅଞ୍ଚଳବାସୀ କହିଛନ୍ତି।

**ସେଣ୍ଟ୍ରିଂ ଖୋଲା ହେବା ପରେ ହନିକମ୍ବକୁ ପ୍ଲାଷ୍ଟର କରି ଲୁଚାଯାଉଛି**

ଏଥିସହିତ କାମ ଆରମ୍ଭରୁ ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥିତ ନ ରହିବାରୁ ଉଭୟ ପାର୍ଶ୍ୱରେ ଗାର୍ଡୱାଲ ପାଇଁ ଖୋଳାଯାଇଥିବା ବେସ୍ ଯଥେଷ୍ଟ ପ୍ରଶସ୍ତ ହେଉ ନ ଥିବାରୁ ଭବିଷ୍ୟତରେ କେନାଲ୍ ବନ୍ଧ ଚାପରେ ଏହି ଗାର୍ଡୱାଲ ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସର୍ବସାଧାରଣ ପ୍ରକଳ୍ପର ଡିଜାଇନ, ବ୍ୟବହୃତ ସାମଗ୍ରୀ, ସାମଗ୍ରୀର ପରିମାଣ, ନିର୍ମାଣର ଦୈର୍ଘ୍ୟ ପ୍ରସ୍ଥ ଓ ନିର୍ମାଣର ଅଟକଳ ସମ୍ବନ୍ଧରେ ଜାଣିବା ପାଇଁ କାର୍ଯ୍ୟ ଆରମ୍ଭରୁ ନିର୍ମାଣ ସ୍ଥଳରେ ସୂଚନା ଫଳକ ପ୍ରଦର୍ଶିତ କରିବାର ସରକାରୀ ନିୟମ ଥିଲେ ବି ଅଦ୍ୟାବଧି ସୂଚନା ଫଳକଟିଏ ସ୍ଥାପନ କରାଯାଇନାହିଁ। ଫଳରେ ଠିକାଦାର ଜଣକ ନିଜ ମନଇଚ୍ଛାରେ କାର୍ଯ୍ୟ କରି ଚାଲିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସୂଚନା ଫଳକ ଲଗାଇ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ କରିବା ଓ ଏହାକୁ ତଦାରଖ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିର୍ମାଣ ନିର୍ମାଣ ସ୍ଥଳରେ ଉପସ୍ଥିତ ରହିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପୁଅକୁ ପୁଲିସରେ ଧରାଇଦେଲେ ବାପା

କେନ୍ଦ୍ରାପଡ଼ା,୭।୪(ସମିସ): ଜିଲ୍ଲାରେ ଏକ ଅଲଭ୍ୟ ଘଟଣା ସମାଜକୁ ଗଭୀର ସନ୍ଦେଶ ଦେଇଛି। ନିଜ ପୁଅର ଅପରାଧୀ କାର୍ଯ୍ୟକଳାପକୁ ସହିବାରେ ଅସମର୍ଥ ହୋଇ ଶେଷରେ ବାପା ନିଜେ ପୁଲିସ୍ ହାତରେ ପୁଅକୁ ସମର୍ପଣ କରିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୁଦାନଗରୀ ଥାନା ଅଧିନ ହରିପୁର ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଆବୁଆ ମିଶ୍ର ନାମକ ବ୍ୟକ୍ତି ତାଙ୍କ ପୁଅ ଟିକିନା ମିଶ୍ର (୨୮)ଙ୍କୁ ବ୍ରାଉନସୁଗର ବେପାରରେ ଜଡିତ ଥିବା ସନ୍ଦେହରେ ପୁଲିସ୍‌କୁ ଡାକି ଧରାଇଦେଇଥିଲେ। ପୁଲିସ୍ ତଦନ୍ତ ସମୟରେ ଟିକିନାଙ୍କ ନିକଟରୁ କିଛି ବ୍ରାଉନସୁଗର ପୁଡ଼ିଆ ଜବତ କରିଥିବା ସୂଚନା ମିଳିଛି। ପରେ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଛି। ଏହା ପଛରେ କୌଣସି ବଡ଼ ରାକେଟ ଜଡିତ ଅଛି କି ନାହିଁ, ସେନେଇ ପୁଲିସ୍ ତଦନ୍ତକୁ ତେଜ କରିଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଆପୋଷ ବୁଝାମଣାରେ ପୁଲିସ୍ ଟିକିନାଙ୍କୁ ଛାଡ଼ିଦେଇଥିବା ଖବର ମିଳିଛି। ଯାହାକୁ ନେଇ ସ୍ଥାନୀୟ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।ଏହି ଘଟଣା ସମାଜ ପାଇଁ ଏକ ଦୃଢ଼ ସନ୍ଦେଶ। ଅପରାଧ କେତେ ନିକଟର ଲୋକଙ୍କ ମଧ୍ୟରେ ଥାଉନା କାହିଁକି ସତ୍ୟ ଓ ନ୍ୟାୟ ପାଇଁ ଠିଆ ହେବା ଅତ୍ୟାବଶ୍ୟ। ବାପାଙ୍କର ଏହି ସାହସିକ ପଦକ୍ଷେପକୁ ସମାଜର ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି। ଯେଉଁଥିରେ ଯୁବପିଢ଼ିଙ୍କୁ ନିଶା ଛାଡ଼ିବା ପାଇଁ ଏକ ସଚେତନତାର ସନ୍ଦେଶ ମଧ୍ୟ ଦିଆଯାଇଛି।

**ବ୍ରାଉନସୁଗର ପୁଡ଼ିଆ ଜବତ କଲା ପୁଲିସ**

### ● ମହିଳାଙ୍କୁ ଅସଦବ୍ୟବହାର ଓ ମାଡ଼

## ପୁଲିସ ମାମଲା ରୁଜୁ କରୁ ନ ଥିବା ଅଭିଯୋଗ

ରାଜନଗର, ୭।୪(ସମିସ): ରାଜନଗର ଥାନା ଅନ୍ତର୍ଗତ ଭିତରଗଡ ଗାଁରେ ପୁଅକୁ ହରାଇଥିବା ଜଣେ ମହିଳାଙ୍କୁ ଅସଦାଚରଣ କରାଯିବା ସହ ତାଙ୍କ ସମ୍ପର୍କୀୟଙ୍କୁ ଗାଁର କିଛି ଯୁବକ ମାଡ଼ ମାରିଥିବା ନେଇ ୪ ତାରିଖରୁ ଅଭିଯୋଗ ହୋଇଥିଲେ ବି ପୁଲିସ ମାମଲା ରୁଜୁ କରି ନ ଥିବା ଅଭିଯୋଗ କରିଛନ୍ତି। ଭିତରଗଡ ଗାଁର ବିଧବା ମହିଳା ସବିତା ସବିତା ମଣ୍ଡଳଙ୍କ ଅଭିଯୋଗ ମୁତାବକ, ତାଙ୍କ ୨୦ ବର୍ଷର ପୁଅ ଅନୁପ ଟ୍ରାକ୍ଟର ଡାଲା ଓଲଟି ପ୍ରାଣ ହରାଇଥିଲେ। ତାଙ୍କର ପୁସ୍କରା ଛଡାଇବା ପାଇଁ ୩ ତାରିଖ ଦିନ ରାତି ପ୍ରାୟ ୨ ଘଟିକା ସମୟରେ ପଣା ନେଇ ଆମ ବିଲ ପାଖକୁ ଗାଁ ରାସ୍ତା ଦେଇ ଯାଉଥିବା ସମୟରେ ଗାଁର ୯ ଜଣ ଯୁବକ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହିତ ଟଣାଓଟରା କରି ପୂଜା ସାମଗ୍ରୀ ଏଣେ ତେଣେ ଫୋପାଡି ଦେଇଥିଲେ। ବିଧବା ମହିଳାଙ୍କୁ ମାଡ ମାରିବା ସହିତ ତାଙ୍କୁ ଅସଦାଚରଣ କରିଥିଲେ। ମହିଳାଙ୍କ ସହିତ ଥିବା ପୁସ୍କରା ଛଡାଇବାକୁ ଯାଇଥିବା ପଣ୍ଡିତ ଓ ଗାଁର ୪ ଜଣଙ୍କୁ ମଧ୍ୟ ମାଡ ମାରିଥିବା ନେଇ ୪ ତାରିଖ ଦିନ ରାଜନଗର ଥାନାରେ ଅଭିଯୋଗ ହୋଇଛି। ୪ ତାରିଖଠାରୁ ୪ ଦିନ ହେଲା ପୁଅକୁ ହରାଇଥିବା ବିଧବା ମହିଳା ଥାନାକୁ ଆସୁଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରୁ ନ ଥିବା ସବିତା ମଣ୍ଡଳ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ନରେଶ ସାହୁଙ୍କୁ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନାହାନ୍ତି।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜରିମାନା

ପଞ୍ଚୁପାଣ୍ଡବ,୭।୪(ସମିସ): ଡେରାବିଶ ତହସିଲ ଅଧୀନ ବେଣୀପୁର ପଞ୍ଚାୟତରେ ଥିବା ବିରୂପା ନଦୀରୁ ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଦିନ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଜରିମାନା ଆଦାୟ କରିଛନ୍ତି। ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ବନ୍ଧ ଲଣ୍ଡା ପଡିଆ ନିକଟରେ ଯାଉଥିବା ବାଲି ବୋଝେଇ ଟ୍ରାକ୍ଟରକୁ ମାଇନ୍ସ ଅଧିକାରୀ ଦିନେଶ ମହାପାତ୍ର, ଡେରାବିଶ ତହସିଲଦାର ସରୋଜ ନାୟକ ଓ ରାଜନଗର ଆର୍‌ଆଇ ସାରଦା ପ୍ରଧାନ ଅଟକାଇଥିଲେ। ଟ୍ରାକ୍ଟରରେ ଚୋରାରେ ବାଲି ଚାଲାଣ ହେଉଥିବା ଜାଣି ଏହାକୁ ଜବତ କରିବା ସହ ଗାଡ଼ି ମାଲିକ ନିକଟରୁ ୫୧ ହଜାର ଟଙ୍କା ଅନ୍‌ଲାଇନ୍ ଚାଲାଣ କାଟିଥିଲେ ଓ ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ବେଣୀପୁରରେ ଥିବା ବିରୂପା ନଦୀ ବାଲିଘାଟରୁ ଦିନରାତି ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲେ ସୁଦ୍ଧା କେତେକ ଟ୍ରାକ୍ଟର ମାଲିକ ବେଫିକର୍ ବାଲି ଚାଲାଣ କରୁଛନ୍ତି। ବେଣୀପୁର ଘାଟରୁ ବାଲି ଉଠାଉ ଥିବାବେଳେ ବନ୍ଧ ପଠାରୁ ମାଟି ଓ ବାଲି ତାଡି ନେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଲେ ବର୍ଷା ଦିନରେ ବନ୍ଧ ଭାଙ୍ଗିବା ସହ ଘଲିଆ ସୃଷ୍ଟି ହେବା ଆଶଙ୍କା ରହିଛି। କିଛି ଦିନ ତଳେ ନିକିରାଇ ପୁଲିସ ଚାରୋଟି ଟ୍ରାକ୍ଟରକୁ ଜବତ କରିଥିଲା।

## ଜିଲ୍ଲା କଂଗ୍ରେସ ସମ୍ପାଦକଙ୍କ ମାତୃ ବିୟୋଗ



ପଟ୍ଟାମୁଣ୍ଡାଇ,୭।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସମ୍ପାଦକ ରବିନାରାୟଣ ମିଶ୍ରଙ୍କ ମାତା ଅମ୍ବିକା ମିଶ୍ରଙ୍କ ପରଲୋକ ଘଟିଛି। କଟକରୁ ତାଙ୍କ ମୃତଦେହ ନିଜ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତା ମିଶ୍ରଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅନୁସୂୟା ବେହେରା, ପୌରାଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ବରିଷ୍ଠ କଂଗ୍ରେସ ନେତା ଧନେଶ୍ୱର ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ସତ୍ୟପ୍ରିୟ ସାମଲ, ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ନଗର କଂଗ୍ରେସ ସଭାପତି ତପନ ପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା, ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବ୍ୟବସାୟୀଙ୍କୁ ହତ୍ୟା ଧମକ



ଆଳି,୭।୪(ସମିସ): ଦାଦା ବଟିକୁ କେନ୍ଦ୍ର କରି ହତ୍ୟା ଧମକ ନେଇ ଯୁବ ବ୍ୟବସାୟୀ ଆଳି ଥାନାରେ ଏତଲା ଦେଇଛନ୍ତି। ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ପଞ୍ଚାୟତ ପଦନପୁର ଗାଁର ଶେଖ ମତୁଲ୍ଲାଙ୍କ ୩୫ ବର୍ଷୀୟ ବଡ଼ ପୁଅ ଶେଖ ନୱାଜ ସରିଫ ଓରଫ ଗୁଡ୍ଡୁ ଆଳି ମିଲବଜାର ଛକରେ ଦୀର୍ଘ ଦିନ ହେବ ଗୁଡ୍ଡୁ ଅଟୋ ମୋବାଇଲ ନାମରେ ଏକ ଗାଡ଼ି ଗ୍ୟାରେଜ କରିଛନ୍ତି। ଗତ କିଛିଦିନ ହେବ କିଛି ଅସାମାଜିକ ଯୁବକ ତାଙ୍କୁ ଫୋନ ଯୋଗେ ଧମକ ଦେବା ସହିତ ତାଙ୍କ ଗ୍ୟାରେଜକୁ ଆସି ଜୋର ଜବରଦସ୍ତ ଦାଦା ବଟି ମାଗିବା, ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଧମକ ମିଳିଥିବା ନେଇ ସିସିଟିଭି ଫୁଟେଜ ପ୍ରମାଣ ସହିତ ଶେଖ ନୱାଜ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତା



ପଟ୍ଟାମୁଣ୍ଡାଇ, ୭।୪(ସମିସ): ତୃଣମୂଳ ସ୍ତରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସଂଗଠନକୁ ବିସ୍ତାର କରି ଉଭୟ ସଂଗଠନର ଲକ୍ଷ୍ୟ ସହ ବିଭିନ୍ନ ସାମାଜିକ ବାର୍ତ୍ତା ପ୍ରଦାନ ପାଇଁ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯିବା ସହିତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡାଙ୍କ ପୌରୋହିତ୍ୟରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପସଭାପତି ପ୍ରଦୀପ ନାୟକ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତ, ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ଉପସଭାପତି ଅମ୍ବୁଜ ନାୟକ, ଲୋକନାଥ ଦାଶ, ମକରଚରଣ ସାହୁ ପ୍ରମୁଖ ଯୋଗଦେଇ ଉଭୟ ସଂଗଠନର ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହିତ ସଂଗଠନ ବିସ୍ତାର ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଭାବେ ପୁନର୍ବାର ଦେବାଶିଷ ପଣ୍ଡାଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଅମ୍ବୁଜ ନାୟକ, ସମ୍ପାଦକ ସନାତନ ମହାନ୍ତି, ସହସମ୍ପାଦକ ଅଜିତ ମଲ୍ଲିକ, ସତସଙ୍ଗ ପ୍ରମୁଖ ପ୍ରିୟବ୍ରତ ଦାଶ, ଦୁର୍ଗା ବାହିନୀ ସଂଯୋଜିକା ଶ୍ରୀୟା ମହାନ୍ତି, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଅଜିତ ସିଂ, ମନ୍ଦିର ଅର୍ଚ୍ଚକ ପୁରୋହିତ ସମ୍ପର୍କ ପ୍ରମୁଖ ପ୍ରମୋଦ ସ୍ୱାଇଁ, ଧର୍ମ ପ୍ରଚାର ପ୍ରମୁଖ ପ୍ରଶାନ୍ତ ମହାପାତ୍ର, ସେବା ପ୍ରମୁଖ ତପନ ବେହେରା, ପ୍ରଚାର ପ୍ରସାର ପ୍ରମୁଖ ପ୍ରଭୁଦତ୍ତ ଦାଶ, ମାତୃଶକ୍ତି ସଂଯୋଜିକା କାମିନୀ ତରାଇ, ବଜରଙ୍ଗ ଦଳ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସଂଯୋଜକ ଚନ୍ଦ୍ରକାନ୍ତ ଖଣ୍ଡାୟୀ, ସହସଂଯୋଜକ ସଞ୍ଜୟ ମଲ୍ଲିକ ଓ ସୂର୍ଯ୍ୟକାନ୍ତ ବେହେରା, ବଳ ଉପାସନା ପ୍ରମୁଖ ବଳରାମ ମଲିକ, ସହ ବଳ ଉପାସନା ପ୍ରମୁଖ ଲକି ମଲିକ, ଗୋରକ୍ଷା ପ୍ରମୁଖ ପାତନ ମଲିକ ସହ ଗୋରକ୍ଷା ପ୍ରମୁଖ ଲିପୁ ମଲିକ ସୁରକ୍ଷା ପ୍ରମୁଖ ସମ୍ବେଶ ପ୍ରଧାନ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଉପସଭାପତି ଅମ୍ବୁଜ ନାୟକ ଧନ୍ୟବାଦ ଦେଇଥିଲେ।

## ବେନୁଙ୍କ ପତ୍ନୀ, ଝିଅ ଓ ବୋହୂଙ୍କୁ ପଚରାଉଚରା

ରାଜନଗର, ୭।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋଲ୍ଲା ଗାଁରେ ୨ ତାରିଖ ଦିନ ନିଖୋଜ ଥିବା ଶିଶୁକନ୍ୟାର ମୃତଦେହ ୩ ତାରିଖ କେନାଲ୍‌ରୁ ଉଦ୍ଧାର କରାଯାଇଥିଲା। ମୃତ ଶିଶୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗାଁର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ପୁଲିସ ହାତ ବାନ୍ଧି ବସିଛି। ପାରିପାର୍ଶ୍ୱିକ ଘଟଣା ଶୁଭଲକ୍ଷ୍ମୀକୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ବଢାଇଛି। ଏହାକୁ ନେଇ ସମଗ୍ର ରାଜନଗର ଅଞ୍ଚଳରେ ପତିକ୍ରିୟା ବଢୁଥିବାରୁ ପୁଲିସ ତଦନ୍ତ ପରିସରକୁ ବଢାଇଛି। ଆଜି ଆଇଆଇସି ନରେଶ ସାହୁ, ସବଇନ୍ସପେକ୍ଟର ଚନ୍ଦ୍ରିକା ମହାପାତ୍ର, ଏଏସଆଇ ନରେଶ ସାହୁ ଦୀର୍ଘ ୩ ଘଣ୍ଟା କାଳ ବଡ଼କୋଲ୍ଲା ଗାଁରେ ତଦନ୍ତ କରିଛନ୍ତି। ପରିବାର ଲୋକେ ଶୁଭଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ନେଇ ୪ ତାରିଖରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରି ନ ଥିଲେ ହେଁ ଏତଲାରେ ଥିବା ଅଭିଯୁକ୍ତଙ୍କୁ ଜେରା କରିବା ଆରମ୍ଭ କରିଛି।

**ଶୁଭଲକ୍ଷ୍ମୀ ମୃତ୍ୟୁ ଘଟଣା**

ପୁଲିସ ଦୁଇଦିନ କାଳ ବେନୁ ଚରଣ ଦାସ ଓ ତାଙ୍କ ପୁଅକୁ ଥାନାରେ ଅଟକ ରଖି ଛାଡି ଦେଇଥିଲା। ଆଜି ବଡ଼କୋଲ୍ଲା ଗାଁରେ ପହଞ୍ଚି ପ୍ରଥମେ ଗାଁ ମୁଣ୍ଡରୁ ବେନୁ ଦାସଙ୍କ ଘର ଯାଏଁ କେନାଲ କୂଳେ କୂଳେ ଛାନଭିନ କରିଥିଲା। ପରେ ମୃତ ୭ ବର୍ଷର ଶିଶୁ ଶୁଭଲକ୍ଷ୍ମୀର ମାଆ ସୁଷମା ନାୟକ, ଅଜା କାଳନ୍ଦି ନାୟକ, ଆଈ ଦମୟନ୍ତୀ ନାୟକ ଓ କାଳନ୍ଦୀଙ୍କ ଭାଇ ହଳଧର ନାୟକଙ୍କୁ ପଚରାଉଚରା କରିଥିଲା। କାର୍ତ୍ତିକ ପୂର୍ଣ୍ଣିମା ଦିନ ବେନୁ ଦାସଙ୍କ ନାତି କିପରି ମରିଥିଲା, ବେନୁ ଦାସ କ'ଣ ଧମକ ଦେଉଥିଲା, ଗାଁରେ ସମାଧାନ ବୈଠକ ବସିଥିବାବେଳେ କାହିଁକି ପୁଲିସକୁ ଜଣାଇଲ ନହିଁ ବୋଲି ପ୍ରଶ୍ନ କରିବା ସହ ୨ ତାରିଖ ଘଟିଥିବା ଘଟଣା ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ବେନୁ ଦାସଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀ ଅହଲ୍ୟା ଦାସ, ବିବାହିତା ଝିଅ ଯାହାଙ୍କ ପୁଅ କାର୍ତ୍ତିକ ପୂର୍ଣ୍ଣିମା ଦିନ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିଲା ସତ୍ୟଭାମା ପାତ୍ର, ସାନବୋହୂ ବର୍ଷାଙ୍କୁ ଜେରା କରିଛି। ଶୁଭଲକ୍ଷ୍ମୀ ତମ ଘରକୁ କେବେଠୁ ଆସୁ ନ ଥିଲା। ଶୁଭଲକ୍ଷ୍ମୀ କେମିତି ମଲା, ସନ୍ଧାନୀ କୁକୁର ତୁମ ଘରକୁ ବାରମ୍ବାର ଆସିବା ଓ ତମ ଘର ଦେଇ କେନାଲ ପାଖକୁ ଯାଇଥିବା ନେଇ ପଚରାଉଚରା କରିଛି। ଏପରିକି ଶୁଭଲକ୍ଷ୍ମୀଙ୍କ ପରିବାର ସହ ବିବାଦ କ'ଣ ଥିଲା, ଗାଁରେ ସମାଧାନ ବୈଠକ କାହିଁକି ବସିଥିଲା ସେ ନେଇ ପଚରାଉଚରା କରିଥିବା ଜଣାପଡିଛି।

## ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ରୁପାଗହଣା ଓ ବାସନ ଲୁଟ୍

ଡେରାବିଶ, ୭।୪(ସମିସ): ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ଗ୍ରାମର ଅଭିରାମ କୁଣ୍ଡୁଙ୍କଠାରୁ ଲୁଟେରା ଲକ୍ଷାଧିକ ଟଙ୍କାର ରୁପା ଗହଣା ଓ କଂସାବସନ ଲୁଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିରାମଙ୍କ ଅଭିଯୋଗ ଅନୁଯାୟୀ ସେ ରୁପା ଗହଣା ଓ କଂସବାସନ ବେପାର କରନ୍ତି। ଏଥିପାଇଁ ସେ ଗାଁକୁ ଗାଁ ବୁଲି ବିକ୍ରି କରିଥା'ନ୍ତି। ଗତକାଲି ସନ୍ଧ୍ୟାରେ ସେ ବେପାରରୁ ଫେରୁଥିବାବେଳେ ବେଲରପା ଛକ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହିତ ତାଙ୍କ ନିକଟରେ ଥିବା ୩ କିଲୋ ୨୦୦ ଗ୍ରାମ ଓଜନର ରୁପା ଲୁଟି ନେଇଛନ୍ତି। ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ଏ ସମ୍ପର୍କରେ ୭୭/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

## ଅର୍ଥନୀତି ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଜନଗର, ୭।୪(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅର୍ଥନୀତି ସ୍ନାତକ ଶ୍ରେଣୀ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅର୍ଥନୀତି ବିଭାଗ ମୁଖ୍ୟ ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ଅମୀୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନ ଆଦର୍ଶ ମୂଲ୍ୟବୋଧ ସହ ଭବିଷ୍ୟତରେ କିପରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ ପହଞ୍ଚି ହେବ ସେ ବିଷୟରେ ମତ ରଖିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଜୀବନର ମୂଲ୍ୟବାନ ସମୟକୁ କିପରି ସଦୁପଯୋଗ କରି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ନିଜକୁ ଗଢି ହେବ, ସେ ବିଷୟରେ ମତ ରଖିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଅଭିଜିତ ଖୁଣ୍ଟିଆ ସମାଜରେ ପାଠ୍ୟକ୍ରମ ସହିତ ଗବେଷଣା, ସୃଜନଶୀଳତା ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ବନ୍ଧରେ କହିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ପ୍ରଧାନ, ଲିପ୍ସା ଦାସ, ଚନ୍ଦନ ପରିଡ଼ା, କ୍ରିଷ୍ଣା ପରିଡ଼ା, ଜ୍ଞାନରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିବାବେଳେ ଛାତ୍ରୀ ବନିତା ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ।

## କିକ୍‌ବକ୍ସିଂରେ ସଫଳ ମଣ୍ଡପଡ଼ା ସ୍କୁଲ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୭।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମଣ୍ଡପଡା- ବାଛରା ୟୁପି ସ୍କୁଲ ଓ ଭଜନେଶ୍ୱର ହାଇସ୍କୁଲର ଛାତ୍ରଛାତ୍ରୀ ଗତ ୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ କିକବକ୍ସିଂ ପ୍ରତିଯୋଗିତାରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଜିତି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କିକବକ୍ସିଂ ଶାଖା ସଭାପତି ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ସାମଲ, ସମ୍ପାଦକ ସୁଶୀଲ ସାମଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଅମରେନ୍ଦ୍ର ଜେନା, ରୋହିତ ସ୍ୱାଇଁ, ତରୁଣ ଜେନା, ସଂଗୀତା ମଲ୍ଲିକ, ଜୟଶ୍ରୀ ଦାସ, ନିରୋଦ ନଳିନୀ ମହାନ୍ତି ଓ ଅକ୍ଷୟ ଦାସ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### ● ବ୍ଲକ୍ କଂଗ୍ରେସ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

## ଜଣେ ଅଟକ, ବନ୍ଧୁକ ଜବତ

ଆଳି,୭।୪(ସମିସ): ଆଳି ଥାନା ଅନ୍ତର୍ଗତ ନିଆଳ ପଞ୍ଚାୟତ ନିଆଳ ହାଟର ଏକ ଗ୍ୟାରେଜରେ ଆଜି ସନ୍ଧ୍ୟା ସମୟରେ ବ୍ଲକ କଂଗ୍ରେସ ସଭାପତିଙ୍କୁ ତିନିଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ନଗଦ ଟଙ୍କା ଲୁଟିନେଇଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଆଳି ଥାନା ଅନ୍ତର୍ଗତ ନିଆଳ ହାଟରେ ଥିବା କଂଗ୍ରେସ କାର୍ଯ୍ୟାଳୟ ପଛ ପଟେ ଏକ ଗ୍ୟାରେଜ ନିକଟରେ ପ୍ରତ୍ୟେକ ଦିନ ଭଳି ଆଜି ମଧ୍ୟ କଂଗ୍ରେସ ବ୍ଲକ ସଭାପତି ରବିନାରାୟଣ ବେହେରା ଓ ଅନ୍ୟ କର୍ମକର୍ତ୍ତା ବସି ଆଲୋଚନା କରୁଥିଲେ। ଏ ସମୟରେ ତିନିଜଣ ଯୁବକ କିଛି ଲଘୁ ସମ୍ପ୍ରଦାୟର ଯୁବକଙ୍କୁ ଆକ୍ରମଣ କରୁଥିବା ସମୟରେ ସେମାନେ ବଞ୍ଚିବା ପାଇଁ ଏମାନେ ବସିଥିବା ସ୍ଥାନକୁ ଚାଲିଆସି ବଞ୍ଚିବା ପାଇଁ ଗୁହାରି କରିଥିଲେ। ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଶ୍ରୀ ବେହେରା ଘଟଣା କ'ଣ ହୋଇଛି କହି ବୁଝାସୁଝା କରିବାରୁ ଉତ୍ତ୍ୟକ୍ତ ତିନିଜଣ ଯୁବକ ଲଘୁ ସମ୍ପ୍ରଦାୟର ଯୁବକଙ୍କ ସହ କଂଗ୍ରେସ ସଭାପତି ଶ୍ରୀ ବେହେରା ଓ ସେଠାରେ ଉପସ୍ଥିତ ଥିବା କର୍ମକର୍ତ୍ତାଙ୍କୁ ମାଡ଼ ମାରିଥିଲେ। ଏଥିସହିତ ଗ୍ୟାରେଜକୁ ଭଙ୍ଗାଭଙ୍ଗି କରିବା ସହ ଗ୍ୟାରେଜରେ ଥିବା ବ୍ୟବସାୟୀଙ୍କ ଟଙ୍କା ଲୁଟି ନେଇଥିଲେ। ଏଥିସହିତ ଶ୍ରୀ ବେହେରାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ପାଖରେ ଥିବା ଟଙ୍କା ମଧ୍ୟ ଲୁଟିନେଇଥିଲେ। ଏତଲା ଆଧାରରେ ପୁଲିସ ତଦନ୍ତ ଚଳାଇଥିବାବେଳେ ଜଣେ ଯୁବକକୁ ଅଟକ ରଖିବା ସହ ଏକ ବନ୍ଧୁକ ଜବତ ହୋଇଥିବା ନେଇ ସୂଚନା ମିଳିଛି।

### ● ରାସ୍ତା କାମ ଅଧାରୁ ଛାଡ଼ି ଠିକାଦାର ଛୁ

## ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଜନସାଧାରଣ



ମହାକାଳପଡ଼ା,୭।୪(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତ ଅଧୀନସ୍ଥ ଦହିମାଛ ଗ୍ରାମର ପତିତପାବନ ମଠଠାରୁ ବଡ଼କୂଳ ସ୍କୁଲ ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଫେବର ବ୍ଲକ କାମ କରାଯାଉଛି। ବିନା ସୂଚନା ଫଳକରେ ନିମ୍ନମାନର କାମ କରାଯାଉଥିବା ନେଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ସେବେଠାରୁ ରାସ୍ତା କାମ ଅଧାରୁ ବନ୍ଦ କରି ଠିକାଦାର ଚାଲିଯାଇଛନ୍ତି। ଦୀର୍ଘଦିନ ଧରି କାମ ନ ହେବାରୁ ସାଧାରଣ ଲୋକଙ୍କ ସମେତ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆମେ ବିଭାଗୀୟ ଯନ୍ତ୍ରୀ ଅମରେଶ ସେଠୀଙ୍କୁ ଫୋନ୍ ଯୋଗେ ପଚାରିବାରୁ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ରାସ୍ତାକାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ଆକାଶରେ ମେଘ ଆସିଲେ ବିଜୁଳି ଗାଏବ

ରାଜକନିକା,୭।୪(ସମିସ): ଆକାଶରେ କଳାହାଣ୍ଡିଆ ମେଘ ଆସିବା ମାତ୍ରକେ ବିଜୁଳି ଗାଏବ। ଖରାଦିନର କାଳ ବୈଶାଖୀ ଝଡ଼ ଆରମ୍ଭ ଦିନରୁ ଗତ ସପ୍ତାହେ ହେବ ବାରମ୍ବାର ଘଣ୍ଟା ଘଣ୍ଟା ଧରି ବିଜୁଳି ଗାଏବ ହେବା ସାଧାରଣରେ ଅସନ୍ତୋଷ ବଢ଼ାଇଛି। ରାଜକନିକା ଅଞ୍ଚଳକୁ ବିଜୁଳି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ଓଳାଭରଠାରେ ଗ୍ରୀଡ ସ୍ଥାପନ ହୋଇଥିଲେ ବି ଏଠାରେ ବିଜୁଳି ବିଭ୍ରାଟ ଲାଗି ରହିଛି। ଓଳାଭର, ବଳରାମପୁର, ନହୁଣୀ, ପେଗରପଡା, ସିହୋପଡା, ଦେଉଳତରା, ନମତରା ଆଦି ପଞ୍ଚାୟତରେ ଖରାଦିନେ ଏମିତି ବିଜୁଳି ସମସ୍ୟା ହେବା ଧରାବନ୍ଧା ନିୟମରେ ପରିଣତ ହେଲାଣି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଟାଟା ପାୱାର ବିଜୁଳି ଆବଣ୍ଟନ ଦାୟିତ୍ୱ ନେବା ପରେ ଉପଭୋକ୍ତାଙ୍କୁ ବିଜୁଳି ଟିକସରେ ଶୋଷଣ ଜୋର କରୁଥିବାବେଳେ ସେବାକୁ ଗୁରୁତ୍ୱ ଦେଉ ନ ଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରୀଡର ମ୍ୟାନେଜରଙ୍କୁ ପଚାରିବାକୁ ଚେଷ୍ଟା କରାଯାଇଥିଲେ ବି ତାଙ୍କର ମୋବାଇଲ ସୁଇଚଅଫ୍ ଅଛି। ଉପଭୋକ୍ତାଙ୍କୁ ସେବା ଯୋଗାଇବାରେ ଆଦୌ ସମ୍ବେଦନ ନ ହୋଇ ବିଜୁଳି ଯୋଗାଣରେ ବିଭ୍ରାଟ କରୁଥିବା ଏହି ଗ୍ରୀଡର କାର୍ଯ୍ୟଦକ୍ଷତା ନେଇ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସୂଚନା ଅଧିକାରୀ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ପୁଲିସ ନିଷ୍କ୍ରିୟତା ବିରୋଧରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା,୭।୪(ସମିସ)



ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସର ନିଷ୍କ୍ରିୟତାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ପରିବାରର ସୁରକ୍ଷା ଦାବିରେ ସୂଚନା ଅଧିକାର କର୍ମୀ ମାନସ ରଞ୍ଜନ ଆଚାର୍ଯ୍ୟ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଘଟଣା ସ୍ଥାନୀୟ ମହଲରେ ଆଲୋଚନାର ବିଷୟ ହୋଇଛି।

ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ନଳିନୀ ଆଚାର୍ଯ୍ୟଙ୍କ ପୁତ୍ର ମାନସ ଆଚାର୍ଯ୍ୟ ସ୍ଥାନୀୟ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ବିକାଶ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ନେଇ ସ୍ୱର ଉଠାଇଥିଲେ। ରାସ୍ତା ମରାମତି, ପୋଖରୀ ସଫେଇ ଓ ଓମଫେଡ କେନ୍ଦ୍ର ଗୃହ ନିର୍ମାଣ କାମରେ ନିମ୍ନମାନର କାର୍ଯ୍ୟ ସହ ଓପିଟିସିଏଲ ସାମଗ୍ରୀ ଚୋରି ଅଭିଯୋଗକୁ ନେଇ ସେ ମୁହଁ ଖୋଲିଥିଲେ। ଏହାକୁ ନେଇ ଏକ ରାଜନୈତିକ ଗୋଷ୍ଠୀ ସହ ସଂପୃକ୍ତ କେତେକ ଯୁବକ ୧୭ ତାରିଖରେ ମାନସଙ୍କୁ ଧମକ ଦେବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ତାଙ୍କ ବାମହାତ ଭାଙ୍ଗିଯାଇଥିବା ସହ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା। ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାନସରଞ୍ଜନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ ଓ ୧୧୨ ନମ୍ବରକୁ ମଧ୍ୟ ସୂଚନା ଦେଇଥିଲେ। କିନ୍ତୁ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏଥିରେ ତାଙ୍କ ପରିବାରର ସୁରକ୍ଷା ନେଇ ଭୟ ସୃଷ୍ଟି ହୋଇଥିବାରୁ ସେ ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଯଥୋଚିତ ପଦକ୍ଷେପ ନ ହେବାରୁ ଶେଷରେ ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଧାରଣାରେ କେତେକ ସାମାଜିକ କର୍ମୀ ଓ ସୂଚନା ଅଧିକାର ଅଭିଯାନ ସହ ସଂପୃକ୍ତ ବ୍ୟକ୍ତି ମଧ୍ୟ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ପରେ କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ ଧାରଣାସ୍ଥଳରେ ପହଞ୍ଚି ମାନସଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଶୀଘ୍ର ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମାନସ ଧାରଣା ପ୍ରତ୍ୟାହାର କରିଥିଲେ। ଯଦି ପୁଲିସ ପକ୍ଷରୁ ଆକ୍ସନ ନିଆ ନ ଯାଏ, ତେବେ ପୁନର୍ବାର ଧାରଣାରେ ବସିବେ ବୋଲି ମାନସ ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଆମର ଚିରଈପ୍ସିତ ଭବିଷ୍ୟତ ପାଇଁ ନିରନ୍ତର ବିକାଶ ହିଁ ଏକମାତ୍ର ମାର୍ଗ। ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ନ୍ୟାୟ, ପରିବେଶ ସୁରକ୍ଷା ଓ ଦୃଢ଼ ପ୍ରଶାସନିକ ଢାଞ୍ଚା ନିର୍ମାଣ କରେ।
-ବାନ୍ କି ମୁନ୍

## ଡବ୍ଲୁଟିଓର ଅସ୍ତିତ୍ୱ ସଙ୍କଟ

ବିଗତ ଦଶନ୍ଧିର ଶେଷଭାଗରୁ ଆମେରିକା ଓ ଚୀନ୍ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଏବେ ଅଧିକ ଆକ୍ରମଣାତ୍ମକ ହୋଇ ବିଶ୍ୱବାଣିଜ୍ୟକୁ ପ୍ରଭାବିତ କରିବାରେ ଲାଗିଛି। ନିକଟରେ ଭାରତ ଓ ଚୀନ୍‌ର ଉତ୍ପାଦନ ଢାଞ୍ଚାକୁ ତନଖି କରିବା ପାଇଁ ଆମେରିକା ନୀତିଗତ ପଦକ୍ଷେପ ନେବା ପରେ ଚୀନ୍ ଆମେରିକା ବିରୋଧରେ ସମାନ ଓ ପାଲଟା ପଦକ୍ଷେପ ନେଇଛି। ତେଣୁ ଆଗାମୀ ଦିନରେ ଚୀନ୍-ଆମେରିକା ବାଣିଜ୍ୟ ଯୁଦ୍ଧ ଆହୁରି ପ୍ରଭାବଶାଳୀ ହେବାକୁ ଯାଉଥିବା ଅନୁମାନ କରାଯାଉଛି। ଏହି ସଙ୍କଟକୁ ଆହୁରି ଉତ୍କଟ କରିଛି ମାସାଧିକ ସମୟ ଧରି ଜାରି ରହିଥିବା ଏବଂ ଦିନକୁ ଦିନ ଉଗ୍ର ହୋଇଚାଲିଥିବା ଇରାନ୍ ଓ ଆମେରିକା-ଇସ୍ରାଏଲ୍ ଯୁଦ୍ଧ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲୁଟିଓ) ର ୧୪ତମ ମନ୍ତ୍ରିସ୍ତରୀୟ ଶୀର୍ଷ ସମ୍ମିଳନୀ ଆରମ୍ଭ ହୋଇଛି। ପୂର୍ବରୁ ଡବ୍ଲୁଟିଓକୁ ପଙ୍ଗୁ କରିବାକୁ ଆମେରିକା ଉଦ୍ୟମ ଆରମ୍ଭ କରି କେତେକାଂଶରେ ସଫଳ ହୋଇଥିବା ବେଳେ ଏବେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ନୀତିଗତ ଢାଞ୍ଚାକୁ ନେଇ ଭିନ୍ନ ମତ ଦେଖାଯାଉଛି। ତେଣୁ ହୁଏତ ଆଗାମୀ ଦିନରେ ଡବ୍ଲୁଟିଓ ମଧ୍ୟ ମିଳିତ ଜାତିସଂଘ ଭଳି କେବଳ କାଗଜ କଲମରେ ଏକ ନିୟାମକ ସଂସ୍ଥା ହୋଇ ରହିଯିବ।

ପ୍ରଚଳିତ ନିୟମ ଅନୁଯାୟୀ ଡବ୍ଲୁଟିଓର ନୀତିଗତ ନିଷ୍ପତ୍ତି ଓ ବୁଝାମଣା ଆଦି ୧୬୬ ସଦସ୍ୟଙ୍କ ସମ୍ପୂର୍ଣ୍ଣ ସହମତି ଆଧାରରେ ସମ୍ପନ୍ନ ହେଉଛି। ଏହାଦ୍ୱାରା ବିକଶିତ ଦେଶମାନେ ବିଭିନ୍ନ ଧରଣର ଚାପ ପ୍ରୟୋଗ କରି ନିଜକୁ ସୁହାଇବା ଭଳି ନିଷ୍ପତ୍ତି ବା ଚୁକ୍ତିନାମାକୁ ଚୂଡ଼ାନ୍ତ କରି ନେଉଛନ୍ତି। ଏଣୁ ଭାରତ ସମେତ ଇଣ୍ଡୋନେସିଆ, ଭିଏତନାମ ଓ ନାମିବିଆ ଭଳି କେତେକ ବିକାଶଶୀଳ ଦେଶ ଏବେ 'ସର୍ବସମ୍ମତି' ବଦଳରେ 'ପାରସ୍ପରିକ' ବା 'ଗୋଷ୍ଠୀଭିତ୍ତିକ' ସମ୍ମତି ବା ବୁଝାମଣା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ଡବ୍ଲୁଟିଓ ଅଧୀନରେ ଆଞ୍ଚଳିକ ସ୍ୱାର୍ଥ ବା ଦ୍ୱିପାକ୍ଷିକ ସୁସମ୍ପର୍କ ଥିବା ରାଷ୍ଟ୍ରମାନେ ନିଜ ନିଜ ଭିତରେ ବାଣିଜ୍ୟ ବୁଝାମଣା କରିପାରିବେ। ସେହିପରି ସର୍ବସମ୍ମତି ଭିତ୍ତିକ ବୁଝାମଣା ଅଧିକ ସମୟସାପେକ୍ଷ ଓ ଜଟିଳ ହୋଇଥିବାରୁ ସମଭାବାପନ୍ନ ରାଷ୍ଟ୍ରମାନେ ନିଜ ନିଜ ମଧ୍ୟରେ ରାଜିନାମା କରିପାରିବା ଭଳି ନିୟମ ପ୍ରଣୟନ ଉପରେ ବିକଶିତ ରାଷ୍ଟ୍ରମାନେ ଗୁରୁତ୍ୱ ଦେଉଛନ୍ତି। ଏହାପଛରେ ଥିବା ମୁଖ୍ୟ କାରଣ ହେଉଛି ଡବ୍ଲୁଟିଓର 'ସ୍ପେଶାଲ୍ ଆଣ୍ଡ ଡିଫେରେନ୍‌ସିଆଲ୍ ଟ୍ରିଟ୍‌ମେଣ୍ଟ(ଏସ୍‌ଆଣ୍ଡଡିଟି) ନୀତି। ଏସ୍‌ଆଣ୍ଡଡିଟି ନିୟମ ଅନୁଯାୟୀ ବିକାଶଶୀଳ ଦେଶମାନେ କୃଷି ରିହାତି ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରୁଥିବା ବେଳେ ବିକଶିତ ରାଷ୍ଟ୍ରମାନେ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ଅଧିକ ରିହାତି ଓ ସରକାରୀ ପ୍ରୋତ୍ସାହନ ଦେଉଛନ୍ତି। ଅଥଚ ଉଭୟେ ଉଭୟଙ୍କ ନୀତିକୁ ସମାଲୋଚନା କରୁଛନ୍ତି। ଏହି ନିୟମର ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମତଭେଦ ବଢୁଥିବାରୁ ଚୀନ୍ ଓ ଇଂଲଣ୍ଡ ଡବ୍ଲୁଟିଓରୁ ଓହରି ଯିବାକୁ ଚିନ୍ତା କରୁଥିବା ସୂଚନା ମିଳିଛି।

ଡବ୍ଲୁଟିଓର ସାମ୍ବିଧାନିକ ଢାଞ୍ଚା ପରିବର୍ତ୍ତନ ଅପେକ୍ଷା ବିଶ୍ୱବାଣିଜ୍ୟର ଭବିଷ୍ୟତର ସୁରକ୍ଷା ପ୍ରତି ଅଧିକ ତତ୍ପର ହେବା ବର୍ତ୍ତମାନର ଆବଶ୍ୟକତା। ମନ୍ତ୍ରିସ୍ତରୀୟ ସମ୍ମିଳନୀ ଅବସରରେ ଡବ୍ଲୁଟିଓର ମହାନିର୍ଦ୍ଦେଶକ ଚେତାଇ ଦେଇଛନ୍ତି ଯେ ବିଗତ ୮୦ ବର୍ଷ ଭିତରେ ବିଶ୍ୱ ବାଣିଜ୍ୟ କାରବାର ସବୁଠାରୁ ଖରାପ୍ ସମୟ ଦେଇ ଗତି କରୁଛି। ଏଥିପାଇଁ ଯେଉଁ କ୍ଷତି ହେଉଛି ତାହା ଭରଣାଯୋଗ୍ୟ ନୁହେଁ। ଏବେ କେତେକ ରାଷ୍ଟ୍ରମଧ୍ୟରେ ବିଶ୍ୱରେ ଆଧିପତ୍ୟ ବା ଏକାଙ୍ଗ ଚକ୍ରବର୍ତ୍ତୀ ହେବାର ଯେଉଁ ପ୍ରତିଯୋଗିତା ଚାଲିଛି ସେଥିରୁ ସମଗ୍ର ବିଶ୍ୱକୁ ରକ୍ଷା କରିବାର ଦାୟିତ୍ୱ ଡବ୍ଲୁଟିଓ ଉପରେ। ଯଦି ଏହି ସଂସ୍ଥା ଅସ୍ତିତ୍ୱ ହରାଇବ ତେବେ ବିଶ୍ୱବାଣିଜ୍ୟ ଅନିୟନ୍ତ୍ରିତ ଓ ବିପନ୍ନ ହେବା ନିଶ୍ଚିତ।

## ଏଫ୍‌ସିଆରଏ ବିବାଦ

ସଂସଦର ଗତ ବଜେଟ୍ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲୋକସଭାରେ ଉପସ୍ଥାପନ କରିଥିବା ବୈଦେଶିକ ପାଣ୍ଠି ଅନୁଦାନ(ନିୟନ୍ତ୍ରଣ) ସଂଶୋଧନ ବିଧେୟକକୁ ନେଇ ରାଜନୀତି ଉଷ୍ମ ହୋଇଛି। ଆଗାମୀ ବିଧାନସଭା ନିର୍ବାଚନ ଏବଂ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଲକ୍ଷ୍ୟରେ ରଖି ଏହି ବିଧେୟକ ପ୍ରସ୍ତୁତ କରାଯାଇଛି ବୋଲି କଂଗ୍ରେସ ଓ କେରଳର ଶାସକ ଦଳ ଏଲ୍‌ଡିଏଫ୍ ଅଭିଯୋଗ କରିଛନ୍ତି।

ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେସରକାରୀ ବା ସ୍ୱେଚ୍ଛାସେବୀ ସଂଗଠନ(ଏନ୍‌ଜିଓ) ମାନେ ବିଦେଶରୁ ଗ୍ରହଣ କରୁଥିବା ପାଣ୍ଠି/ଅନୁଦାନ/ଦାନ ଯେଭଳି ଦେଶର ବୃହତ୍ତର ସ୍ୱାର୍ଥର ପରିପନ୍ଥୀମୂଳକ କାର୍ଯ୍ୟ ଏବଂ ସରକାରୀ ବିରୋଧୀ କାର୍ଯ୍ୟରେ ନିୟୋଜିତ ନ ହୁଏ ତାହାର ତଦାରଖ ସହିତ ଉକ୍ତ ପାଣ୍ଠିର ଉପଯୁକ୍ତ ପରିଚାଳନା କରିବା ପାଇଁ ୨୦୧୧ ମେ ୧ ତାରିଖରୁ ଏଫ୍‌ସିଆରଏ ଆଇନ କାର୍ଯ୍ୟକାରୀ ହୋଇଛି। ବିଦେଶୀ ପାଣ୍ଠି ଗ୍ରହଣ ପାଇଁ କୌଣସି ସଂସ୍ଥା ଏହି ଆଇନ ଅଧୀନରେ ପଞ୍ଜିକୃତ ହେବା ବାଧ୍ୟତାମୂଳକ। ବର୍ତ୍ତମାନ ସୁଦ୍ଧା ଏହି ଆଇନ ଅଧୀନରେ ୧୬ ହଜାର ସଂସ୍ଥା ପଞ୍ଜିକୃତ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୨ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଦାନ ଆକାରରେ ଗ୍ରହଣ କରିଛନ୍ତି। ସମୟର ଆବଶ୍ୟକତା ଅନୁଯାୟୀ ଏହି ଆଇନ ୨୦୧୬, ୨୦୧୮, ୨୦୨୦ରେ ସଂଶୋଧନ ହୋଇସାରିଥିଲେ ମଧ୍ୟ ପୁନର୍ବାର ସଂଶୋଧନ ହେବାକୁ ଯାଉଛି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସନ୍ଦେହ ଆଧାରରେ କୌଣସି ଏନ୍‌ଜିଓ(ବିଶେଷକରି ଧାର୍ମିକ ସଂସ୍ଥା)ର ପଞ୍ଜିକରଣକୁ ସାମୟିକ ବାତିଲ୍ କରାଯାଇପାରିବ ଏବଂ ଉକ୍ତ ସଂସ୍ଥାର ସମ୍ପତ୍ତି ପରିଚାଳନା ଓ ଅଧିଗ୍ରହଣ ପାଇଁ ଜଣେ ସରକାରୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତ କରାଯିବ। ସନ୍ଦେହ ଆଧାରରେ ଯେକୌଣସି ପଞ୍ଜିକୃତ ଏନ୍‌ଜିଓର ପାଣ୍ଠି ପରିଚାଳନାକୁ ସରକାର ଯାଞ୍ଚ କରିପାରିବେ। ସେହିପରି ପଞ୍ଜିକରଣର ନବୀକରଣ ଆବେଦନରେ ବିଳମ୍ବ ଘଟିଲେ କିମ୍ବା କାରଣଦର୍ଶାଅ ନୋଟିସ୍‌ର ନିର୍ଦ୍ଧାରିତ ସମୟ ଭିତରେ ଜବାବ ଦାଖଲ ନ ହେଲେ ମଧ୍ୟ ଉକ୍ତ ସଂସ୍ଥାର ପଞ୍ଜିକରଣ ବାତିଲ୍ କରାଯିବ।

ଏହି ଆଇନକୁ କେନ୍ଦ୍ର ସରକାରଙ୍କ ବୁଲ୍‌ଡୋଜର ଆଇନ ଭାବେ ବର୍ଣ୍ଣନା କରି କଂଗ୍ରେସ ଓ ଏଲ୍‌ଡିଏଫ୍ କହିଛନ୍ତି ଯେ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ଏହାପଛରେ ଥିବା ରାଜନୀତି ଦୃଷ୍ଟିକୋଣରୁ ଉର୍ଦ୍ଧ୍ୱରେ ଉଠି ବିଚାର କଲେ ଆଇନଟି ସେଭଳି ଧର୍ମବିରୋଧୀ ବୋଲି ଜଣାପଡୁନାହିଁ। କାରଣ ପଞ୍ଜିକରଣ ବାତିଲ୍ ହେଲେ ମଧ୍ୟ ଉକ୍ତ ସଂସ୍ଥାର ଧର୍ମୀୟ ରୀତିନୀତି ସ୍ୱାଭାବିକ ଢଙ୍ଗରେ ଜାରି ରହିବ ବୋଲି ବିଧେୟକରେ ଉଲ୍ଲେଖ ରହିଛି। ସେହିପରି ଦେଶ ଭିତରେ ରହି ବିଦେଶୀ ସମ୍ବଳରେ ଦେଶବିରୋଧୀ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ଯଦି କୌଣସି ଆଇନ ପ୍ରଣୟନ ହୁଏ ତେବେ ତାହା ନିତାନ୍ତ ସ୍ୱାଗତଯୋଗ୍ୟ।

# ହେ ପ୍ରଭୁ! ଟ୍ରମ୍ପଙ୍କୁ ପୁଳେ ପୁରସ୍କାର ଦେ

ଡାକ୍ତର ଓଁପ୍ରକାଶ ପାଣିଗ୍ରାହୀ

ଏବେ ସବୁଠି ଆଲୋଚନାର ମୁଖ୍ୟ ବିଷୟ ହେଉଛି - ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ତୁହାକୁ ତୁହା ଦାବି କରୁଥିବା ଟ୍ରମ୍ପଙ୍କ ଏଭଳି ଅଶାନ୍ତ ଉଗ୍ର ରୂପ ହଠାତ୍ ହେଲା କାହିଁକି? ମିସାଇଲ ମାଡ଼ରେ କୁଳକୁଟୁମ୍ବ ସହ ଖେମିନିଙ୍କ ମୃତ୍ୟୁ ହୋଇଗଲା ପରେ କ'ଣ ଟ୍ରମ୍ପଙ୍କ ନୋବେଲ୍ ପୁରସ୍କାର ଆଶା ମଉଳି ଯାଇ ପାପାଶୀ ପାଲଟିବ? ଏବେ ତ ପୁଣି ଥରେ ଆମେରିକାନ୍ କଂଗ୍ରେସରେ ଟ୍ରମ୍ପ ସେଇ ପୁରୁଣା ଦାବି ଦୋହରାଇଥିଲେ - 'ମୁଁ ଶେହବାଜ ସରିଫଙ୍କ ବିକଳ ନେହୁରାରେ ବିଗଳିତ ହୋଇ ଭାରତ ସହ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇଥିଲି। ତା' ଫଳରେ ସରିଫଙ୍କ ସହ ସାଢ଼େ ତିନି କୋଟି ପାକିସ୍ତାନୀଙ୍କ ଜୀବନ ବଞ୍ଚାଇ ଦେଲି।' ଅର୍ଥାତ୍ - 'ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମୁଁ ହିଁ ହକଦାର୍!'

ଟ୍ରମ୍ପ ଏକେ ତ ଆଡ଼ପାଗଳା, ଦ୍ୱିତୀୟରେ ପୁରସ୍କାର ହାସଲ ପାଇଁ ବାୟା। ମନେହେଉଛି, ନିତି ସ୍ୱପ୍ନରେ ଈଶ୍ୱରଙ୍କୁ କାଳେ ନେହୁରା ହେଉଥିବ - 'ପ୍ରଭୁ ହେ। ମୁଁ କେତେ କେତେ ଯୁଦ୍ଧ ବନ୍ଦ କଲିଣି, ମୋତେ ଅନ୍ତତଃ ନୋବେଲ୍ ଶାନ୍ତି ପୁରସ୍କାରଟି ଦେଇ ଦେ!' ତାଙ୍କ ବାୟାପଣ ସଂଗକୁ ପୁଣି ପାକିସ୍ତାନୀ ଚାଟୁକାରିତା। ଶରିଫ କହୁଛନ୍ତି, 'ଟ୍ରମ୍ପ ମହାଶୟ ହେଉଛନ୍ତି ସଂସାରର ମହାନ୍ ଶାନ୍ତିକାମୀ ନେତା। ତାଙ୍କୁ ବେଧଡ଼କ୍ ଶାନ୍ତି ନୋବେଲ୍ ଖଣ୍ଡକ ଦିଆଯାଉ।' ଏଥିରେ ଟ୍ରମ୍ପଙ୍କ ପୁରସ୍କାର କାମନା ଲୋଭ ଆହୁରି ଅଦମନୀୟ ହେଉଛି। ଶାସ୍ତ୍ର କହୁଛି, କାମନାର ବିଫଳତାରୁ କ୍ରୋଧ, କ୍ରୋଧରୁ ସମ୍ମୋହ, ସମ୍ମୋହରୁ ବୁଦ୍ଧିନାଶ, ବୁଦ୍ଧିନାଶରୁ ପ୍ରତିଶୋଧର ଉତ୍ପତ୍ତି। ଏବେ ତାଙ୍କ ପ୍ରତିଶୋଧ ଅଗ୍ନିରେ ବଳୁଛି ମଧ୍ୟପ୍ରାଚ୍ୟ।

ମୂଳକଥା ହେଲା, ମଣିଷ ମହାନ ହେବା ଉଚ୍ଚାକାଂକ୍ଷାକୁ ପୂରଣ କରିବା ପାଇଁ ତିନୋଟି ସୋପାନ ଦେଇ ଗତି କରିଥାଏ। ପ୍ରଥମ ସୋପାନରେ ସମ୍ପତ୍ତି ଆହରଣ, ଦ୍ୱିତୀୟରେ କ୍ଷମତା ଦଖଲ, ତୃତୀୟରେ 'ମହାନ୍ ଯଗପୁରୁଷ'ର ନିଶା। ସେକ୍ସପିଅର ଲେଖିଥିଲେ, କିଛି ଲୋକ ଜନ୍ମଜାତ ମହାନ୍ ହୋଇଥା'ନ୍ତି, କିଛି ନିଜ ଜୀବନରେ ନିଷ୍ଠାପର ସାଧନାରେ ସିଦ୍ଧି ଲାଭ କରି ମହାନ୍ତି ହୋଇଥାନ୍ତି, ଆଉ କିଛି ଲୋକ କଳେବଳେକୌଶଳେ ନିଜ ମୁଣ୍ଡରେ ମହାନତାର ମୁକୁଟ ଜବରଦସ୍ତି ଥୋପାଯିବାର ବ୍ୟବସ୍ଥା କରନ୍ତି। ଟ୍ରମ୍ପ ସେଇୟା କରିବାରେ ଏବେ ବ୍ୟସ୍ତ। ଅଥଚ ତାଙ୍କ ଭଳି ଏକ ଅହଂ ସଂପନ୍ନ ବ୍ୟକ୍ତିଙ୍କୁ କଦାପି ନୋବେଲ୍ ଦିଆଯିବା ଉଚିତ୍ ନୁହଁ। ତା' ହେଲେ ନୋବେଲ୍ ଶାନ୍ତି ପୁରସ୍କାର ପ୍ରତି ହିଁ ଅପମାନ ହେବ।

ନୋବେଲ ଶାନ୍ତି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କୁ ତାଙ୍କର କାର୍ଯ୍ୟକାଳର ନବମ ମାସ ନ ପୁରୁଣୁ ଚରବରିଆ ଭାବେ ଦିଆଯାଇଥିବା ଯୋଗୁଁ ନୋବେଲ୍ କମିଟି ସମାଲୋଚିତ ହୋଇଥିଲା। ଓବାମା ନିଜେ ମଧ୍ୟ ତାଙ୍କ ନୋବେଲ୍ ପୁରସ୍କାର ପ୍ରାପ୍ତିର ଯୋଗ୍ୟତା ପ୍ରତି ସନ୍ଦେହ ବ୍ୟକ୍ତ କରିଥିଲେ। ବିଶ୍ୱ ଶାନ୍ତି ବଜାୟ ରଖିବାକୁ ସର୍ବଶକ୍ତିମାନ ଆମେରିକା ରାଷ୍ଟ୍ରପତିମାନଙ୍କ ଶାନ୍ତି ପୁରସ୍କାର ହାସଲ ପାଇଁ ଯୋଗ୍ୟତା ଅପେକ୍ଷା ସେମାନଙ୍କ ମହତାକାଂକ୍ଷାକୁ ବେଳେ ବେଳେ ବିଚାରକୁ ନିଆଯାଇଛି। ବିଶ୍ୱବ୍ୟାପୀ ଯୁଦ୍ଧ, ରକ୍ତପାତ୍ର ଏଡ଼ାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ନା ନୋବେଲ୍ ଶାନ୍ତି ପୁରସ୍କାରରେ ଶତପ୍ରତିଶତ ଯୋଗ୍ୟତା ଖୋଜିବା ବେଶି ଜରୁରୀ? ଏମିତି ତ ଅନ୍ତର୍ଜାତୀୟ କ୍ଷେତ୍ରରେ ନୋବେଲ୍ ହେଉ ବା ଜାତୀୟ ପୁରସ୍କାର କେବଳ ଯୋଗ୍ୟତାର ମାପକାଠିରେ ନୁହେଁ, ବରଂ ତତ୍କାଳୀନ ସାମାଜିକ, ରାଜନୈତିକ, ଆଦର୍ଶଗତ ଓ ଜନମତ ଆଧାରରେ ବିଚାର ହୋଇଆସିଛି। ଅବଶ୍ୟ ଏହା କେତେଦୂର ଯଥାର୍ଥ ତାହା ଏକ ବଡ଼ ପ୍ରଶ୍ନବାଚୀ। ତା'ଛଡ଼ା ଅତୀତରେ କେତେ ଅଣଯୋଗ୍ୟ ମୁଣ୍ଡରେ ନୋବେଲ୍ ବା ଭାରତରତ୍ନର ସୁନା କଳସ ଢଳା ହୋଇଛି, ତା'ର ଉଦାହରଣର କ'ଣ ଅଭାବ ଅଛି?

ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଗାନ୍ଧିଜୀଙ୍କୁ ପାଞ୍ଚ ଥର ମନୋନୀତ କରାଯାଇଥିଲା। କିନ୍ତୁ ଦିଆଗଲା ନାହିଁ। ଚର୍ଚ୍ଚିଲ୍‌ଙ୍କ ଦ୍ୱାରା 'ଲଙ୍ଗଳା ଫକିର' ଉପାଧି ପାଇଥିବା ଗୋଟିଏ ଦରିଦ୍ର ଦେଶର ନେତାଙ୍କୁ ୟୁରୋପର ସମ୍ଭ୍ରାନ୍ତ ସମାଜ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ବୋଧହୁଏ ଅଯୋଗ୍ୟ ମନେ କରିଥିଲା। ୟୁରୋପୀୟ ପୁଞ୍ଜିବାଦୀ ଦେଶର ଯୋଗ୍ୟତାର ମାପକାଠିକୁ ସମାଜବାଦୀ ଓ କମ୍ୟୁନିଷ୍ଟ ଦେଶ ପକ୍ଷରେ ଲାଗୁ କରାଯାଇପାରିବ ନାହିଁ। ଅତୀତରେ ବିଶ୍ୱରେ ଅସଂଖ୍ୟ ଯୁଦ୍ଧ ଶୋକ ମାନବୀୟ ଦୁର୍ଦ୍ଦଶାର କାରଣ ପଛରେ ଆମେରିକାନ ରାଷ୍ଟ୍ରପତିମାନଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ରହିଥିବା ଦୃଷ୍ଟାନ୍ତ ରହିଛି। ଏବେ ଇରାନ ଯୁଦ୍ଧ ପଛରେ ମଧ୍ୟ ଆମେରିକା ତା'ର ପୂର୍ବ ପାପର ଅଖା ଧୋଉଛି।

ଷାଠିଏ ଦଶକରେ ଇରାନ୍ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଡେକ୍ ତୈଳର ଜାତୀୟକରଣ କରିବାରୁ ଆମେରିକା ତାଙ୍କୁ ଗାଦିଚ୍ୟୁତ କରିଥିଲା। ବୋଲକରା ଏକଚ୍ଛତ୍ରବାଦୀ ଶାସକ ଶାହାଙ୍କୁ ଗାଦିରେ ବସାଇଥିଲା। ଦୀର୍ଘକାଳ ଇରାନକୁ କ୍ରମାଗତ ଲୁଟ୍ କଲା। ଶେଷରେ ଇସଲାମିକ୍ ବିପ୍ଳବ ଜରିଆରେ ଖେମିନି ଇରାନ୍‌ର ସୁପ୍ରିମ୍‌ଲିଡର ହୋଇ କ୍ଷମତା ଦଖଲ କରିଥିଲେ। ଆମେରିକାକୁ ସଇତାନ୍ ଆଖ୍ୟା ଦେଇ ତା'ର ଦାଦାଗିରିକୁ ସେ ବେଖାତିର କରି ଆସୁଥିଲେ। ସେହି କାରଣରୁ ଟ୍ରମ୍ପ ଏବେ ଇରାନ୍ ଆକ୍ରମଣ କରି ଖେମିନିଙ୍କୁ ଖାତମା କଲେ। ତାଙ୍କ ପୁତ୍ର ମୋଜତାବାଙ୍କୁ ହତ୍ୟା ଧମକ ଦେଇ ନିଜ ଦାଦାଗିରିକୁ ବିଶ୍ୱରେ ବଜାୟ ରଖିବାକୁ ପ୍ରୟାସ କରୁଛନ୍ତି। ଆଗରୁ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ରାତାରାତି ବାନ୍ଧି ଜେଲରେ ପୁରାଇ ତୈଳ ସମ୍ପଦକୁ ଲୁଟ୍ ଜାରି ରଖିଛନ୍ତି।

ଅତୀତରେ ବାରମ୍ବାର ଅନ୍ତର୍ଜାତୀୟ କ୍ଷେତ୍ରରେ ଆମେରିକା ଦାଦାଗିରିର ଶିକାର ହୋଇ ପୃଥିବୀବାସୀ ଅକଥନୀୟ ନାରକୀୟ ଯନ୍ତ୍ରଣାର ଶିକାର ହୋଇ ସାରିଛନ୍ତି। ଆଫଗାନିସ୍ତାନରେ ତାଲିବାନ ଜରିଆରେ ରୁଷିଆ ବିରୁଦ୍ଧରେ ଯୁଦ୍ଧ, ରାସାୟନିକ ଅସ୍ତ୍ର ରଖିବା ମିଥ୍ୟା ଅଭିଯୋଗରେ ଇରାକ ବିରୁଦ୍ଧରେ ଯୁଦ୍ଧ, ସଦ୍ଦାମ୍‌ଙ୍କୁ ମୃତ୍ୟୁଦଣ୍ଡ, ଭିଏତନାମ ଯୁଦ୍ଧରେ ଦୀର୍ଘକାଳୀନ ନରସଂହାର, ଲିବିୟାରେ ଗଦାଫିଙ୍କୁ ରାଜରାସ୍ତାରେ ହତ୍ୟା, ଚେକ୍ ଦ୍ୱିଭାରୋଙ୍କୁ ବଲିଭିଆରେ ହତ୍ୟା, କ୍ୟୁବା ନେତା ଫିଡେଲ୍ କାଷ୍ଟ୍ରୋଙ୍କୁ ପ୍ରାୟ ଦୁଇ ଡଜନରୁ ଅଧିକ ଥର ବିଫଳ ହତ୍ୟା ଉଦ୍ୟମ, କଂଗୋ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ସହ ତିନି ଦଶକ ଧରି ୟୁରାନିୟମ ଲୁଟ୍ ଇତ୍ୟାଦି ନାରକୀୟ କାଣ୍ଡଗୁଡ଼ିକ ଏହାର କିଛି ଉଦାହରଣ। ତା' ସତ୍ତ୍ୱେ ଆମେରିକାର ଚାରିଜଣ ରାଷ୍ଟ୍ରପତି ଦୁଇଜଣ ଉପରାଷ୍ଟ୍ରପତି ଅନେକ ସିନେଟର ଓ ରାଜନେତାଙ୍କ ଝୋଲିରେ ନୋବେଲ୍ କମିଟି ତାଙ୍କ ପୁରସ୍କାର ପେଡ଼ି ଅକୁଣ୍ଠ ଭାବରେ ଢାଳି ଦେଇଆସିଛନ୍ତି। ଏପରିକି ଭିଏତନାମ୍ ନରସଂହାରର ଅନ୍ୟତମ ଖଳନାୟକ କୁହାଯାଉଥିବା ହେନେରୀ କିସିଞ୍ଜରଙ୍କୁ ମଧ୍ୟ ନୋବେଲ୍ ଶାନ୍ତି ପୁରସ୍କାର ଦିଆଯାଇଥିଲା।

କ୍ଷମତା ମଣିଷକୁ ମନ୍ଦବୁଦ୍ଧିଗ୍ରସ୍ତ କରାଏ ଏବଂ ନିରଙ୍କୁଶ କ୍ଷମତା ନିରଙ୍କୁଶ ଭାବେ ମନ୍ଦବୁଦ୍ଧି ପ୍ରୟୋଗ ପାଇଁ ଉସୁକାଏ। ପୃଥିବୀବାସୀଙ୍କୁ ତ୍ରସ୍ତ କରି ନିଜ ସ୍ୱାର୍ଥସାଧନ କରିବାକୁ କତିପୟ ଆମେରିକୀୟ ରାଷ୍ଟ୍ରପତି ମନ୍ଦବୁଦ୍ଧି ପ୍ରୟୋଗ କରି ଆସିଛନ୍ତି। ଅତୀତରେ ନୋବେଲ୍ ଭଳି ଶୀର୍ଷତମ ପୁରସ୍କାର ଆଶା ଦେଖାଇ ମନ୍ଦବୁଦ୍ଧିକୁ କିଛିମାତ୍ରାରେ ପ୍ରଶମିତ କରାଯିବାର ପ୍ରୟାସ ହୋଇଛି। ଏବେ ମଧ୍ୟ ଟ୍ରମ୍ପଙ୍କୁ ନୋବେଲ୍ ଶାନ୍ତି ପୁରସ୍କାରର ନିର୍ଭର ପ୍ରତିଶ୍ରୁତି ଯଦି ମିଳିଯିବ ତେବେ ହୁଏତ ଇରାନ ଆକ୍ରମଣରୁ ଓହରି ଯିବେ। ପୁରସ୍କାର ସ୍ୱପ୍ନରେ ତାଙ୍କ ଅବଚେତନରେ ସମ୍ଭବତଃ ଜାଗି ଉଠିବ ମହାନ୍ ହେବାର ଅଦମ୍ୟ ଲାଳସା। ସେଇ 'ମୁଁ ମହାନ୍' ମାନସିକତା, ତାଙ୍କୁ ଯୁଦ୍ଧରୁ କାଳେ ନିବୃତ୍ତ କରିଦେବ। ତେଣୁ ଏବେ ବି ସମୟ ଅଛି। ଚାଲନ୍ତୁ, ସମସ୍ତେ ଈଶ୍ୱରଙ୍କୁ ଗୁହାରି କରିବା - 'ହେ ପ୍ରଭୁ ! ଟ୍ରମ୍ପଙ୍କୁ ପୁଳେ ପୁରସ୍କାର ଦେ। ତା' ମୁଣ୍ଡରେ ନୋବେଲ୍ ଶାନ୍ତିଦୂତ ମୁକୁଟ ପିନ୍ଧାଇ ଦେ। ମଥା ଥଣ୍ଡା ହେଉ। ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ଦୂରେଇ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେଉ।'

ଭୁବନେଶ୍ୱର, ମୋ: ୯୪୩୭୮୦୭୮୭୮

# ମାନସିକ ସ୍ୱାସ୍ଥ୍ୟ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ

ବିଦ୍ୟାଧର ମହାରଣା

ସାମାଜିକ ଗଣମାଧ୍ୟମ ଆଜିର ଦୁନିଆରେ ଯୋଗାଯୋଗ, ସୂଚନା ପ୍ରସାରଣ ଏବଂ ନୂତନ ତଥ୍ୟ ବିସ୍ତାର କରିବାର ଏକ ପ୍ରମୁଖ ମାଧ୍ୟମ ଭାବରେ ଦେଖାଦେଇଛି। ସେଗୁଡ଼ିକ ମଧ୍ୟରୁ ଅଧିକ ଜନପ୍ରିୟ ହେଉଛି ଫେସବୁକ, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍‌ସଅପ୍, ଟ୍ୱିଟର (ଏକ୍ସ), ଟିକ୍‌ଟକ୍, ସ୍ନାପ୍‌ଚାଟ୍ ଇତ୍ୟାଦି। ଏହି ପ୍ଲାଟଫର୍ମଗୁଡ଼ିକ ଆମର ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଂଶ ପାଲଟିଯାଇଛି, ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ।

ସାମାଜିକ ଗଣମାଧ୍ୟମଗୁଡ଼ିକର ଉଭୟ ଭଲ ଓ ମନ୍ଦ ଦିଗ ରହିଛି। ଭଲ ଦିଗଗୁଡ଼ିକ ମଧ୍ୟରେ ସଂଯୋଗ ବୃଦ୍ଧି, ସହାୟତା ନେଟୱାର୍କ ପ୍ରଦାନ କରିବା ଏବଂ ସହଜରେ ଆତ୍ମ-ପ୍ରକାଶନ ପ୍ରଧାନ। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନଙ୍କୁ ଦୂରରେ ବନ୍ଧୁ ଓ ପରିବାର ସହିତ ସଂଯୁକ୍ତ ରହିବାକୁ ସକ୍ଷମ କରେ, ଏକାକିତ୍ୱ ଓ ବିଚ୍ଛିନ୍ନତାର ଭାବନାକୁ ହ୍ରାସ କରେ। ପୃଥିବୀର କୋଟିକୋଟି ବ୍ୟବହାରକାରୀ ବିଜୁଳି ବେଗରେ ପରସ୍ପର ସହିତ ସଂଯୋଗ ସ୍ଥାପନ କରିପାରନ୍ତି। ଏପରି କେତେକ ସମ୍ବାଦ ରହିଛି ଯେଉଁଗୁଡ଼ିକ ଖବରକାଗଜ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହେବା ପୂର୍ବରୁ ସାମାଜିକ ଗଣମାଧ୍ୟମ ସୂତ୍ରରୁ ହସ୍ତଗତ ହୋଇଥାଏ। ଆତ୍ମପରିଚୟ ପ୍ରକାଶନ ସାମାଜିକ ଗଣମାଧ୍ୟମ ଦ୍ୱାରା ସୁଗମ ହୋଇଥାଏ। ଏହା କଳା, ସଙ୍ଗୀତ କିମ୍ବା ବ୍ୟକ୍ତିଗତ କାହାଣୀ ପ୍ରଚାର ପ୍ରସାର କରିବା ଭଳି ସୃଜନଶୀଳ ପ୍ରସାରଣ, ଆତ୍ମସମ୍ମାନ ଓ ସ୍ଥିରତାକୁ ବୃଦ୍ଧି କରିପାରେ। ବାସ୍ତବରେ ଏହା ଗଣଙ୍କ ମାଧ୍ୟମ ଓ ଗଣ ଦ୍ୱାରା ମାଧ୍ୟମ।

ସାମାଜିକ ଗଣମାଧ୍ୟମର ନକାରାତ୍ମକ ଦିଗ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟହାନି ପ୍ରଥମ। ଏହାପରେ ଉତ୍କଣ୍ଠା, ଅବସାଦ, ସାଇବରବୁଲିଂ, ନିଦ୍ରା ବ୍ୟାଘାତ, ନିର୍ଭରଶୀଳତାର ଭୟ ଆଦି ରହିଛି। ମାନସିକ ସ୍ୱାସ୍ଥ୍ୟ ପାଇଁ ଏହା କେତେ କ୍ଷତିକାରକ ତାହା ସମସ୍ତେ ଭଲଭାବେ ହୃଦୟଙ୍ଗମ କରିବା ଆବଶ୍ୟକ। ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର, ସାମାଜିକ ତୁଳନା ଓ ଆଦର୍ଶ ବ୍ୟକ୍ତିଙ୍କ ସହିତ ନିଜକୁ ତୁଳନା କରିବା ଦ୍ୱାରା ନିଜ ମଧ୍ୟରେ ଏକ ଅଭାବ, ନିମ୍ନ ସମ୍ମାନ, ଅବସାଦ ଓ ଉତ୍କଣ୍ଠା ସୃଷ୍ଟି ହୁଏ। ମନରେ ନିଜକୁ ହୁଏତ ଅନ୍ୟମାନଙ୍କ ତୁଳନାରେ ଛୋଟ ବୋଲି ଭାବିବାକୁ ପଡ଼େ। ଅନଲାଇନରେ ଅନ୍ୟଦ୍ୱାରା ଉତ୍ପୀଡ଼ନ ଓ ଭୟଭୀତ ହେବା ଯୋଗୁଁ ମନରେ ଅଧିକ ଚାପ, ଅବସାଦ ଓ ସ୍ଥଳବିଶେଷରେ ଆତ୍ମହତ୍ୟା ପ୍ରବଣତା ଦେଖାଦେଇପାରେ। ସାଇବର ଅପରାଧ ଆଜିକାଲି ଏକ ନିତିଦିନିଆ ଘଟଣା ହୋଇଗଲାଣି। ଆଇନରେ ଡିଜିଟାଲ ଆରେଷ୍ଟ ପ୍ରାବଧାନ ନ ଥିଲେ ମଧ୍ୟ କେତେକ ମାନ୍ୟଗଣ୍ୟ ବ୍ୟକ୍ତି ଡିଜିଟାଲ ଆରେଷ୍ଟ ହୋଇ ପୁଲିସ ସହାୟତାରେ ମୁକୁଳିବା ଖବର ଆମେ ଊଣାଅଧିକେ ଜାଣିଛେ। ଏହାର ପ୍ରଭାବରେ କେତେକ ଯୁବକଯୁବତୀ ଆତ୍ମହତ୍ୟା କରିବା ଖବର କାହାକୁ ଅଜଣା?

ଆଜିକାଲି ବହୁଲୋକ ଶୋଇବା ପୂର୍ବରୁ ବହୁସମୟ ଧରି ମୋବାଇଲ ଫୋନ ବ୍ୟବହାର କରୁଛନ୍ତି ଓ ଗଣମାଧ୍ୟମରେ ବୁଡ଼ି ରହୁଛନ୍ତି। ଏହାଦ୍ୱାରା ସେମାନଙ୍କ ନିଦ୍ରା ବ୍ୟାଘାତ ହୋଇ ମାନସିକ ସ୍ୱାସ୍ଥ୍ୟ ପ୍ରତି ଅହେତୁକ ବିପଦ ସୃଷ୍ଟି କରୁଛି। ଜଣେ ସୁସ୍ଥବ୍ୟକ୍ତି ରାତ୍ରିରେ ଅନ୍ତତଃ ୬-୮ ଘଣ୍ଟା ସୁଖନିଦ୍ରା ଆବଶ୍ୟକ କରେ। କିନ୍ତୁ ଅଧିକ ସମୟ ସାମାଜିକ ଗଣମାଧ୍ୟମ ସହ ଜଡ଼ିତ ହେବା ବ୍ୟକ୍ତି ଏହି ସୁବିଧାରୁ ବଞ୍ଚିତ ହୋଇ ରୋଗଗ୍ରସ୍ତ ହୋଇଥାଏ। ସାମାଜିକ ଗଣମାଧ୍ୟମର ବାଧ୍ୟତାମୂଳକ ପ୍ରକୃତି ମନରେ ନିଶାଗ୍ରସ୍ତ ଆଚରଣ ସୃଷ୍ଟି କରିପାରେ, ଯାହା ବାସ୍ତବ-ବିଶ୍ୱ ସାମାଜିକ ପାରସ୍ପରିକ କ୍ରିୟା ଓ ଉତ୍ପାଦକତାକୁ ଅଧିକ ମାତ୍ରାରେ ହ୍ରାସ କରିଥାଏ। କ୍ରମାଗତ ଭାବରେ ଅନ୍ୟମାନଙ୍କ ଜୀବନ ଦେଖିବା ପରେ ହୁଏତ ନିଜ ମନମଧ୍ୟରେ ହତାଶା, ନିରାଶା ଓ ଈର୍ଷା ସୃଷ୍ଟି ହେବା ବିଚିତ୍ର ନୁହେଁ।

ସାମାଜିକ ଗଣମାଧ୍ୟମଗୁଡ଼ିକର ନକାରାତ୍ମକ ପ୍ରଭାବକୁ ଏଡ଼ାଇ ଦେବା ପାଇଁ କିମ୍ବା ହ୍ରାସ କରିବା ପାଇଁ ଆମକୁ ନିଷ୍ଠାର ସହିତ କେତେକ ରଣକୌଶଳ ଆପଣେଇବାକୁ ପଡ଼ିବ। ପ୍ରଥମରେ ସ୍କ୍ରିନ୍ ସମୟ ଚାରିପାଖରେ ସୀମା ନିର୍ଦ୍ଧାରଣ କରିବା ସହିତ ଶୋଇବା ପୂର୍ବରୁ ଏହାକୁ ଏଡ଼ାଇ ଦେବା ଓ ସାମାଜିକ ଗଣମାଧ୍ୟମଠାରୁ ବିରତି ନେବା ଅତ୍ୟନ୍ତ ଜରୁରୀ। ଅନ୍ୟ ଅର୍ଥରେ ମୋବାଇଲ ଫୋନ ବ୍ୟବହାରର ଦୈନିକ ସୀମା ସ୍ଥିର କରିବା ସହିତ ଶୋଇବାର କିଛି ଘଣ୍ଟା ପୂର୍ବରୁ ଏଥିରୁ ବିରତି ନେବା ଉଚିତ। ଦ୍ୱିତୀୟରେ ଅନଲାଇନ୍ ବିଷୟବସ୍ତୁ ପ୍ରାୟତଃ ବାସ୍ତବତାର ସଠିକ୍ ପ୍ରତିଫଳନ ନୁହେଁ ବୋଲି ସ୍ୱୀକାର କରିବାକୁ ହେବ। ଆଜିକାଲି ବହୁ ମିଥ୍ୟାସମ୍ବାଦ ଗଣମାଧ୍ୟମରେ ପ୍ରସାରିତ ହେଉଛି, ଯାହା ବହୁଲୋକଙ୍କୁ ବିପଥଗାମୀ କରୁଛି। ତୃତୀୟରେ ସର୍ବଦା ଅନଲାଇନ କାର୍ଯ୍ୟ ପରିବର୍ତ୍ତେ ଅଫଲାଇନ କାର୍ଯ୍ୟରେ ମନୋନିବେଶ ପାଇଁ ସାମାଜିକ ଗଣମାଧ୍ୟମଠାରୁ ନିୟମିତ ବିରତି ନେବା ଏକ ଉତ୍ତମ ପଦକ୍ଷେପ। ଚତୁର୍ଥରେ ସାମାଜିକ ଗଣମାଧ୍ୟମରେ କେବଳ ପ୍ରାମାଣିକ ଓ ନିର୍ଭରଯୋଗ୍ୟ ସୂତ୍ରରୁ ସଂଗୃହୀତ ତଥ୍ୟ ପ୍ରଚାର ପ୍ରସାର କରିବା ବିଜ୍ଞତାର ପରିଚାୟକ। ଶେଷରେ ବିଦ୍ୟାଳୟ ଓ ସାମାଜିକ ଅନୁଷ୍ଠାନଗୁଡ଼ିକରେ ସାମାଜିକ ଗଣମାଧ୍ୟମ ଅପବ୍ୟବହାର ଜନିତ ସମ୍ଭାବ୍ୟ ମାନସିକ ସ୍ୱାସ୍ଥ୍ୟ ପ୍ରଭାବ ଏବଂ ସୁସ୍ଥ ସାମାଜିକ ଗଣମାଧ୍ୟମ ଅଭ୍ୟାସ ବିଷୟରେ ଉପଭୋକ୍ତାମାନଙ୍କୁ ଶିକ୍ଷା ଦେବା ଉଚିତ। କର୍ଣ୍ଣାଟକ ସରକାର ୧୬ ବର୍ଷରୁ କମ ବୟସ୍କ ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ମନାକରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଷ୍ଟ୍ରେଲିଆ ମଧ୍ୟ ୧୪ ବର୍ଷରୁ କମ ବୟସର ପିଲାଙ୍କୁ ଗଣମାଧ୍ୟମ ବାରଣ କରିବା ନିଷ୍ପତ୍ତି ନେଲାଣି।

ସାମାଜିକ ଗଣମାଧ୍ୟମ ଏକ ଦୁଇଧାରୁଆ ଛୁରୀ। ଏହାକୁ ଯଦି ସଚେତନ ଭାବରେ ବ୍ୟବହାର କରାଯାଏ, ଏହା ସାମାଜିକ ଓ ମାନସିକ ସୁସ୍ଥତା ବୃଦ୍ଧିରେ ସହାୟକ ହୋଇପାରିବ। କିନ୍ତୁ ଏହାର ଅତ୍ୟଧିକ ଓ ଅନିୟନ୍ତ୍ରିତ ବ୍ୟବହାର ଏବଂ ନକାରାତ୍ମକ ବିଷୟବସ୍ତୁର ସଂସ୍ପର୍ଶ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ବୃଦ୍ଧି କରିପାରେ। ଡିଜିଟାଲ୍ ସାକ୍ଷରତାକୁ ପ୍ରୋତ୍ସାହିତ କରିବା, ସକାରାତ୍ମକ ଅନଲାଇନ୍ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ହେଉଛି ସାମାଜିକ ଗଣମାଧ୍ୟମର କ୍ଷତିକୁ କମ କରିବା ସହିତ ଏହାର ଲାଭକୁ ବ୍ୟବହାର କରିବା ପାଇଁ ଅତ୍ୟାବଶ୍ୟକ ପଦକ୍ଷେପ। ସାମାଜିକ ଗଣମାଧ୍ୟମ ସଚେତନତା ଓ ଶିକ୍ଷା ଉପଯୁକ୍ତ ଭାବରେ କରାଗଲେ ଏହା କେବଳ ଅସୁବିଧାର ଉତ୍ସ ନୁହେଁ, ବରଂ ସଂଯୋଗ ଏବଂ ଅଭିବୃଦ୍ଧିର ଏକ ଉପକରଣ ଭାବରେ କାର୍ଯ୍ୟ କରେ ବୋଲି ସମସ୍ତେ ହୃଦୟଙ୍ଗମ କରିବେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# କପୋତେଶ୍ୱର ମହାଦେବ ଓ ମାଆ ବାଟମଙ୍ଗଳା

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ରାଜା ଇନ୍ଦ୍ରଦ୍ୟୁମ୍ନ ଏକାମ୍ର କ୍ଷେତ୍ରରେ କୋଟିଲିଙ୍ଗେଶ୍ୱର ଲିଙ୍ଗରାଜଙ୍କ ଆଶୀର୍ବାଦ ନେଇ ପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଯାତ୍ରା କଲେ। ଅନେକ ଦୂର ଅତିକ୍ରମ କରି ଗଲା ପରେ ଭୀଷଣ ଅରଣ୍ୟ ଭିତରେ ସେ ରାସ୍ତା ଭୁଲିଗଲେ। ଜଙ୍ଗଲ ଭିତରେ ରାସ୍ତା ଖୋଜି ଖୋଜି ସେ କ୍ଳାନ୍ତ ହୋଇ ପଡ଼ିଲେ। ଅନେକ ସମୟ ଅସଫଳତାର ସହ ବୁଲିବା ପରେ ସେ ଗୋଟିଏ ନଦୀ କୂଳରେ ପହଞ୍ଚିଲେ ଏବଂ ଗୋଟେ ଝଙ୍କାଳିଆ ଗଛଛାଇରେ ବସିପଡ଼ିଲେ। ସେହି ଗଛଡାଳରେ ଦେବଦେବ ମହାଦେବ ଓ ଦେବୀ ପାର୍ବତୀ କପୋତ-କପୋତୀ ରୂପ ଧାରଣ କରି ବସିଥିଲେ। ରାଜାଙ୍କ ଦୁଃଖ ଦେଖି ଦେବୀ ପାର୍ବତୀଙ୍କ ମାତୃହୃଦୟ ବିଗଳିତ ହୋଇ ଉଠିଲା। ମାତା ମହାଦେବଙ୍କୁ ରାଜାଙ୍କ ଦୁଃଖର କାରଣ ପଚାରିଲେ। ମହାଦେବ କହିଲେ, 'ଦେବୀ! ଗଛ ତଳେ ମନସ୍ତାପରେ ବସିଥିବା ମାନବ ମହାପ୍ରଭୁ ଜଗନ୍ନାଥଙ୍କର ଜଣେ ଅନନ୍ୟ ଭକ୍ତ। ସେ ମହାପ୍ରଭୁଙ୍କର ଏକ ପରମ ପବିତ୍ର କାର୍ଯ୍ୟ ସଂପାଦନ କରିବା ପାଇଁ ଯାଉଛନ୍ତି।' ମାତା ପାର୍ବତୀ ସେ ବିଷୟରେ ଜାଣିବାକୁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରନ୍ତେ ମହାଦେବ କହିଲେ, 'ଦେବୀ! ଏ ହେଲେ ପରମ ବୈଷ୍ଣବ ଅବନ୍ତୀର ସମ୍ରାଟ ଇନ୍ଦ୍ରଦ୍ୟୁମ୍ନ। ପବିତ୍ର ପୁରୁଷୋତ୍ତମକ୍ଷେତ୍ରରୁ ମହାପ୍ରଭୁ ନୀଳମାଧବ ଅପ୍ରକଟ ହେବା ପରେ ଏହି ବିଷ୍ଣୁଭକ୍ତ ରାଜା କ୍ଷେତ୍ରରେ ଏକସହସ୍ର ଅଶ୍ୱମେଧ ଯଜ୍ଞ କରି ମହାପ୍ରଭୁଙ୍କ ଚତୁର୍ଦ୍ଧାମୂର୍ତ୍ତି ଦାରୁ ସ୍ୱରୂପରେ ପ୍ରତିଷ୍ଠା କରିବେ। ତାଙ୍କୁ ଦର୍ଶନ ମାତ୍ରେ ଦର୍ଶନାର୍ଥୀ ମୋକ୍ଷପ୍ରାପ୍ତ କରିବେ। ବର୍ତ୍ତମାନ ସେ ନୀଳାଚଳକୁ ଯାଉଥିବା ବେଳେ ପଥଭ୍ରଷ୍ଟ ହୋଇ ବିଳାପ କରୁଛନ୍ତି।' 'ରାଜାଙ୍କର ମାର୍ଗଦର୍ଶନ କରି ତାଙ୍କୁ ଏ ଦିଗରେ ସହାୟତା କରିବା ଆମର ପବିତ୍ର କର୍ତ୍ତବ୍ୟ ହେବ' ବୋଲି ଦେବୀ ପାର୍ବତୀ ଇଚ୍ଛାପ୍ରକଟ କରନ୍ତେ ମହାଦେବ କହିଲେ, 'ତୁମର ଏହି ପବିତ୍ର ଅଭିଳାଷ ପୂରଣ ହେବ। ତୁମେ ରାଜାଙ୍କର ମାର୍ଗଦର୍ଶନ କରି କ୍ଷେତ୍ରରେ ମାର୍ଗଦର୍ଶିକା ରୂପେ ଆରାଧିତା ହେବ। ଭକ୍ତମାନେ ବାଟମଙ୍ଗଳା ରୂପେ ତୁମକୁ ଦର୍ଶନ କରି କ୍ଷେତ୍ର ପ୍ରବେଶ କରିବେ।'

ରାଜା ଏହି କଥୋପକଥନ ଶୁଣି ଏବଂ ଶିବପାର୍ବତୀଙ୍କୁ କପୋତକପୋତୀ ରୂପେ ଦର୍ଶନ କରି ଭକ୍ତିପୂତ ପ୍ରଣିପାତ କଲେ। ମହାଦେବ ରାଜାଙ୍କ ପ୍ରଣିପାତ ସ୍ୱୀକାର କରି କହିଲେ, 'ତୁମେ ତୁମର ବିଷ୍ଣୁଭକ୍ତି ବଳରେ କ୍ଷେତ୍ରର ଅତି ନିକଟରେ ପହଞ୍ଚି ଯାଇଛ। ତୁମେ ଏଠାରୁ ଦକ୍ଷିଣମୁଖ ହୋଇ ଗଲେ କ୍ଷେତ୍ରରେ ପହଞ୍ଚିଯିବ। ରାସ୍ତାରେ କୌଣସି ଅସୁବିଧା ହେଲେ ଦେବୀ ପାର୍ବତୀ ତୁମର ସହାୟତା କରିବେ।' ରାଜା ମହାଦେବଙ୍କ ନିର୍ଦ୍ଦେଶ ପାଇବା ପରେ ତାଙ୍କୁ ପ୍ରାର୍ଥନା କଲେ, 'ବାବା! ଆପଣଙ୍କ ଅପାର କରୁଣାରୁ ମୁଁ କ୍ଷେତ୍ରରେ ପହଞ୍ଚିବାରେ ସମର୍ଥ ହେବି ଏବଂ ଆପଣଙ୍କ ନିର୍ଦ୍ଦେଶାନୁସାରେ ମହାପ୍ରଭୁଙ୍କୁ ପ୍ରତିଷ୍ଠା କରିବି। ଆପଣ ଓ ମାତା ପାର୍ବତୀ କପୋତକପୋତୀ ସ୍ୱରୂପରେ ମୋତେ ଏଠାରେ ଦର୍ଶନ ଦେଇଛନ୍ତି। ତେଣୁ ମୋର ପ୍ରାର୍ଥନା ରକ୍ଷା କରି ଆପଣ ଏଠାରେ କପୋତେଶ୍ୱର ରୂପେ ବିରାଜମାନ କରି କ୍ଷେତ୍ରାର୍ଥୀ ଭକ୍ତମାନଙ୍କର ଆରାଧନା ଗ୍ରହଣ କରନ୍ତୁ।' 'ତଥାସ୍ତୁ' କହି ମହାଦେବ ଅପ୍ରକଟ ହୋଇଗଲେ।

ରାଜା ବାବାଙ୍କ ନିର୍ଦ୍ଦେଶିତ ମାର୍ଗରେ ଯାତ୍ରା ଆରମ୍ଭ କଲେ। ରାତ୍ରିକାଳରେ ଭୀଷଣ ଜଙ୍ଗଲରେ ଯାତ୍ରା କରିବା କଷ୍ଟସାଧ୍ୟ ଥିଲା। ହଠାତ ସେ ନାରୀ କଣ୍ଠରେ ଏକ ହୁଳହୁଳି ଶବ୍ଦ ଶୁଣିବାକୁ ପାଇଲେ। ସେ ଦେଖିବାକୁ ପାଇଲେ ଯେ ଜଣେ ନାରୀମୂର୍ତ୍ତି ଦୀପଟିଏ ଧରି ଅନ୍ଧକାର ଭିତରେ ଆଗେଆଗେ ଚାଲିଥିଲେ। ଜଙ୍ଗଲର ସାଇଁସାଇଁ ପବନରେ ମଧ୍ୟ ସେ ଦୀପ ଲିଭି ଯାଉ ନ ଥିଲା। ରାଜାଙ୍କର ମହାଦେବଙ୍କ କଥା ମନେ ପଡ଼ିଗଲା - 'ଦେବୀ ପାର୍ବତୀ ତୁମର ମାର୍ଗ ଦର୍ଶନ କରାଇବେ।' ରାଜା ମାଆଙ୍କର ହୁଳହୁଳି ଶବ୍ଦର ଅନୁଗମନ କରି ଚାଲିଲେ। କିଛି ଦୂର ଯିବା ପରେ ରାଜା ମାଆଙ୍କର କଳାମେଘୀ ଶାଢ଼ି ପରିହିତା ଦିବ୍ୟବିଗ୍ରହ ଦର୍ଶନ କଲେ। କିଛିବାଟ ପରେ ଏକ ନଦୀ ପଡ଼ିଲା। ମାଆ କହିଲେ, 'ରାଜା, ଏହି ନଦୀ ପାର ହେଲେ ତୁମେ କ୍ଷେତ୍ରରେ ପ୍ରବେଶ କରିବ। ବର୍ତ୍ତମାନ ମୋର ମାର୍ଗଦର୍ଶନ କାର୍ଯ୍ୟ ଶେଷ ହୋଇଛି।' ରାଜା ପ୍ରାର୍ଥନା କଲେ, 'ମାତା! ଆପଣଙ୍କ ଅନୁଗ୍ରହରୁ ମୁଁ କ୍ଷେତ୍ରରେ ପହଞ୍ଚିବାରେ ସମର୍ଥ ହେଲି। ଭବିଷ୍ୟତରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଅନେକ ଭକ୍ତ ପଥଭ୍ରଷ୍ଟ ହେବାର ଆଶଙ୍କା ଅଛି। ଆପଣ ଏଠାରେ ବିରାଜମାନ କରି ସେମାନଙ୍କର ମାର୍ଗଦର୍ଶନ କରନ୍ତୁ। ଏଠାରେ ଆପଣ ମାର୍ଗଦର୍ଶିକା ବା ବାଟମଙ୍ଗଳା ରୂପେ ପୂଜା ପାଇବେ। ଭକ୍ତମାନେ ପ୍ରଥମେ ଆପଣଙ୍କୁ ଦର୍ଶନ କରି କ୍ଷେତ୍ରରେ ପ୍ରବେଶ କରିବେ।' ରାଜାଙ୍କ ଅନୁନୟ ରକ୍ଷା କରି ସେହିଦିନଠାରୁ ମାଆ ସେଠାରେ ବାଟମଙ୍ଗଳା ରୂପେ ଆରାଧିତା ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୩.୧୧ ● ପାଉଣ୍ଡ ୧୨୨.୮୭
- ୟୁରୋ ୧୦୭.୧୮ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୭,୩୫୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୪,୬୧୬.୦୦
- ନିଫ୍ଟି ୨୩,୧୨୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ହରମୁଜ୍ ସଙ୍କଟରେ ଏସିଆ, ଆଫ୍ରିକା ଅଧିକ ପ୍ରଭାବିତ

## ବିକାଶଶୀଳ ଅର୍ଥନୀତିକୁ ବଡ଼ ଝଟ୍‌କା



### ପୂର୍ବ ତୈଳ ସଙ୍କଟକୁ ଟପିଯିବ ଏଥରର ସ୍ଥିତି

### ଆଇଏ ମୁଖ୍ୟ ଦେଲେ ଚେତାବନୀ

ନୂଆଦିଲ୍ଲୀ,୭।୪(ଏଜେନ୍ସି): ଇରାନ ଯୁଦ୍ଧ ବିଶ୍ୱ ତୈଳ ଯୋଗାଣକୁ ସଙ୍କୋଚିତ କରିଦେଇଛି। କାରଣ ହରମୁଜ୍ ପ୍ରଣାଳୀ ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦% ଯୋଗାଏ। ଏହି କାରଣରୁ ଏହାକୁ ସବୁଠାରୁ ବଡ଼ ତୈଳ ସଙ୍କଟ ବୋଲି ବିବେଚନା କରାଯାଏ, ଯାହା ଫଳରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ହ୍ରାସ ଘଟିଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ମୁଖ୍ୟ ଫାତିହ ବିରୋଲ୍ ମଧ୍ୟ ତୈଳ ସଙ୍କଟ ବିଷୟରେ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତି ପୂର୍ବ ତୈଳ ସଙ୍କଟ ଅପେକ୍ଷା ବହୁତ ଖରାପ। ହେଲେ ଇରାନ୍ ଯୁଦ୍ଧ ଯୋଗୁ ସୃଷ୍ଟି ହୋଇଥିବା ହରମୁଜ୍ ସଙ୍କଟରେ ଏସିଆ ଏବଂ ଆଫ୍ରିକାର ରାଷ୍ଟ୍ରଗୁଡିକ ଅଧିକ ପ୍ରଭାବିତ ହୋଇଛନ୍ତି। ସେଥଯୋଗୁ ଏହି ଦୁଇ ମହାଦେଶର ବିକାଶଶୀଳ ଅର୍ଥନୀତିଗୁଡ଼ିକୁ ବଡ଼ ଝଟ୍‌କା ଲାଗିଛି।

ବିରୋଲ୍ କହିଛନ୍ତି ଯେ ହରମୁଜ୍ ପ୍ରଣାଳୀ ସଙ୍କଟ ବିଶ୍ୱ ବଜାରରେ ଅସ୍ଥିରତା ବୃଦ୍ଧି କରୁଛି। ଏଥର ସବୁଠାରୁ ବଡ଼ ପାର୍ଥକ୍ୟ ହେଉଛି ଯେ ସଙ୍କଟର ବୋଝ ବିକଶିତ ଦେଶମାନଙ୍କ ଅପେକ୍ଷା ବିକାଶଶୀଳ ଦେଶମାନଙ୍କ ଉପରେ ଅଧିକ ପଡୁଛି। ବିକଶିତ ଦେଶମାନଙ୍କ ପାଖରେ ପ୍ରଚୁର ରଣନୈତିକ ସଂରକ୍ଷଣ, ଦୃଢ଼ ଅର୍ଥନୀତି ଏବଂ ବିକଳ୍ପ ଶକ୍ତି ବିକଳ୍ପ ଅଛି। ତଥାପି, ଅନେକ ଏସୀୟ ଏବଂ ଆଫ୍ରିକୀୟ ଦେଶ ତୈଳ ଆମଦାନୀ ଉପରେ ନିର୍ଭରଶୀଳ। ଏହି ଦେଶମାନଙ୍କ ପାଇଁ, ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ସିଧାସଳଖ ମୁଦ୍ରାସ୍ଫୀତି, ଖାଦ୍ୟ ଅଭାବ ଏବଂ ସାମାଜିକ ଅସ୍ଥିରତା ସୃଷ୍ଟି କରିପାରେ। ସେ କହିଛନ୍ତି ଯେ ହରମୁଜ୍ ପ୍ରଣାଳୀର ଅବରୋଧ ଯୋଗୁଁ ସୃଷ୍ଟି ହୋଇଥିବା ବର୍ତ୍ତମାନର ତୈଳ ଏବଂ ଗ୍ୟାସ ସଙ୍କଟ ୧୯୭୩, ୧୯୭୯ ଏବଂ ୨୦୨୨ର ମିଳିତ ସଙ୍କଟ ଅପେକ୍ଷା ଅଧିକ ଗୁରୁତର। ବିଶ୍ୱ କେବେ ବି ଶକ୍ତି ଯୋଗାଣରେ ଏତେ ଗୁରୁତ୍ୱପୂର୍ଣ୍ଣ ବାଧା ଦେଖିନାହିଁ। ସେ କହିଛନ୍ତି ଯେ ୟୁରୋପୀୟ ଦେଶଗୁଡ଼ିକ, ଜାପାନ, ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ଦେଶ କ୍ଷତି ସହିବେ। କିନ୍ତୁ ସବୁଠାରୁ ବଡ଼ ବିପଦ ବିକାଶଶୀଳ ଦେଶମାନଙ୍କ ସହିତ ରହିଛି, ଯେଉଁମାନେ ଅଧିକ ତୈଳ ଏବଂ ଗ୍ୟାସ ମୂଲ୍ୟ, ଖାଦ୍ୟ ମୂଲ୍ୟ ବୃଦ୍ଧି ଏବଂ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇପାରନ୍ତି। ୧୯୭୩ ୟୋମ୍ କିପ୍ପୁର ଯୁଦ୍ଧ ସମୟରେ ଘଟିଥିବା ତୈଳ ସଙ୍କଟ ବିଶ୍ୱ ପାଇଁ ସବୁଠାରୁ ଯନ୍ତ୍ରଣାଦାୟକ ଏବଂ ଚିନ୍ତାଜନକ ସମୟ ଥିଲା। ବିକଶିତ ଦେଶଗୁଡ଼ିକ ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲେ। ଏହି ଯୁଦ୍ଧ ଇସ୍ରାଏଲ ଏବଂ ଆରବ ଦେଶଗୁଡ଼ିକ ମଧ୍ୟରେ ଲଢ଼ିଥିଲା। ଆରବ ଦେଶଗୁଡ଼ିକ ତେଲକୁ ଏକ ରଣନୈତିକ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ, ଯାହା ଆମେରିକା ଏବଂ ୟୁରୋପ ଭଳି ଦେଶର ଅର୍ଥନୀତିକୁ ଭାଙ୍ଗି ଦେଇଥିଲା। ତେଲ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ଏବଂ ମୁଦ୍ରାସ୍ଫୀତି ଏବଂ ବେକାରୀ ସେଠାରେ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଥିଲା।

### ବଢୁଛି ଆବୁଧାବି-ଇସ୍‌ଲାମାବାଦ୍ ବିବାଦ

# ପାକିସ୍ତାନକୁ ଋଣ ଫେରସ୍ତ ମାଗିଲା ୟୁଏଇ

ଇସ୍‌ଲାମାବାଦ୍, ୭।୪(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏଥିରେ ଅସନ୍ତୋଷ ଜାହିର କରି ୟୁଏଇ ପାକିସ୍ତାନକୁ ଦେଇଥିବା ୩.୫ ବିଲିୟନ ଡଲାର ଋଣ ଫେରସ୍ତ ମାଗିଛି। ଏହାର ଜବାବରେ, ପାକିସ୍ତାନୀ ସାଂସ ମୁଶାହିଦ ହୁସେନ ଏକ ଟିଭି ସାକ୍ଷାତକାରରେ ଏପରି ମନ୍ତବ୍ୟ ଦେଇଥିଲେ ଯାହା ଉପସାଗରୀୟ ଦେଶଗୁଡ଼ିକରେ ବ୍ୟାପକ କ୍ରୋଧ ସୃଷ୍ଟି କରିଥିଲା। ସେ ୟୁଏଇକୁ ଏକ ଫସିଥିବା ଏବଂ ଅସହାୟ ଦେଶ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ପାକିସ୍ତାନ ତାର ଋଣ ପରିଶୋଧ କରୁନାହିଁ, ବରଂ ସଙ୍କଟରେ ଥିବା ତା'ର ଭାଇ (ୟୁଏଇ)କୁ ସାହାଯ୍ୟ କରୁନାହିଁ। ଏହି ବିବୃତ୍ତି କେବଳ କୂଟନୈତିକ ସମ୍ମାନ ଉଲ୍ଲଂଘନ କରିନାହିଁ ବରଂ ୟୁଏଇରେ ରହୁଥିବା ଲକ୍ଷ ଲକ୍ଷ ପାକିସ୍ତାନୀଙ୍କ କଷ୍ଟକୁ ଆହୁରି ବଢ଼ାଇଦେଇଛି।

ପାକିସ୍ତାନୀ ସାଂସଦ ତାଙ୍କ ବିବୃତ୍ତିରେ ଭାରତକୁ ଉଲ୍ଲେଖ କରି ନିଆଁରେ ଘିଅ ଢାଳିଥିଲେ। ସେ ୟୁଏଇକୁ ଚେତାବନୀ ଦେଇ କହିଥିଲେ ଯେ ଏହାର ୧୦ ନିୟୁତ ଜନସଂଖ୍ୟା ମଧ୍ୟରୁ ୪.୩ ନିୟୁତ ଭାରତୀୟ। ହୁସେନ ପରାମର୍ଶ ଦେଇଥିଲେ ଯେ ଭାରତ ସହିତ ବଢୁଥିବା ଘନିଷ୍ଠତା ୟୁଏଇକୁ 'ଅବିଭକ୍ତ ଭାରତ'ର ଅଂଶ କରିପାରେ। ୟୁଏଇ ଏବଂ ଭାରତ ମଧ୍ୟରେ ବାଣିଜ୍ୟ ଏବଂ ରଣନୈତିକ ସମ୍ପର୍କ ସୁଦୃଢ଼ ହେବା ଦ୍ୱାରା ପାକିସ୍ତାନ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଯେତେବେଳେ ୟୁଏଇ ପାକିସ୍ତାନଠାରୁ ତା'ର ଋଣ ଟଙ୍କା ଫେରସ୍ତ ଦାବି କରିଲା, ଇସଲାମାବାଦ ଏହାକୁ ହଜମ କରିବା କଷ୍ଟକର ଅନୁଭବ କଲା। ପାକିସ୍ତାନ ଚଳିତ ମାସରେ ୟୁଏଇକୁ ୩.୫ ବିଲିୟନ ଡଲାର ଅର୍ଥ ଫେରସ୍ତ କରିବାକୁ ପ୍ରସ୍ତୁତ ହେଉଛି। ଏହି ଟଙ୍କା ପାକିସ୍ତାନକୁ ୨୦୧୯ରେ ଆବୁଧାବି ଫଣ୍ଡ ଫର୍ ଡେଭଲପମେଣ୍ଟ ମାଧ୍ୟମରେ ମିଳିଥିଲା, ଯାହା ଦ୍ୱାରା ସେ ନିଜର ପେମେଣ୍ଟ ସନ୍ତୁଳନ ବଜାୟ ରଖିପାରିବ। ବର୍ତ୍ତମାନ ୟୁଏଇ ଫେରସ୍ତ ଦାବି କରିଛି। ଅପରପକ୍ଷେ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ସଙ୍କଟଗ୍ରସ୍ତ। ବର୍ତ୍ତମାନ, ପାକିସ୍ତାନ ପାଖରେ ପ୍ରାୟ ୧୬.୩ ବିଲିୟନ ଡଲାରର ମୁଦ୍ରା ଭଣ୍ଡାର ରହିଛି। ଯଦି ଏହା ୩.୫ ବିଲିୟନ ଡଲାର ଅର୍ଥ ଫେରସ୍ତ କରେ, ତେବେ ଏହାର ରିଜର୍ଭରୁ ପ୍ରାୟ ୧୮ ପ୍ରତିଶତ ଅର୍ଥ ହ୍ରାସ ପାଇବ। ପାକିସ୍ତାନୀ ଅଧିକାରୀମାନେ ଏହାକୁ "ଜାତୀୟ ମର୍ଯ୍ୟାଦାର ବିଷୟ" ବୋଲି କହୁଛନ୍ତି, କିନ୍ତୁ ବାସ୍ତବତା ହେଉଛି କଠୋର ଆଇଏମଏଫ ନିୟମ ମଧ୍ୟରେ, ୟୁଏଇର କଠୋର ଆଭିମୁଖ୍ୟ ପାକିସ୍ତାନ ପାଇଁ ଏକ ବଡ଼ ଆଘାତ।

### ଚିନ୍ତାରେ ୟୁଏଇରେ ରହୁଥିବା ଲକ୍ଷ ଲକ୍ଷ ପାକିସ୍ତାନୀ

### ବୈଦେଶିକ ମୁଦ୍ରା ଭଣ୍ଡାର ସଙ୍କଟରେ

ସୋସିଆଲ ମିଡିଆରେ ଆଲୋଚନା ହେଉଛି ଯେ ୟୁଏଇ ଏବେ ପାକିସ୍ତାନୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ କି ନାହିଁ। ୟୁଏଇରେ ପାକିସ୍ତାନୀ ସମ୍ପ୍ରଦାୟ ମଧ୍ୟରେ ଭୟର ବାତାବରଣ ରହିଛି। ଏହାପରେ ଦୁବାଇରେ ଥିବା ପାକିସ୍ତାନୀ ବ୍ୟବସାୟୀମାନେ 'ଏକ ରାଷ୍ଟ୍ର, ଏକ ପରିବାର' ସ୍ଲୋଗାନ ଦେଇ ଶୀଘ୍ର ଏକତା ଆହ୍ୱାନ କରିଛନ୍ତି। ସେମାନେ ୟୁଏଇ ନେତୃତ୍ୱ ସହିତ ଛିଡା ହୋଇଛନ୍ତି ଏବଂ ସେନେଟରଙ୍କ ବକ୍ତବ୍ୟ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ପାକିସ୍ତାନୀ ବଂଶୋଦ୍ଭବ ବାସିନ୍ଦାମାନେ ଏବେ ସ୍ପଷ୍ଟ କରୁଛନ୍ତି ଯେ ୟୁଏଇ ସେମାନଙ୍କର ଘର ଏବଂ ସେମାନେ ଏହାକୁ ସୁରକ୍ଷା ଦେବା ପାଇଁ କିଛି କରିବାକୁ ପ୍ରସ୍ତୁତ। ପ୍ରକୃତରେ, ପାକିସ୍ତାନୀ ରାଜନୀତି ପ୍ରାୟତଃ ଏହାର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏପରି ବୟାନ ଦେଇଥାଏ, ଯାହାର ପରିଣାମ ବିଦେଶରେ କାମ କରୁଥିବା ନିରୀହ ଶ୍ରମିକମାନେ ଭୋଗୁଛନ୍ତି।

# ଭଡ଼ା ବଢ଼ାଇଲା ଏୟାର ଇଣ୍ଡିଆ; ସିଇଓଙ୍କ ଇସ୍ତଫା

ନୂଆଦିଲ୍ଲୀ,୭।୪(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ଦେଶରେ ଦେଖାଦେଇଛି ବିମାନ ଟର୍ବାଇନ୍ ଇନ୍ଧନ(ଏଟିଏଫ୍) ସଙ୍କଟ। ଏୟାର ଇଣ୍ଡିଆ ଘରୋଇ ବିମାନ ଯାତ୍ରାରେ ଇନ୍ଧନ ସରଚାର୍ଜ ବୃଦ୍ଧି କରିଛି। ଏଥିଯୋଗୁ ବିମାନ କମ୍ପାନୀ ଘରୋଇ ବିମାନ ଭଡ଼ାରେ ୮୯୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟାଇଛି। ଏହି ନୂତନ ଭଡ଼ା ଏପ୍ରିଲ ୮ରୁ ଲାଗୁ ହେବ। ଏହାରିଭିତରେ ଏୟାର ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏବଂ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) କ୍ୟାମ୍ପବେଲ୍ ୱିଲ୍‌ସନ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ୱିଲ୍‌ସନ୍‌ଙ୍କର ଏୟାର ଇଣ୍ଡିଆରେ ୫ ବର୍ଷ ଲାଗି ଚୁକ୍ତିନାମା ହୋଇଥିଲା। ତେବେ କାର୍ଯ୍ୟକାଳ ୨୦୨୭ ଜୁଲାଇରେ ଶେଷ ହେବା ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି।




ତାଙ୍କର ବିମାନ ଚଳାଚଳ ଶିଳ୍ପରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ଏୟାର ଇଣ୍ଡିଆରେ ଯୋଗଦେବା ପୂର୍ବରୁ ୱିଲ୍‌ସନ୍ ସ୍କୁଟ୍‌ର ସିଇଓ ଥିଲେ।

### କଳାହାଣ୍ଡି ଏବଂ ରାୟଗଡ଼ାରେ କୃଷି ସଙ୍କଟ

# ବକ୍ସାଇଟ୍ ଖଣି ଖନନରେ ହେବ ସମସ୍ୟାର ସମାଧାନ

ଭୁବନେଶ୍ୱର,୭।୪(ସମିସ): ଓଡ଼ିଶାର ଦକ୍ଷିଣ-ପଶ୍ଚିମ ଅଞ୍ଚଳ ବର୍ତ୍ତମାନ ଏକ ବୃଦ୍ଧି ପାଉଥିବା ମାନବିକ ଏବଂ ଆର୍ଥିକ ସଙ୍କଟ ସହିତ ସଂଘର୍ଷ କରୁଛି । ଏହି ଅଞ୍ଚଳ ପ୍ରାକୃତିକ ଭାବରେ ପ୍ରଚୁର ସମ୍ବଳରେ ଭରପୂର ହୋଇଥିଲେ ମଧ୍ୟ, ଏହାର ଲୋକମାନେ ଚରମ ଆର୍ଥିକ ଅସମାନତା ଭୋଗୁଛନ୍ତି, ଯେଉଁଠାରେ ୭୦% ଶ୍ରମଶକ୍ତି ନିମ୍ନ-ଉତ୍ପାଦନକାରୀ କୃଷିରେ ଫସି ରହିଛି ଏବଂ ପ୍ରାୟ ୩୦% ଯୁବପିଢ଼ି ବିପଦପୂର୍ଣ୍ଣ ପ୍ରବାସ ପାଇଁ ବାଧ୍ୟ ହେଉଛନ୍ତି। ପ୍ରବାସର ଏହି ଦୁଃଖଦ ଚକ୍ରରେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ବାହାରେ କାମ କରୁଥିବା ୫୦୦ ରୁ ଅଧିକ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଛନ୍ତି। କଳାହାଣ୍ଡିର ଚାଂନଚର ଗାଁର ଜଣେ ବାସିନ୍ଦା କହିଛନ୍ତି ଆମେ ବିଶ୍ୱାସ କରୁଛୁ ଯେ ଏହି ବକ୍ସାଇଟ୍ ଖଣି ଖନନ ଆମ ଗାଁକୁ ଦ୍ୱିଗୁଣିତ ଲାଭ ଆଣିବ। ପ୍ରଥମତଃ, ଖଣିଜ ପଦାର୍ଥ ଉତ୍ତୋଳନ ହେବା ପରେ, ଜମିକୁ ଚାଷଯୋଗ୍ୟ ଏବଂ ଆମ ଚାଷ ପାଇଁ ପ୍ରଚୁର ପରିମାଣରେ ଉପଯୋଗୀ କରାଯାଇପାରିବ। ଦ୍ୱିତୀୟତଃ, ଖଣି ନିଜେ ଆମକୁ ଆବଶ୍ୟକ କରୁଥିବା ଚାକିରି ସୃଷ୍ଟି କରିବ। ଆମର ଆର୍ଥିକ ଅବସ୍ଥା ଉନ୍ନତ ହେବ, ଏବଂ ଆମର ପିଲାମାନେ ଶେଷରେ ଘରେ ଭଲ କାମ ପାଇବେ। ଆମେ ବହୁତ ସମୟ ଅପେକ୍ଷା କରିଛୁ; ପୃଥିବୀରୁ ଏହି ଉପହାରକୁ ଖୋଲି କାମ ଆରମ୍ଭ କରିବାର ସମୟ ଆସିଛି।



# ରଣଭୀର ସିଂହ ଜିନ୍ଦଲ ଷ୍ଟେନଲେସ୍‌ର ବ୍ରାଣ୍ଡ ଆମ୍ବାସଡର




ଭୁବନେଶ୍ୱର, ୭।୪(ସମିସ): ଜିନ୍ଦଲ ଷ୍ଟେନଲେସ୍ ପ୍ରଥମଥର ତାର ବ୍ରାଣ୍ଡ ଆମ୍ବାସଡର ଭାବେ ସିନେ ତାରକା ରଣଭୀର ସିଂହଙ୍କୁ ଘୋଷଣା କରିଛି । ଦେଶର ଅନ୍ୟତମ ବହୁମୁଖୀ ଅଭିନେତା ଏବଂ ଏକ ଆଇକନ୍ ଭାବେ ପରିଚିତ ରଣଭୀର ସିଂହ ଏହି କ୍ରମରେ ଦେଶବ୍ୟାପୀ ଜିନ୍ଦଲ ଷ୍ଟେନଲେସର ବ୍ରାଣ୍ଡକୁ ଦେଶବ୍ୟାପୀ ସେଲିବ୍ରିଟି ପ୍ରଚାରକ ଭାବେ ପହଞ୍ଚାଇବେ। ବ୍ରାଣ୍ଡକୁ ଗୁରୁତ୍ୱ ଦେବା, ଏହାର ମାନକକୁ ବଜାଏ ରଖିବା ଓ ଗ୍ରାହକଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ୍ କରିବା ପାଇଁ ଏହି ଅବସରରେ କମ୍ପାନୀ ତରଫରୁ ଲକ୍ଷ୍ୟ ରଖାଯାଇଛି। ନିଜର ଧୈର୍ଯ୍ୟ, ଉଚ୍ଚ ପ୍ରଦର୍ଶନ ଏବଂ ବିଶ୍ୱସନୀୟତା ପାଇଁ ପରିଚିତ ରଣଭୀରଙ୍କ ବ୍ୟକ୍ତିତ୍ୱ କମ୍ପାନୀର ବ୍ରାଣ୍ଡ ମୂଲ୍ୟକୁ ଆହୁରି ଖୋରାକ ଯୋଗାଇବ। ଏହି ସହଭାଗିତା ମାଧ୍ୟମରେ ରଣବୀର ସିଂହ ଟେଲିଭିଜନ, ଡିଜିଟାଲ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଏହି ଅଭିଯାନ ଜାରି ରଖିବେ। ଯାହା ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଷ୍ଟେନଲେସ ଷ୍ଟିଲର ଭୂମିକାକୁ ଆହୁରି ଦୃଢ଼ କରିବାରେ ବିଶେଷ ଭାବରେ ସହାୟକ ହେବ।

# ସାଓମି ରେଡ୍‌ମି ନୋଟ ୧୫ ସ୍ପେଶାଲ ଏଡିସନ୍ ବଜାରରେ




ମୁମ୍ବାଇ,୭।୪: ସାଓମି ଇଣ୍ଡିଆ ପକ୍ଷରୁ ନୂଆ ରେଡମି ନୋଟ ୧୫ ସ୍ପେଶାଲ ଏଡିସନର ଶୁଭାରମ୍ଭ କରାଯାଇଛି। ରେଡମି ନୋଟ ୧୫ ସ୍ପେଶାଲ ଏଡିସନରେ ଏକ ୬.୭୭ ଇଞ୍ଚ୍ କର୍ଭଡ ଆମୋଲେଡ ଡିସ୍ପ୍ଲେ ସହ ଏଫଏଚଡି+ ରିଜୋଲ୍ୟୁଶନ ଓ ୧୨୦ଏଚଜେଡ ପର୍ଯ୍ୟନ୍ତ ରିଫ୍ରେଶ ରେଟ ରହିଛି, ଯାହା ବ୍ରାଉଜିଂ, ଷ୍ଟ୍ରିମିଂ ଓ ଗେମିଂରେ ସୁଗମ ଭିଜୁଆଲ ନିଶ୍ଚିତ କରିଥାଏ। ରେଡମି ନୋଟ ୧୫ ସ୍ପେଶାଲ ଏଡିସନ ୩ଟି ସ୍ୱତନ୍ତ୍ର କଲରୱେ ଯଥା କ୍ରିମସନ ରିଜର୍ଭ, କାର୍ବନ ବ୍ଲାକ ଓ ଫ୍ରଷ୍ଟେଡ ହ୍ୱାଇଟରେ ଉପଲବ୍ଧ। ଏହି ସ୍ମାର୍ଟଫୋନରେ ଏକ ୫୦ଏମପି ଏଆଇ ଡୁଆଲ ରିୟର କ୍ୟାମେରା ସିଷ୍ଟମ ଓ ଏକ ୨୦ଏମପି ଏଆଇ ଫ୍ରଣ୍ଟ କ୍ୟାମେରା ରହିଛି। ରେଡମି ନୋଟ ୧୫ ସ୍ପେଶାଲ ଏଡିସନରେ ବର୍ଦ୍ଧିତ ଦୈନନ୍ଦିନ ବ୍ୟବହାର ପାଇଁ ଏକ ବୃହତ ୫୮୦୦ ଏମଏଏଚ ବ୍ୟାଟେରୀ ରହିଛି ଏବଂ ଶୀଘ୍ର ଚାର୍ଜ ହେବା ପାଇଁ ଏହା ୪୫ୱାଟ ଟର୍ବୋ ଚାର୍ଜିଂକୁ ସପୋର୍ଟ କରୁଛି। ରେଡମି ନୋଟ ୧୫ ସ୍ପେଶାଲ ଏଡିସନର ୬ଜିବି+୧୨୮ଜିବି, ୮ଜିବି+୧୨୮ଜିବି ଓ ୮ଜିବି+୨୫୬ଜିବି ଭାରିଆଣ୍ଟରେ ୨୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ।

# ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ୧୦ରୁ




ଭୁବନେଶ୍ୱର,୭।୪(ସମିସ): ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ସ୍ଥାନୀୟ ଜନତା ମଇଦାନଠାରେ ତ୍ରୟୋଦଶ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୬ ଏପ୍ରିଲ ୧୦ରୁ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମେଳା ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମଲ୍ଟି ସେକ୍ଟର ବିଟୁବି ଏବଂ ବିଟୁସି ପ୍ରଦର୍ଶନୀ ଭୁବନେଶ୍ୱରରେ ଏକ ମାଇଲଖୁଣ୍ଟ ଇଭେଣ୍ଟ, ଯେଉଁଥିରେ ୨୨ ଟି ରାଜ୍ୟ ଏବଂ ୧୦ ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏଥିରେ ୧ ଲକ୍ଷରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଡକ୍ଟ ବିଶ୍ୱର ବିଭିନ୍ନ ପ୍ରାନ୍ତ ରୁ ଅଂଶ ଗ୍ରହଣ କରୁଛନ୍ତି। ସେଥିରେ କାଶ୍ମୀରର ଆସବାବପତ୍ର, ଖୋଦେଇ, ପୁରାତନ ଆସବାବପତ୍ର, ସୋଫା ସେଟ, ଡାଇନିଂ ସେଟ ଏବଂ କାର୍ଭିଙ୍ଗ ଝୁଲା ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ ବାଂଲାଦେଶ ହ୍ୟାଣ୍ଡଲୁମ୍ ର ଜମଦାନୀ ଶାଢ଼ୀ ଇରାନରୁ ଇରାନୀ ଖଜୁରୀ, ଜୁଏଲେରୀ ଏବଂ ହର୍ବାଲ ତେଲ ଦୁବାଇର ଅତର, ଥାଇଲାଣ୍ଡର ଗହଣା, ଜୋତା ଏବଂ ପୋଷାକ କୋରିଆର ମହିଳା ପ୍ରସାଧନ ସାମଗ୍ରୀ ଭାରତୀୟ ହସ୍ତତନ୍ତ ଆର୍ଟିକ ମେଟାଲ ଏବଂ ବିଭିନ୍ନ ପଥର ଆଦି ସ୍ଥାନ ପାଇବ। ୫୦୦,୦୦୦ ରୁ ଅଧିକ ପରିଦର୍ଶକ ଏହି ୧୧ ଦିନିଆ ଇଭେଣ୍ଟର ଭରପୁର ଲାଭ ଉଠାଇବା ସହ, ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ସୁଲଭ ମୂଲ୍ୟରେ ପାଇପାରିବେ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଛନ୍ତି।


**ପୌରପାଳିକା କାର୍ଯ୍ୟାଳୟ, କେନ୍ଦୁଝରଗଡ଼**

13001/85/2627

ସା/ ପୋ- କେନ୍ଦୁଝରଗଡ଼, ଜିଲ୍ଲା-କେନ୍ଦୁଝର, ପିନ-୭୫୮୦୦୧
ଯୋଗାଯୋଗ ନଂ- ୦୬୭୬୬ - ୨୫୫୪୩୧
ଇ ମେଲ:-keonjharm.hud@rediffmail.com

ନଂ. ୫୪୮୪ | ତାରିଖ: ୩୦.୦୩.୨୦୨୬

**ସୂଚନା**

ଏତଦ୍ୱାରା କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଆସନ୍ତା ଆର୍ଥିକ ବର୍ଷ ୨୦୨୬-୨୭ ମସିହା ପାଇଁ ହୋଲଡିଂ ଟିକସ ତା-୦୧.୦୪.୨୦୨୬ ରିଖ ଠାରୁ ତା ୩୦.୦୪.୨୦୨୬ ରିଖ ମଧ୍ୟରେ ପୈଠ କଲେ ଶତକଡା ୨୦% ଏବଂ ତା ୦୧.୦୫.୨୦୨୬ରିଖ ଠାରୁ ତା ୩୧.୦୫.୨୦୨୬ ରିଖ ମଧ୍ୟରେ ପୈଠ କଲେ ଶତକଡା ୧୦% ରିହାତି ପ୍ରଦାନ କରାଯିବ । ଉକ୍ତ ଟିକସକୁ ଆପଣ ମାନେ sujogodisha.gov.in ରେ ଅଥବା ସମ୍ପୃକ୍ତ ୱାର୍ଡ ଦାୟିତ୍ୱ ରେ ଥିବା ଟିକସ ଅଧିକାରୀ ଦ୍ୱାରା ଅଫିସରେ ମଧ୍ୟ MPOS ମେସିନ ସାହାଯ୍ୟରେ ପୈଠ କରିପାରିବେ । ଉକ୍ତ ଟିକସ ପୈଠ କେବଳ ATM Debit / Credit Card, Phone Pay, Google Pay ଇତ୍ୟାଦି ମାଧ୍ୟମରେ କରିପାରିବେ। ଉକ୍ତ ଟିକସକୁ Cash ମାଧ୍ୟମରେ ଗ୍ରହଣ କରାଯିବାର ବ୍ୟବସ୍ଥା ନାହିଁ।

ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ ।

ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା

OIPR-13001/13115/1/26-27/0003



**OFFICE OF THE SUPERINTENDING ENGINEER**

32001/25/2627

UI RIGHT CANAL DIVISION NO.I, MUKHIGUDA, KALAHANDI, ODISHA
e-mail: ceuircd1@gmail.com

**QUOTATION CALL NOTICE NO-SE, RCD-I-02(01)/2026-27, Dt-06.04.2026FOR HIRING VEHICLE**

Sealed quotations are invited from interested reputed travel agencies/tour operators or private individuals for providing 01 (One) nos. of Diesel driven vehicle (TUV300/Bolero/Sumo Gold/Ertiga) for office use in the following officers on monthly rent basis.

1. Office of the Chief Construction Engineer, UIP Mukhiguda, Dist-Kalahandi.

The Quotation booklets will be available in the office of the Superintending Engineer, UI Right Canal Division No.I, Mukhiguda, office of the SDO, UI Right Canal Sub-Division No-II, Kalampur & office of the SDO, UI Right Canal Sub-Division No-IV, Junagarh, from 09.04.2026 to 18.04.2026 during office hours. The quotations shall be opened on 20.04.2026 at 11.30 AM in the office of the undersigned.

**Further details can be obtained from the Quotation booklets.**

Superintending Engineer
Right Canal Divn. No.I
Mukhiguda: Kalahandi

OIPR-32001/32193/1/26-27/0001



13001/66/2627

**ବ୍ୟାସନଗର ପୌରପାଳିକା, ବ୍ୟାସନଗର**
**OFFICE OF THE VYASANAGAR MUNICIPALITY**
**VYASANAGAR, JAJPUR**

Email: vyasanagarmunicipality@gmail.com
Website: www.vyasanagarmunicipality.in

Letter No.: 1420 | Date: 26.03.2026

**QUOTATION CALL NOTICE FOR SWACHHA SURVEKSHYAN - 2025-26**

The sealed cover quotations are invited from the intending registered firms/suppliers towards wall painting, and all other relating arrangements according to the following specifications, so as to reach before the undersigned on dated 08.04.2026 upto 01.00 PM & the quotations will be opened on the same at 05.00 PM in the presence of the quotationers or their authorized agents if any. If the Office happens to be closed due to unavoidable situation the same shall be opened in the next working day in the same time & venue or further notification. Each quotation is accompanied with copy of PAN card and GST Registration certificate along with the E.M.D cost of Rs.3000/- in shape of Bank Draft in original pledged & to deposit Rs.500/- (Non Refundable) as cost of BID documents in shape of DD in original pledged in favour of Executive Officer, Vyasanagar Municipality payable at Jajpur Road in any schedule Bank. The rate shall be quoted inclusive of all applicable taxes & GST.

The authority reserves the right to cancel all quotation without assigning any reason thereof.

**Specification**

| Sl. No | Items | Unit | Price per unit (including GST) |
|---|---|---|---|
| 01 | Flex Banner | 1 nos (8'×6') | |
| 02 | Hoarding with Bamboo Structure | 1 nos (12'×8') | |
| 03 | Wall painting | Per sqft | |
| 04 | Vinyl Sticker | A4 size | |
| 05 | Digital Display with accessory | 1 nos (12'×8') | |

Executive Officer
Vyasanagar Municipality

OIPR-13001/13092/1/26-27/0001



**AFFIDAVIT**

By virtue of an affidavit No. 900 before the Executive Magistrate, Phulbani, dtd.07.04.2026, I, Basant Kumar Mallick, At-Dangarpada, Po-Ratanga, PS-Phiringia, Pin-762011, Dist-Kandhamal hereby declare that My minor son's name has been changed from Swayansu Sekhar Mallick to Sayanshu Sekhar Mallick. Henceforth, he shall be known as **Sayanshu Sekhar Mallick** for all purposes.

**AFFIDAVIT**

I, Navin Agarwal, aged about 53 years, H/o-Manisha Agarwal, resident of Flat No-612, Plot No-392/1772, Arcon Retreat, Patia Square, Bhubaneswar, PO- KIIT, Dist- Khorda, PIN- 751024, Odisha declared by this affidavit No. 229, dtd-07/04/2026 that now onwards I shall be known as **NAVIN KUMAR AGARWAL** for all future purposes

**AFFIDAVIT**

By virtue of an affidavit sworn before Executive Magistrate, G.UDAYAGIRI, DIST: KANDHAMAL (ODISHA), dated: 06/04/2026, I, Prashanta Pradhan, resident of Village: Majumaha, P.O.: Sudhipada, P.S.: Raikia. Dist: Kandhamal, State: Odisha, PIN: 762100 declare that I have changed the name of daughter from Bebika Pradhan to Mousumi Pradhan. Henceforth, she shall be known Mousumi Pradhan for all purposes.

**AFFIDAVIT**

I, Parween Suhana, aged about 38 years, W/o- Shaikh Farukuddin, resident of At- Baratha, Arakhpur, PS- Mahanga, Dist- Cuttack, PIN-754204, Odisha declared by this affidavit No. 714, dtd- 06/04/2026 that now onwards I shall be known as **SUHANA PARWIN** for all future purposes.

**AFFIDAVIT**

I KAUSTUBH KUMAR RAY, S/O: GIRIDHARI GAANA RESIDENT AT: PLOT NO- 230/A, SAHID NAGAR, BHUBANESWAR-751007, ODISHA DECLARE BY THIS AFFIDAVIT NO- 6396, DATE-09.04.2026, THAT NOW ONWORDS I SHALL BE KNOWN AS KAUSTUBHA KUMAR RAY FOR ALL FUTURE PURPOSES.

**AFFIDAVIT**

I, Shaikh Farukddin, aged about 43 years, S/o- Shaikh Basiruddin, resident of At- Baratha, Arakhpur, PS-Mahanga, Dist- Cuttack, PIN-754204, Odisha declared by this affidavit No. 711, dtd- 06/04/2026 that now onwards I shall be known as **SHAIKH FARUKUDDIN** for all future purposes.

**AFFIDAVIT**

By virtue of an affidavit no.899 before the Executive Magistrate, Phulbani, dtd.07.04.2026, I, Ranjan Kanhar, At-Dangarpada, Po-Ratanga, PS-Phiringia, Pin-762011, Dist-Kandhamal hereby declare that My minor son's name has been changed from Subham Kanhar to Shuvam Kanhar. Henceforth, he shall be known as **Shuvam Kanhar** for all purposes.

**AFFIDAVIT**

By virtue of an affidavit (CF No. 03, date: 19/01/2026) sworn before The Executive Magistrate, Padampur. I, **Pitabas Sahu,** S/o Aniruddha Sahu, permanent & current resident of AT: Bheunria, PO: Bheunria, PS: Padampur, Dist: Bargarh, PIN: 768036, State: Odisha declare that I have changed my name from **Pitabas Sahoo** to **Pitabas Sahu.** Henceforth, I shall be known as **Pitabas Sahu** (new name) for all purposes.

**(PITABAS SAHU)**

**ନାମ ପରିବର୍ତ୍ତନ**

ଏକ ଶପଥପତ୍ର ଅନୁସାରେ, ଯାହା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ରାଜନଗରଙ୍କ ସମ୍ମୁଖରେ ୩୦/୦୩/୨୦୨୬ ତାରିଖରେ ଶପଥ କରାଯାଇଛି, ମୁଁ ନିରଞ୍ଜନ ଦାସ, ଠିକଣା- ଗ୍ରାମ- ହରିହରପୁର, ପୋଷ୍ଟ- ଗୋପାଳପୁର, ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା, ପିନ୍- ୭୫୪୨୨୫, ଓଡ଼ିଶା ଏହା ଘୋଷଣା କରୁଛି ଯେ ମୁଁ ମୋର ନାମ ଅନିଲ କୁମାର ନାୟକ ଠାରୁ ପରିବର୍ତ୍ତନ କରି ନିରଞ୍ଜନ ଦାସ କରିଛି । ଏହା ପରେ ମୁଁ ସମସ୍ତ କାର୍ଯ୍ୟରେ ନିରଞ୍ଜନ ଦାସ ଭାବେ ପରିଚିତ ହେବି ।

ନିରଞ୍ଜନ ଦାସ

**ଅସାମାଜିକ ଯୁବକର ଉନ୍ମତ୍ତ କାଣ୍ଡ**

# ମହିଳାଙ୍କୁ ଅଶ୍ଳୀଳ ଗାଳି ସହିତ ଘରେ ପଶି ଆକ୍ରମଣ

ପାରାଦୀପ,୭।୪(ସମିସ): ପାରାଦୀପ ଷଣ୍ଢକୁଦ ବସ୍ତିରେ ଜଣେ ଅସାମାଜିକ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛି। ଯୁବକ ଜଣଙ୍କ ଘରେ ପଶି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଅଶ୍ଳୀଳ ଇଙ୍ଗିତ କରିବା ସହିତ ପଥର ଫୋପାଡ଼ି ଆକ୍ରମଣ କରିବା ଏବଂ ଘରେ ନିଆଁ ଲଗାଇ ଜାଳିଦେବା ଘଟଣାକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ ଷଣ୍ଢକୁଦ ୧୯ ନମ୍ବର ୱାର୍ଡ ଶ୍ରୀରାମ କଲୋନୀରେ ଘଟିଛି ଏହି ଘଟଣା। ଏହି କଲୋନୀରେ ରହୁଥିବା ଜଗା ମଲ୍ଲିକ ଆଜି ହଠାତ କିଛି ଲୋକଙ୍କ ଘରେ ପଶି ଗାଳିଗୁଲଜ କରିଥିଲା। ଯାହାକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ପୁଲିସକୁ ଖବର ଦେବା ପରେ ପୁଲିସ ଅଭିଯୁକ୍ତକୁ ଥାନାକୁ ଆଣିଥିଲା। ତେବେ କିଛି ସମୟରେ ପୁଣିଥରେ ପୁଲିସ ଅଭିଯୁକ୍ତକୁ ତାର ଘରକୁ ଆଣି ଛାଡୁଥିବା ଦେଖି ସ୍ଥାନୀୟ ଲୋକ ପୁଲିସର କାର୍ଯ୍ୟକୁ ବିରୋଧ କରିଥିଲେ। ଏହାପରେ ପୁଲିସ ଅଭିଯୁକ୍ତର ଘର ଭିତରକୁ ପଶି ତାକୁ ନ ପାଇ ବାହାରକୁ ଆସି ଜଗା ମଲ୍ଲିକ ଖସି ଯାଇଥିବା ନେଇ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଯାହାକୁ ନେଇ କିଛି ସମୟ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଜଗା ମଲ୍ଲିକ ଫେରାର ହୋଇଯିବା ପରେ ପୁଣିଥରେ ଆସି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମୋତେ ପୁଲିସକୁ ଦେଇଛ, ମୁଁ ତୁମ ଘରେ ନିଆଁ ଲଗାଇ ଜାଳିଦେବି ବୋଲି ବସ୍ତି ବାସିନ୍ଦାକୁ ଧମକ ଦେବା ସହିତ ପଥରରେ ଆକ୍ରମଣ କରିଥିଲା। ଜଣେ ଯୁବତୀ ପଥର ମାଡ଼ରେ ମୁଣ୍ଡରେ ଆଘାତ ସୃଷ୍ଟି ହେବା ସହିତ ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିଲେ। ଯାହାକୁ ନେଇ ବସ୍ତିବାସିନ୍ଦା ମିଳିତ ହୋଇ ଜଗା ମଲ୍ଲିକକୁ ମାଡିବସିବା ସହିତ ପୁଲିସକୁ ଖବର ଦେବାପରେ ଜଟାଧାର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତାକୁ ଆଣି ଥାନାରେ ଅଟକ ରଖିଥିଲା। ପୁଲିସ ଅଭିଯୁକ୍ତକୁ ଥାନାକୁ ନେବା ପରେ ମହିଳାମାନେ ଆହତ ହୋଇଥିବା ଦୁଇଜଣ ଯୁବତୀଙ୍କୁ ଅଠରବାଙ୍କୀ ମେଡିକାଲରେ ଆଶୁ ଚିକିତ୍ସା କରିବା ପରେ ପୁଲିସ ପାଖରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତକୁ ଥାନରେ ରଖିବା ନେଇ ପୁଲିସ୍ ଓ ମହିଳାଙ୍କ ମଧ୍ୟରେ କିଛି ସମୟ ବାକ୍ୟଯୁଦ୍ଧ ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଅଭିଯୁକ୍ତକୁ ପୋଲିସ ରଖିବା ପରେ ମହିଳାମାନେ ବିଳମ୍ବିତ ରାତ୍ରିରେ ଘରକୁ ଫେରିଥିଲେ।

# ପୁଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

## ବଦଳିଲେ ୧୬ ଇନ୍ସପେକ୍ଟର

ଜଗତସିଂହପୁର/ପାରାଦୀପ,୭।୪(ସମିସ): ଜଗତସିଂହପୁର ପୁଲିସ ବିଭାଗରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି ଏସ୍‌ପି ଅଙ୍କିତ କୁମାର ବର୍ମା। ଏହି ବଦଳି ପ୍ରକ୍ରିୟାରେ ୧୬ ଜଣ ଇନ୍ସପେକ୍ଟର ସାମିଲ ହୋଇଛନ୍ତି। ଜଗତସିଂହପୁର ସଦର ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କୁ ବନ୍ଦର ମେରାଇନ ଥାନା ଆଇଆଇସି ଭାବେ ବଦଳି କରାଯାଇଥିବା ବେଳେ ବାଲିକୁଦା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କୁ ଜଗତସିଂହପୁର ସଦର ଥାନା ଆଇଆଇସି ଭାବେ ନିଯୁକ୍ତି ମିଳିଛି। ସେହିପରି ବିରିଡି ଥାନା ଆଇଆଇସି ସୁଜାତା ବେହେରାଙ୍କୁ ବାଲିକୁଦା ଥାନା, ପାରାଦୀପ ମେରାଇନ ଥାନା ଆଇଆଇସି ବବିତା ଦେହୁରୀଙ୍କୁ ପାରାଦୀପ ଆଦର୍ଶ ଥାନା, କୁଜଙ୍ଗ ଥାନା ଆଇଆଇସି ବଂଶୀଧର ପ୍ରଧାନଙ୍କୁ ତିର୍ତ୍ତୋଲ ଥାନା, କୃଷ୍ଣାନନ୍ଦପୁର ଥାନା ଆଇଆଇସି ଶିବାଶିଷ ଦାସଙ୍କୁ କୁଜଙ୍ଗ ଥାନା, ତିର୍ତ୍ତୋଲ ଥାନାର ଆଡିସିନାଲ ଆଇଆଇସି ପାର୍ଥପ୍ରୀତମ ବେଉରାଙ୍କୁ ଏରସମା ଥାନା, ଏସ୍‌ଆର ସେକ୍ସନରେ କାର୍ଯ୍ୟରତ ରଞ୍ଜନ କୁମାର ମାଝୀଙ୍କୁ କୃଷ୍ଣାନନ୍ଦପୁର ଥାନା, ପାରାଦୀପ ଆଦର୍ଶ ଥାନା ଆଇଆଇସି କାବୁଲି ବାରିକଙ୍କୁ ବିରିଡି ଥାନା, ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ଜଗତସିଂହପୁର ଡିଆଇବିକୁ ବଦଳି

### ଦୁଇ ଥାନାରେ ଅତିରିକ୍ତ ଆଇଆଇସି

କରାଯାଇଛି। ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ୍ତ କୁମାର ସେଠୀଙ୍କୁ ପାରାଦୀପ ମେରାଇନ ଥାନା, ଏରସମା ଥାନା ଆଇଆଇସି ପ୍ରେମଜିତ୍ ଦାସଙ୍କୁ ରଘୁନାଥପୁର ଥାନା, ବନ୍ଦର ମେରାଇନ ଥାନା ଆଇଆଇସି ରଘୁନାଥ ଟୁଡୁଙ୍କୁ ତିର୍ତ୍ତୋଲ ଥାନାର ଆଡିସିନାଲ ଆଇଆଇସି ଭାବେ ବଦଳି କରାଯାଇଛି। ସେହିପରି ସାଇବର ଥାନାରେ କାର୍ଯ୍ୟରତ ସନ୍ତୋଷ କୁମାର ବଳଙ୍କୁ ପାରାଦୀପ ଆଦର୍ଶ ଥାନାର ଆଡିସିନାଲ ଆଇଆଇସି, ରିଜର୍ଭ ପୁଲିସ ମୁଖ୍ୟାଳୟରେ ଥିବା ମନ୍ଦାକିନୀ ବିଶୋଇଙ୍କୁ ଜଗତସିଂହପୁର ସାଇବର ଥାନା ଏବଂ ସାଇବର ଥାନାରେ କାର୍ଯ୍ୟରତ ସ୍ନେହଲତା ପ୍ରଧାନଙ୍କୁ ପାରାଦୀପ ଲକ୍ ଥାନାର ଆଡିସିନାଲ ଆଇଆଇସି ଭାବେ ବଦଳି କରାଯାଇଛି। ଏହି ବଦଳିରେ ପାରାଦୀପର ଦୁଇ ପ୍ରମୁଖ ଥାନା ମଡେଲ ଥାନା ଓ ଲକ୍ ଥାନାରେ ନୂତନ ଭାବେ ଅତିରିକ୍ତ ଆଇଆଇସି ନିଯୁକ୍ତ କରାଯାଇଛି। ସୂଚନା ଥାଉକି କିଛି ଦିନ ତଳେ ବାଲିଘାଟକୁ ନେଇ ଚର୍ଚ୍ଚାରେ ଥିବା ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ ସେଠୀଙ୍କୁ ପାରାଦୀପ ମେରାଇନ ଥାନାକୁ ବଦଳି କରାଯାଇଛି।

# ଗେଟ୍ ଭିତରୁ ମହିଳାଙ୍କ ବେକରୁ ଝାମ୍ପିନେଲେ ଚେନ୍

ପାରାଦୀପ,୭।୪(ସମିସ): ବନ୍ଦର ସହର ପାରାଦୀପରେ ଏବେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢି ଚାଲିଛି। କଲୋନୀରେ ପଶି ଏହି ଲୁଟେରାମାନେ ମହିଳାଙ୍କ ବେକରୁ ଲୁଟପାଟ କରୁଛନ୍ତି। ପୂର୍ବରୁ ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଲଗାତର ମହିଳାଙ୍କ ବେକରୁ ସୁନାଚେନ ଛିଡାଇ ଦୁର୍ବୃତ୍ତମାନେ ନେଇ ପଳାଇବା ଘଟଣା ପରେ ଆଜି ସନ୍ଧ୍ୟାରେ ଭଞ୍ଜକଲୋନୀ ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନ୍ ଛିଡାଇ ନେଇ ପଳାଇଛନ୍ତି ଦୁର୍ବୃତ୍ତ। ମହିଳା ଜଣଙ୍କ କୌଣସି କାମରୁ ଆସି ଗେଟ୍ ଭିତରେ ଗାଡ଼ି ପୂରାଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ମଟରସାଇକଲରେ ଆସି ତାଙ୍କ ବେକରୁ ସୁନାଚେନ ଛିଡ଼ାଇ ଗାଡ଼ି ନେଇ ସହର ଆଡକୁ ପଳାଇଥିଲେ। ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ଦୁର୍ବୃତ୍ତଙ୍କର କୌଣସି ଟେର ମିଳିପାରିନାହିଁ। ତେବେ ଏ ସମ୍ପର୍କରେ ଆଦର୍ଶ ଥାନାରେ ଅଭିଯୋଗ କଲାପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ

ଜଗତସିଂହପୁର,୭।୪(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାଟରା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଆବସରରେ ଜିଲ୍ଲା ସଭାପତି ପ୍ରତାପ ମିଶ୍ର ବିଜେପି ପତାକା ଉତ୍ତୋଳନ କରିଥିବା ବେଳେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତାରାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପ୍ରଭାରୀ ସୁବାସ ଜେନା ଓ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିନୋଦ ମହାନ୍ତି, ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ବସନ୍ତ ମହାନ୍ତି, ସବିତା ପ୍ରଧାନ, ମଣ୍ଡଳ ସଭାପତି, ସମ୍ପାଦକ, ହୃଷିକେଶ ନନ୍ଦ, ଚିତରଞ୍ଜନ ପଣ୍ଡା, ଶିଶିର ପାତ୍ର, ସମୀର ନାୟକ, ନାରାୟଣ ସାମଲ, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜନାରାୟଣ ସାହୁ, ନିହାର ପତି, ପିଙ୍କୁ ମହାରଣା ପ୍ରଭୃତି ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃନ୍ଦାବନ କଲୋନୀ ମା’ ମଙ୍ଗଳା ପୀଠରେ ଝାମୁଯାତ୍ରା



ପାରାଦୀପ,୭।୪(ସମିସ): ପାରାଦୀପ ବୃନ୍ଦାବନ କଲୋନୀ ମା’ ମଙ୍ଗଳାଙ୍କ ପୀଠରେ ଭକ୍ତି, ଶକ୍ତି ଓ ଆଧ୍ୟାତ୍ମିକ ପରମ୍ପରାରେ ପର୍ବ ଝାମୁଯାତ୍ରା ଆୟୋଜିତ ହୋଇଯାଇଛି। ଯାହା ମୁଖ୍ୟତଃ ଚୈତ୍ର ମାସରେ ମା’ ମଙ୍ଗଳା ଏବଂ ଅନ୍ୟ ଦେବୀପୀଠମାନଙ୍କରେ ପାଳନ କରାଯାଏ। ପାରାଦୀପ ବୃନ୍ଦାବନ କଲୋନୀରେ ରହିଥିବା ମା’ ମଙ୍ଗଳାଙ୍କ ପୀଠରେ ଏହି ଯାତ୍ରାରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହିତ ସମୁଦ୍ରକୂଳରୁ ମା’ଙ୍କ ଉଦ୍ଦେଶ୍ୟରେ କଳସ ଶୋଭାଯାତ୍ରାରେ ମା’ଙ୍କ ପଟୁଆଙ୍କୁ ଘଣ୍ଟ, ଘଣ୍ଟା ହରିବୋଲ ହୁଳହୁଳିରେ ନଗର ସାରା ପାଛୋଟି ଆଣିଥିଲେ ଶ୍ରଦ୍ଧାଳୁ। କଳସ ଶୋଭାଯାତ୍ରା ମା’ଙ୍କ ପୀଠରେ ପହଞ୍ଚିବା ପରେ ଝାମୁଯାତ୍ରା ଆରମ୍ଭ ହୋଇଥିଲା। ଚଳିତ ବର୍ଷର ଝାମୁଯାତ୍ରାରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ମା’ଙ୍କ ଝାମୁଯାତ୍ରା ଦର୍ଶନ କରିଥିଲେ। ମା’ଙ୍କ ଝାମୁଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହେବ ଏ ନେଇ ମନ୍ଦିର କମିଟିର ସମସ୍ତ ସଦସ୍ୟମାନଙ୍କ ସହିତ ସ୍ଥାନୀୟ ବୃନ୍ଦାବନ କଲୋନୀର ମୁରବିତୁଲ୍ୟ ବ୍ୟକ୍ତି ବିଶେଷ, ସ୍ଥାନୀୟ ପାରିଷଦଙ୍କ ସମେତ ଶ୍ରଦ୍ଧାଳୁ ମାନେ ଏଥିପ୍ରତି ଦୃଷ୍ଟି ଦେବା ସହିତ ମା’ଙ୍କ ଆଶୀର୍ବାଦ ଗ୍ରହଣ କରିଥାନ୍ତି।

# ନିଶାମାଫିଆକୁ କାବୁ କଲା ଅବକାରୀ ବିଭାଗ

ଜଗତସିଂହପୁର,୭।୪(ସମିସ):



ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମର ବେଲାର ସିଂଙ୍କ ପୁଅ ସିଲୁ ସିଂ (୩୧) ଦୀର୍ଘ ଦିନ ହେବ

### ୨୮ ଗ୍ରାମର ହେରୋଇନ

ବ୍ରାଉନସୁଗାର କାରବାର ଲୁଚାଛପାରେ ଚଳାଉଥିବାର ଅଭିଯୋଗ ରହିଥିଲା। ଏହାକୁ ଆଧାର କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ପିଛା କରୁଥିବା ବେଳେ ସିଲୁ ସିଂ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର ପରିସର ମଧ୍ୟରେ ଆତ୍ମଗୋପନ ଉଦ୍ଦେଶ୍ୟରେ ପସି ଯାଇଥିଲା। ତେବେ କୌଶଳ କ୍ରମେ ଖସି ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଫିଲ୍ମ ଷ୍ଟାଇଲରେ ସିଲୁକୁ କାବୁ କରି ନେଇଥିଲେ ପିଛା କରୁଥିବା ଟିମ୍। ଯାଞ୍ଚ ପରେ ତାଙ୍କ ନିକଟରୁ ୨୮ ଗ୍ରାମର ହେରୋଇନ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୨.୮୦ ଲକ୍ଷ ଟଙ୍କା ହେବ। ଆଜିର ଏହି ଚଢ଼ଉରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାରର ଏଏସ୍‌ଆଇ ସନ୍ତୋଷ ନାୟକ, କନଷ୍ଟେବଲ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଗିରଫ ସିଲୁ ସିଂକୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢ଼ଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟ ସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

# ଅଗ୍ନି ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୭।୪(ସମିସ): ପାରାଦୀପ କଲେଜ ପରିସରରେ ବନ୍ଦର ସିଆଇଏସଏଫ ୟୁନିଟ ପକ୍ଷରୁ ୟୁଆଇଆର୍‌ସି ଏବଂ ଏନ୍‌ସିସି ୱିଙ୍ଗସ୍‌ଙ୍କ ସହଯୋଗରେ ଏକ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କଲେଜର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଏଏନଓ, ଏନସିସି ଅଫିସର ଓ ଇତିହାସ ବିଭାଗର ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର, ଏନସିସି କାର୍ଯ୍ୟକ୍ରମ ଅଧିକାରୀ, ସଂଘମିତ୍ରା ପ୍ରଧାନ, ଇତିହାସ ବିଭାଗର ଅଧ୍ୟାପିକା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ରଖିଥିଲେ। ସିଆଇଏସଏଫର ଫାୟାର ଇନ୍ସପେକ୍ଟର ପ୍ରଦୀପ ମୋଥସାରା ଓ ତାଙ୍କ ଦଳ ଅଗ୍ନି ସୁରକ୍ଷା ଓ ପ୍ରତିରୋଧ ସମ୍ପର୍କରେ ପ୍ରସ୍ତୁତି ଦେଇଥିଲେ ଏବଂ ଛାତ୍ରଛାତ୍ରୀଙ୍କ ସହ ଏକ ମକ୍ ଡ୍ରିଲ୍ ଆୟୋଜନ କରିଥିଲେ। ଏହା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ବଢାଇବା ପାଇଁ ଏକ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଶେଷରେ କଲେଜର ଇଂରାଜୀ ଅଧ୍ୟାପିକା ଶାଶ୍ୱତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ କିଛି ଶିକ୍ଷକ/କର୍ମଚାରୀପୂର୍ବତନ ଜିଲ୍ଲା ସମନ୍ୱୟକ ୟୁଆଇଆରସିସି ଓ ଦର୍ଶନ ବିଭାଗର ମୁଖ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ, ସିଟିଓ ଏନସିସି ଅଭିଷେକ ବିଶ୍ୱାଳ, ମିସ୍ କବିତା ପଧାନ, ଶୁଭସ୍ମିତା ଲେଙ୍କା ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରି ସଫଳ କରିଥିଲେ।

**ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ**

# ମଠକୁ ଫେରିଲେ ମଠାଧୀଶ ଓ ଅନ୍ତେବାସିନୀ



ନାଉଗାଁ,୭।୪(ସମିସ): ବହୁ ଚର୍ଚ୍ଚିତ ଜଗତସିଂହପୁର ଜିଲ୍ଲା ନାଉଗାଁ ଶାଳଜଙ୍ଗା ମଠର ମଠାଧିଶ ବାବା ଗଦାଧର ଦାସ ଓ ଅନ୍ତେବାସିନୀ ରିନାରାଣୀ ସ୍ୱାଇଁଙ୍କୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଆଜି ପୁଲିସ ପ୍ରଶାସନ ମଠ ମଧ୍ୟରେ ପ୍ରବେଶ କରାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଠ ପରିସରରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ପାଇଁ ସେଠାରେ ପୁଲିସ୍ ମଧ୍ୟ ମୁତୟନ କରାଯାଇଛି। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଓ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମଠ ଭିତରେ ସେମାନଙ୍କୁ ପ୍ରବେଶ କରାଯାଇଥିବା ଦେଖିବାକୁ ମିଳିଛି। ମଠରେ ଦାନଧର୍ମ ସୂତ୍ରରେ ମିଳିଥିବା ଅର୍ଥ ତୋଷରପାତ ଓ ମଠ ଜମି ହଡ଼ପ ଅଭିଯୋଗ ପରେ ସ୍ଥାନୀୟ ଶାଳଜଙ୍ଗା ଗ୍ରାମବାସୀ ନାଉଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୌଶଳ କ୍ରମେ ଅନ୍ତେବାସିନୀ ରିନାରାଣୀ ସ୍ୱାଇଁ ମଠ ଛାଡି ପଳାଇଥିବା ବେଳେ ବାବା ଗଦାଧର ଦାସ ମଠ ମଧ୍ୟରୁ ରାତି ଅଧରେ ପାଚେରି ଡେଇଁ ପଳାୟନ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ମଠ ମଧ୍ୟକୁ ଉକ୍ତ ଦୁଇଜଣ ପ୍ରବେଶ କରିବାକୁ ଚାହିଁଥିଲେ ମଧ୍ୟ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁଁ ସେମାନେ ମଠ ମଧ୍ୟକୁ ପ୍ରବେଶ କରି ପାରିବା ସମ୍ଭବ ହୋଇନଥିଲା। ଆଜି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ପୁଲିସ ସେମାନଙ୍କୁ ମଠ ମଧ୍ୟକୁ ପ୍ରବେଶ କରାଇଛି।

**• ମିଳୁନି ଗ୍ୟାସ୍ ସିଲିଣ୍ଡର**

# ରାସ୍ତାକୁ ଓହ୍ଲାଇଲେ ଜନତା



ଜଗତସିଂହପୁର,୭।୪(ସମିସ): ଜଗତସିଂହପୁର ପୌରାଞ୍ଚଳରେ ଥିବା ମା’ ଶାରଳା ଗ୍ୟାସ୍ ବିତରକ ସଂସ୍ଥାର ଗ୍ୟାସ୍ ଗାଡି ପ୍ରାୟ ସପ୍ତାହେ ହେବ ଆସୁନାହିଁ। ଫଳରେ ରାତି ୩ଟାରୁ ଖାଲି ଗ୍ୟାସ ସିଲିଣ୍ଡର ଧରି ବାଘସାହି ସ୍ଥିତ ସଂସ୍ଥାର ଗୋଦାମ ନିକଟରେ ଧାଡିରେ ଠିଆହୋଇ ଘରକୁ ଫେରୁଛନ୍ତି ଗ୍ରାହକ। ଉକ୍ତ ଗ୍ୟାସ ବିତରକ ସଂସ୍ଥା ମଧ୍ୟ ସଠିକ ସୂଚନା ଦେଉନଥିବା ଅଭିଯୋଗ କରିଛନ୍ତି ଗ୍ରାହକ। ଏହାର ପ୍ରତିବାଦ କରି ଆଜି ସକାଳେ ବାଘସାହି ସ୍ଥିତ ଗ୍ୟାସ ଗୋଦାମ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗ୍ୟାସ ସିଲିଣ୍ଡର ରଖି ଜଗତସିଂହପୁର ସହରର ଥାନା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ ଉତ୍ତ୍ୟକ୍ତ ଲୋକେ। ପ୍ରାୟ ୩୦ ମିନିଟ ଧରି ହୋ ହାଲା ଚାଲିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା।

# ‘ଓଡ଼ିଆ ପକ୍ଷ’ରେ ବର୍ଣ୍ଣବୋଧ ବଣ୍ଟନ




ଜଗତସିଂହପୁର,୭।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ପାଳନ ହେଉଛି "ଓଡ଼ିଆ ପକ୍ଷ'। ଏହି ପକ୍ଷ ପାଳନର ସପ୍ତମ ଦିନକୁ ‘ଶିଶୁ କଥା ଦିବସ’ ଭାବେ ପାଳନ କରାଯାଇଛି। ଏହି ଅବସରରେ ଆଜି ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯାଇଛି। ‘ଓଡ଼ିଆ ପକ୍ଷ’ ଅବସରରେ ଶିଶୁମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ମାତୃଭାଷାର ସମୃଦ୍ଧ ପରମ୍ପରା ସହ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ "ଶିଶୁ କଥା ଦିବସ' ଓ "ବର୍ଣ୍ଣବୋଧ ବଣ୍ଟନ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶୈଶବର କଳ୍ପନାପ୍ରସୂତ ଜଗତକୁ ପାରମ୍ପରିକ ଗଳ୍ପର ରଙ୍ଗରେ ରଞ୍ଜିତ କରିବା ସହ ଆଗାମୀ ପିଢ଼ିକୁ ଆମ ସାହିତ୍ୟ ଓ ଲୋକକଥାର ମହକରେ ବୁଦ୍ଧିମନ୍ତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଜିଲ୍ଲାର ସମସ୍ତ ବ୍ଲକର ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଡିଇଓ, ବିଇଓ, ଡିଏସଡବ୍ଲୁଓଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଇବ୍ରି ସିଂରେ ସ୍ୱାସ୍ଥ୍ୟ ସେବା ଶିବିର

ତିର୍ତ୍ତୋଲ,୭।୪(ସମିସ): ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ମଣ୍ଡଳ ବିଜେପି ଓ ଜନ ଶିକ୍ଷଣ ସଂସ୍ଥାନ ଜଗତସିଂହପୁରର ମିଳିତ ଆନୁକୂଲ୍ୟରେ ଇବ୍ରିସିଂ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ବରିଷ୍ଠ ବିଜେପି ନେତ୍ରୀ ଜୟ ଲକ୍ଷ୍ମୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଂଜିଦା ଅଞ୍ଜୁମ, ଡ ସୌମ୍ୟପ୍ରକାଶ ନାୟକ ଯୋଗଦେଇ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।। ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଫାର୍ମାସୀଷ୍ଟ ପ୍ରୀତିଶ ରାଉଳ ଓ ଏଏନଏମ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ସହଯୋଗ କରିଥିଲେ। ଯୁବନେତା ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସମ୍ପାଦିତ ହୋଇଥିବା ବେଳେ ରମେଶ ନାୟକ, ପ୍ରତିମା ମହାନ୍ତି, ଅରୂପାନନ୍ଦ ସ୍ୱାଇଁ, ସୁଶାନ୍ତ ମହାନ୍ତି, ମାନସ ବିଶ୍ୱାଳ ଓ ପ୍ରଭଞ୍ଜନ ମୁଦୁଲି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶୋଭା ଶୋବନେଶ୍ୱର ଗୋଠରେ କାଠି-ଲଉଡ଼ି ମହୋତ୍ସବ



ଜଗତସିଂହପୁର-ବାଲିକୁଦା,୭।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଓଷକଣା ପଞ୍ଚାୟତର ଶୋଭା ସ୍ଥିତ ଶୋବନେଶ୍ୱର ଗୋଠ ପ୍ରାଙ୍ଗଣରେ ବାର୍ଷିକ ଗୋପାଳ ଓଗାଳ ଓ କାଠି-ଲଉଡ଼ି ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ପ୍ରସନ୍ନ କୁମାର ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯାଦବ ମହାସଭାର ସଭାପତି ଧର୍ମାନନ୍ଦ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ଦାସ, ନାଉଗାଁ ବ୍ଲକ୍ ଯାଦବ ମହାସଭାର ଗୌରାଙ୍ଗ ଚରଣ ଦାସ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଦାସ, ଉପସଭାପତି ନରେଶ ଚନ୍ଦ୍ର ଦାସ, ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ରବୀନ୍ଦ୍ର କୁମାର ମାଦେଳି, ବୀରବର ଦାସ, ଚାଷୀ ନେତା ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୬ଟି ଦଳ ଭାଗ ନେଇ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ପରସ୍ପର ଭିତରେ ଭାଇଚାରା ସୃଷ୍ଟି କରିବା, ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଶିଖାଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୋବନେଶ୍ୱର ଗୋଠର ଅଶୋକ ଦାସ, ରବୀନ୍ଦ୍ର ମାଦେଳୀ, ନେତ୍ରାନନ୍ଦ ମାଳତୀ, ଚତ୍ରାନନ୍ଦ ମାଳତୀ, ସୁନାକର ଦାସ, କାର୍ତ୍ତିକ ମାଳତୀ, ଗୌରାଙ୍ଗ ମାଳତୀ, ସୁରେଶ ଦାସ, ପଦିଆ ମାଳତୀ, କାଳିଆ ମାଳତୀ, ବିପିନ ମାଳତୀ, ଲକ୍ଷ୍ମୀଧର ଦାସ, ସଞ୍ଜୟ ମାଳତୀ, ଶଙ୍କର ଦାସ, ସୁନାକର ମାଳତୀ, ଚକର ଦାସ, ନୂତନ ମାଳତୀ ପ୍ରମୁଖଙ୍କ ସହିତ ଯାଦବ ଭାଇ ମାନେ ପରିଚାଳନା କରିଥିଲେ।

**ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଜିପିସିଆଇ ହିରୋସ୍ ଓ ଡିକେଟି ଷ୍ଟାର୍ସ ବିଜୟୀ

ପାରାଦୀପ,୭।୪(ସମିସ)




ପାରାଦୀପରେ ଆୟୋଜିତ ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୧ତମ ଦିନରେ ଆଜି ଏନ୍‌ଏସି ଫିଲ୍ଡ ଠାରେ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଜିପିସିଆଇ ହିରୋସ୍ ଓ ଜିଡିସି ବ୍ଲାଷ୍ଟର ମଧ୍ୟରେ ଖେଳା ଯାଇଥିଲା। ଜିପିସିଆଇ ହିରୋସ୍ ଟସ୍ ଜିତି ବୋଲିର ନିଷ୍ପତ୍ତି ନେଇ ନେଇଥିଲା। ଜିଡିସି ବ୍ଲାଷ୍ଟର ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରେଇ ମୋଟ୍ ୧୦୫ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ୍ ଜିପିସିଆଇ ହିରୋସ୍ ୧୬.୫ଟି ବଲରେ ମାତ୍ର ୫ ଉଇକେଟ୍ ହରାଇ ୧୦୬ ରନ୍ କରି ମ୍ୟାଚ୍‌କୁ ଅତି ସହଜରେ ଜିତି ନେଇଛି। କିସାନ ରଥ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଡିକେଟି ଷ୍ଟାର୍ସ ଓ ପାରାଦୀପ ସୁପର କିଙ୍ଗସ୍ ମଧ୍ୟରେ ଖେଳାଯାଇଥିଲା। ଡିକେଟି ଷ୍ଟାର୍ସ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ତାର ମୂଲ୍ୟବାନ ୬ ଉଇକେଟ୍ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ପାରାଦୀପ ସୁପର୍ କିଙ୍ଗସ୍ ୧୮ ଓଭରରେ ତାର ସମସ୍ତ ଉଇକେଟ୍ ହରାଇ ମାତ୍ର ୮୯ ରନ୍ କରି ମ୍ୟାଚ୍ ଟିକୁ ହାରିଯାଇଛି। ରାକେଶ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଆଜିର ଏହି ଦୁଇଟି ଯାକ ମ୍ୟାଚରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏସିଇ କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୁତାର, ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବୀନ୍ଦ୍ର କୁମାର ଦାସ ଓ ସମାଜସେବୀ ସୁସେନ ମଣ୍ଡଳ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଦୁଇଟି ମ୍ୟାଚ୍‌ରେ ଦେବେନ୍ଦ୍ର ନାୟକ, ନିରଞ୍ଜନ ଦାସ, ସଂଜୀବ କୁମାର ବେହେରା ଓ ଜୟନ୍ତ କୁମାର ଦାସ ଖେଳ କୁ ପରିଚାଳନା କରିଥିଲେ।

# 'ଢେଙ୍କାନାଳ ବରାର ସ୍ୱାଦ ନିଆରା; ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ'








ଢେଙ୍କାନାଳ,୭ ।୪(ସମିସ)

ଓଡିଶା ତଥା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଢେଙ୍କାନାଳରେ ବରା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଢେଙ୍କାନାଳ ବରାର ସ୍ୱାଦ ନିଆରା ବୋଲି କହିଥିଲେ। ଏହି ପାରମ୍ପାରିକ ଖାଦ୍ୟ ଯୋଗୁଁ ଢେଙ୍କାନାଳ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ । ଢେଙ୍କାନାଳ ବରାର ସ୍ୱତନ୍ତ୍ରତା ଫଳରେ ଜିଆଇ ମାନ୍ୟତା ପ୍ରାପ୍ତି ପାଇଁ ପ୍ରଚେଷ୍ଟା ନିଶ୍ଚିତ ଭାବେ ଫଳପ୍ରସୂ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଢେଙ୍କାନାଳ ବରାର ପ୍ରଚାର ପ୍ରସାର ଦିଗରେ ସମସ୍ତ ପ୍ରକାରର ଉଦ୍ୟମ କରାଯାଇ ଜିଆଇ ମାନ୍ୟତା ହାସଲ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରକାଶ କରିଛନ୍ତି । ଉତ୍ସବରେ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବରାର ସ୍ୱତନ୍ତ୍ରତା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ସହରବାସୀ, ଗଣମାଧ୍ୟମର ପ୍ରତିନିଧି, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକରେ ବରା ଦିବସ ପାଳନ ହୋଇ ଥିବାବେଳେ ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବରା ଦିବସ ପାଳିତ ହୋଇଯାଇଛି । ବରା ଦିବସ ପାଳନ ଉପଲକ୍ଷେ ଗତକାଲି ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ବରା ନାମକ ଏକ ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଶେଷରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହିତ ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ଶିଶୁ କଥା ଦିବସ ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ବର୍ଣ୍ଣବୋଧ ଓ ଶିଶୁ କଥା ପୁସ୍ତକ ବଣ୍ଟନ କରାଯାଇଥିଲା ।

## ଜିଆଇ ମାନ୍ୟତା ପାଇଁ ଉଦ୍ୟମ ଜାରି ରହିଛି

**ପରଜଙ୍ଗ (ଫଟୋ-୧୧୦):** ପରଜଙ୍ଗ ବ୍ଲକରେ ବିଶ୍ୱ ବରା ଦିବସ ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଙ୍ଗଳବାର ଏକତ୍ରିତ ହୋଇ ପରମ୍ପରା ଏବଂ ସ୍ୱାଦର ଏକ ଅନନ୍ୟ ସମ୍ମିଶ୍ରଣରେ ବରା ଦିବସ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଣୀ ପଣ୍ଡା, ଉପ ବିଭାଗ ଅଧିକାରୀ ଦିବ୍ୟସିଂହ ଲେଙ୍କା, ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ବେଣୁଧର ମହାପାତ୍ର ଏବଂ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଧୀରେନ କୁମାର ସାମଲ ସମ୍ମୁଖ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବରାର ସ୍ୱାଦ ଚାଖିଥିଲେ । ପିତିରି ପଞ୍ଚାୟତର ଶକ୍ତିଦୁର୍ଗା ଓ ଶକ୍ତି ଭାଗବତ ସ୍ୱୟଂ ସହାୟକ ଗୋଷ୍ଠୀ, ରୋଡ ପଞ୍ଚାୟତର ମହାମାୟୀ ଓ ମା' ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବାରିହାପୁର ପଞ୍ଚାୟତର ମହିମା ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ନିଜର ବରା ପ୍ରଦର୍ଶନ କରିଥିଲେ । ବ୍ଲକ ଅଧ୍ୟକ୍ଷା ନିଜ ଭାଷଣରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ପାଇଁ ପ୍ରଶଂସା କରିଥିଲେ ।

## ସଚେତନ ନାଗରିକ ଫୋରମ

ସ୍ଥାନୀୟ ସୂର୍ଯ୍ୟ ମଣ୍ଡପଠାରେ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଫୋରମ ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବରା ଦିବସ ପାଳିତ ହୋଇଯାଇଛି । ଉତ୍ସବରେ ଅତିଥି ଭାବରେ ସମାଜସେବୀ ଜ୍ୟୋତ୍ସ୍ନା ପଟ୍ଟନାୟକ, ଆମ ଆଦ୍‌ମୀ ପାର୍ଟି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ସମାଜସେବୀ ଡାକ୍ତର ଶାନ୍ତିଭୂଷଣ ପଣ୍ଡା, ସମାଜସେବୀ ଯୁବରାଜ ଅମରଜ୍ୟୋତି ସିଂଦେଓ ପ୍ରମୁଖ ଯୋଗଦେଇ ବରା ବିଷୟରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଫୋରମର ଉପଦେଷ୍ଟା ପଙ୍କଜ ନାୟକ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ଫୋରମର ନଗର ସଭାପତି ଅମରେନ୍ଦ୍ର ସାହୁ, ଉପସଭାପତି ଉଦୟନାଥ ବେହେରା, ସମ୍ପାଦକ ମନ୍ମଥ ରାଓ, ନଗେନ କର, ଆମ ଆଦମୀ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ସମ୍ପାଦକ ଅନୀଲ ସାମଲ, ଜୟନ୍ତ ଦାସ ପ୍ରସନ୍ନ ବରାଳ ପ୍ରମୁଖ ଦୁଇ ଶହରୁ ଅଧିକ ଯୋଗ ଦେଇଥିଲେ। ଫୋରମ ତରଫରୁ ସମସ୍ତଙ୍କୁ ବରା ପରସା ଯାଇଥିଲା । ଫୋରମର ସମ୍ପାଦକ ଭରତ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରିମାଳ ଯୁଥ ଫୋରମ

**ପଣ୍ଡୁଆ,୭ ।୪(ସମିସ):** କାମାକ୍ଷାନଗର ବ୍ଲକ ପାରିମାଳ ଅଞ୍ଚଳରେ ଚଳିତବର୍ଷ ପ୍ରଥମଥର ପାଇଁ ପଣ୍ଡୁଆ ବଜାରସ୍ଥିତ ଆସେଟ କମ୍ପ୍ୟୁଟର ସେଣ୍ଟର ନିକଟରେ ବିଶ୍ୱ ବରା ଦିବସ ପାଳିତ ହୋଇଯାଇଛି । ପଣ୍ଡୁଆ ବଜାର ବ୍ୟବସାୟୀ, ବଟୋଇ ତଥା ଆଖପାଖ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗରମ ଗରମ ବରା, ଘୁଗୁନି ବଣ୍ଟନ କରାଯାଇଥିଲା । ପାରିମାଳ ଯୁବ ଫୋରମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଜାର ସଭାପତି ହୃଦାନନ୍ଦ ପରିଡ଼ା, କୋଟଗରା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଅଶ୍ୱିନୀ କୁମାର ପରିଡ଼ା, ବିଜେପି ବାରୁଆଁ ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ଦାସ, ରାୟ ନୃସିଂହପୁର ପଞ୍ଚାୟତ ସରପଞ୍ଚ ଶିଶିରକାନ୍ତ କେହେରା, କୋଟଗରା ପଞ୍ଚାୟତ ପୂର୍ବତନ ସରପଞ୍ଚ ଲଳିତ କୁମାର ସାହୁ, ପଣ୍ଡୁଆ ଫାଣ୍ଡି ଅଧିକାରୀ ବିଭୂତି ଭୂଷଣ ବେହେରା, ସମାଜସେବୀ ତଥା ଯୁବନେତା ପର୍ଶୁରାମ ମହାଭୋଇ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପାରିମାଳ ଯୁବ ପରିଷଦର ସଭ୍ୟ ଅଶ୍ୱିନୀ କୁମାର ପରିଡ଼ା, ଲକ୍ଷ୍ମୀଧର ସାହୁ, ସୁନୀଲ ମିଶ୍ର, ମଳୟ ସାହୁ, ରଞ୍ଜିତ ପରିଡ଼ା ପ୍ରମୁଖଙ୍କ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟ ସମାହିତ ହୋଇଥିଲା ।

## ହନୁମାନ ବାଟିକା ପରିଚାଳନା କମିଟି

ସ୍ଥାନୀୟ ଶ୍ରୀହନୁମାନ ବାଟିକା ଠାରେ ବିଶିଷ୍ଟ ଅତିଥିମାନଙ୍କୁ ନେଇ ବିଶ୍ୱ ବରାଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଶିଳ୍ପୀ ତଥା ନାଟ୍ୟକାର ପରେଶ ଚନ୍ଦ୍ର ପଟ୍ଟନାୟକ, ବିଶିଷ୍ଟ ବ୍ୟଙ୍ଗ କବି ତଥା ନାଟ୍ୟକାର ଶତ୍ରୁଘ୍ନ ମାଟି ପ୍ରମୁଖ ମଞ୍ଚାସୀନ ହୋଇ ବିଶ୍ୱ ବରା ଦିବସ ଅବସରରେ ଢେଙ୍କାନାଳ ବରା ବହୁ ଅତୀତରୁ ରାଜ ରାଜୁଡ଼ା ସମୟରୁ ତା'ର ପୂର୍ବ ଗରିମା ବଜାୟ ରଖିଛି ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଢେଙ୍କାନାଳ ବରା ଦିବସର ଆବାହକ ଡଃ ସମୀର କୁମାର ସାହୁ ସମସ୍ତ ଅତିଥିଙ୍କ ସହିତ ପ୍ରାୟ ୩ ହଜାରରୁ ଅଧିକ ବରାପ୍ରେମୀଙ୍କୁ ସ୍ୱାଗତ କରିଥିଲେ । ମଞ୍ଚର ସମସ୍ତ ଅତିଥି ହନୁମାନ ବାଟିକାର ପରିଚାଳନା କମିଟିର ସମସ୍ତ ସଭ୍ୟଙ୍କ ସହ ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କର ଏହି ପ୍ରଚେଷ୍ଟାକୁ ସ୍ୱାଗତ କରିଥିଲେ। ସକାଳ ୮ ଘଟିକାରୁ ଆରମ୍ଭ କରାଯାଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଦୀର୍ଘ ୫ଘଣ୍ଟା ଧରି ଲୋକମାନେ ଢେଙ୍କାନାଳ ବରାକୁ ଖାଇ ବରା ଦିବସ ପାଳିଥିଲେ। ଏକାଡେମୀ ଅଫ୍ ମେଡିକାଲ୍ ସାଇନ୍ସ ପକ୍ଷରୁ ନିର୍ଦ୍ଦେଶକ ଡଃ ରଜନୀକାନ୍ତ ତରାଇଙ୍କ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପରେ ବାର୍ତ୍ତା ଦେଇ ପିଲାମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ପରେ ମହାଶୟ ଅନୁଷ୍ଠାନ ତରଫରୁ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ହନୁମାନ ବାଟିକା ପରିଚାଳନା କମିଟିର ସମସ୍ତ ସଭ୍ୟଙ୍କ ଉଦ୍ୟମରେ ଆୟୋଜିତ କରାଯାଇଥିବା ବରା ଦିବସ ନିମିତ୍ତ ସମସ୍ତଙ୍କ ତରଫରୁ ପ୍ରଶଂସା କରାଯାଇଥିଲା। ଶେଷରେ କମିଟିର ସଭ୍ୟ ବାହାଦୂର ପାଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।





# ମେସିନ ପୋଡ଼ିଦେଲେ; ହତ୍ୟା ଧମକ ଦେଲେ ଦୁର୍ବୃତ୍ତ



**ହିନ୍ଦୋଳ/ଖଜୁରିଆକଟା,୭ ।୪(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ମେସିନ ପୋଡ଼ି ଦେବାସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ହିନ୍ଦୋଳ ଉପଖଣ୍ଡ ରସୋଲ ଥାନା ଗିରିଧର ପଞ୍ଚାୟତ ବ୍ରହ୍ମପୁର ଗ୍ରାମର ସ୍ୱର୍ଗତ ଗଙ୍ଗାଧର ଦେହୁରୀଙ୍କ ପୁଅ କ୍ଷୀରୋଦ ଦେହୁରୀଙ୍କ ଟାଟା ୧୩୦ ମେସିନକୁ ମୋଟଙ୍ଗା ଥାନା ହିନ୍ଦୋଳରୋଡ୍ ଅଞ୍ଚଳର ସୁବାସ ଘୋଷଙ୍କ ପୁଅ ସଞ୍ଜୀବ ଘୋଷ ଭଡ଼ାରେ ନେଇ ନିଜ କାର୍ଯ୍ୟରେ ଲଗାଇଥିବାବେଳେ କ୍ଷୀରୋଦଙ୍କ ପ୍ରାପ୍ୟ ବାବଦକୁ ୧୫ ଲକ୍ଷ ଟଙ୍କା ଦେବାର ଥିଲା । ମାତ୍ର ଟଙ୍କା ନ ପାଇବାରୁ କ୍ଷୀରୋଦ ନିଜ ଗାଡ଼ି ନେଇ ଆସିଥିଲେ । ତେବେ ଗତ ୩ତାରିଖରେ କ୍ଷୀରୋଦ ନିଜ ବଗିଚାରେ ଥିବାବେଳେ ସଞ୍ଜୀବ ଘୋଷ ଓ ତାଙ୍କର ଦୁଇଜଣ ସହଯୋଗୀ ଆସି ବନ୍ଧୁକ ଦେଖାଇ ମାରିଦେବାକୁ ଧମାକ ଦେଇଥିଲେ । ଏଥିସହ ସେହିଦିନ ରାତି ୧୨ଟା ସମୟରେ ଗୁଣ୍ଡାମାନଙ୍କ ସହ ଆସି କ୍ଷୀରୋଦଙ୍କ ମେସିନକୁ ପୋଡ଼ିଦେବା ସହ ସୁନାଚେନ ଓ ଟଙ୍କା ଲୁଟି ନେଇଥିବା କ୍ଷୀରୋଦ ରସୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାର ପୁଲିସ ତଦନ୍ତ କରୁଥିବାବେଳେ କ୍ଷୀରୋଦଙ୍କୁ କ୍ଷତିପୂରଣ ସହ ଉଚିତ ନ୍ୟାୟ ଦେବାପାଇଁ ସେ ଦାବି କରିଛନ୍ତି ।

# ଉଦ୍ଭିଦ ବିଜ୍ଞାନ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଖଜୁରିଆକଟା,୭।୪(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା ଉଦ୍ଭିଦ ବିଜ୍ଞାନ ବିଭାଗରେ +୩ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ କନିଷ୍ଠ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ସହ ଉପହାର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଭାଗୀୟ ମୁଖ୍ୟ ଶୁଭଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ନିଜ ନିଜର ବକ୍ତବ୍ୟ ଜରିଆରେ ଜ୍ଞାନ ଦିଗବଳୟର ବିକାଶ ପାଇଁ ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନିଜର ମୂଲ୍ୟବାନ କର୍ମମୟ ଜୀବନକୁ ସାର୍ଥକ କରିବା ସହିତ ସଞ୍ଚିତ ଓ ଶୃଙ୍ଖଳିତ ମାର୍ଗରେ ପଥିକ ହେବାକୁ ମାର୍ଗ ଦର୍ଶନ ଦେଇଥିଲେ। ଉତ୍ସବରେ ବିଭାଗର ଅଧ୍ୟାପିକା ରୁଚିସ୍ମିତା ବେହେରା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲା ବେଳେ ଡେମୋନେଷ୍ଟ୍ରେଟର ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳିଙ୍ଗ ଜୁଟ୍ ଶ୍ରମିକଙ୍କ ବେତନ ଓ ଇପିଏଫଓ ପାଇଁ ଜିଲ୍ଲାପାଳଙ୍କୁ ଫେରାଦ



**ଢେଙ୍କାନାଳ,୭ ।୪(ସମିସ):** ଢେଙ୍କାନାଳ ପୌରପରିଷଦ ଅନ୍ତର୍ଗତ କଳିଙ୍ଗ ଜୁଟ୍ ପ୍ରଡକ୍ଟସର ଶ୍ରମିକମାନଙ୍କର ବେତନ ଓ ଇପିଏଫ, ଏଏସଆଇ ପ୍ରଦାନ ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ଶ୍ରମିକମାନଙ୍କର ୧ଜୁନ୍ ୨୦୨୫ଠାରୁ ଆଜି ପର୍ଯ୍ୟନ୍ତ ଏହି ପ୍ରାପ୍ୟ କମ୍ପାନୀ ଜମା କରୁନାହିଁ । ସେହିପରି ୧ ଡିସେମ୍ବର ୨୦୨୫ରିଖ ଠାରୁ ୩୧ ମାର୍ଚ୍ଚ ୨୦୨୬ରିଖ ପର୍ଯ୍ୟନ୍ତ ଶ୍ରମିକମାନଙ୍କର ବେତନ ପ୍ରଦାନ କରାଯାଇନାହିଁ। ଫଳରେ ଶ୍ରମିକମାନେ ଆର୍ଥିକ ଅନାଟନ ଓ ଅଭାବରେ କାଳାତିପାତ କରୁଛନ୍ତି। ଏହାକୁ ବିଚାର କରିବା ନିମନ୍ତେ ସମସ୍ତ ଶ୍ରମକ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗ ପତ୍ର ଦାଖଲ ସମୟରେ ଶ୍ରମିକ ସଂଘର ସମ୍ପାଦକ ବିଷ୍ଣୁ ବେହେରା, ପ୍ରଶାନ୍ତ ମହାନ୍ତି, ଜଗନ୍ନାଥ ସାମଲ, କୁମୁଦ ସ୍ୱାଇଁ, ସୁଦର୍ଶନ ସାହୁ, ଅଜୟ ସ୍ୱାଇଁ, ଦିଲ୍ଲୀପ ସାହୁଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ ।

# କୁଆପଥର ମାଡ଼ରେ ବ୍ୟାପକ କ୍ଷତି

**ଖଜୁରିଆକଟା,୭।୪(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ କାଳବୈଶାଖୀର ତାଣ୍ଡବଲୀଳା ଲୋକଙ୍କପାଇଁ ହୋଇଛି କାଳ । ଅପରାହ୍ଣରେ ପବନ ବୋହିବା ସହ କାଳବୈଶାଖୀ ପାଇଁ କୁଆପଥର ମାଡ଼ ହୋଇଥିଲା । ଫଳରେ ମଣିଷ ଓ ଗାଇଗୋରୁ ପ୍ରାୟ ୧ଘଣ୍ଟା ଯାଏ ପଦାକୁ ବାହାରିପାରି ନ ଥିଲେ । ଏହି କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ହିନ୍ଦୋଳ ଏନ୍‌ଏସି ୱାର୍ଡ ନଂ ୬ ଗୋବିନ୍ଦବେରେଣୀ ଫିସରୀ ନିକଟରେ ଥିବା ଓଡ଼ାପଡ଼ା କଣ୍ଟାବଣିଆ ଥାନା ଅଞ୍ଚଳର ରାଜୀବ



ସାହୁଙ୍କ ବ୍ରୟଲର ଫାର୍ମରେ ୪ଟି ହଂସ, କିଛି ଦେଶୀ କୁକୁଡ଼ା, ପୋଖରୀରେ ମାଛସବୁ ମରିଥିବାବେଳେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଇଗଣ, ଟମାଟୋ ସହ ଅନ୍ୟାନ୍ୟ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ଅନେକ ଘରର ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପ୍ରାୟ କେତେକ ସ୍ଥାନରେ ଅଧ କେଜି ଓଜନର ବରଫ ପଡ଼ିଥିଲା । ଏଥିସହ ଗୋଟିଏ କାର, ଗୋଟିଏ ବାଇକ୍ ନଷ୍ଟ ହେବା ସହ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ସେହିପରି ଅନେକ କାଜୁ, ଆମ୍ବ, ପଣସ ଫସଲ ବି ନଷ୍ଟ ହୋଇଛି । ଲୋକଙ୍କ କ୍ଷୟକ୍ଷତିକୁ ଆକଳନ କରାଯାଇ ଉପଯୁକ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଆ ପକ୍ଷରେ ସଫେଇ କାର୍ଯ୍ୟକ୍ରମ

**ଓଡ଼ାପଡ଼ା,୭।୪(ସମିସ):** ଢେଙ୍କାନାଳ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛ ଓଡ଼ିଶା ଦିବସରେ ଓଡ଼ାପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ଜୀବନ ଖୋଲ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବ୍ଲକ୍ କର୍ମଚାରୀ ଯୋଗଦେଇ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ କରିଥିଲେ । ଏହା ସହିତ ଆସନ୍ତା ୧୩ ତାରିଖରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଖାଦ୍ୟ ଦିବସ ପାଳନ, ୧୪ ତାରିଖରେ ଝୋଟି, ଚିତା, ମୁରୁଜ ଓ ବିଭିନ୍ନ ପ୍ରକାର ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଜଳିଗଲା ବାଇକ୍, ବର୍ତ୍ତିଗଲେ ଯୁବକ

**ଗଁଦିଆ,୭ ।୪(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ଥାନା ନୂଆଗଡ଼ ନିକଟରେ ଏକ ବାଇକ୍ ଜଳି ଯାଇଥିବା ବେଳେ ଚାଳକଙ୍କ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଛଡାସିଂ ଗ୍ରାମର ଯୁବକ ଗୋଲେଖ ପ୍ରସାଦ ମଲ୍ଲିକ ଯୋରନ୍ଦା ବିଦ୍ୟୁତ ବିଭାଗରେ ଡ୍ୟୁଟିସାରି ନିଜ ବାଇକ୍ (ଓଡି ୦୬ ଜେ ୨୨୮୩) ରେ ଯୋରନ୍ଦା ଆଡୁ ବଣସିଂହ ଅଭିମୁଖେ



ଯାଉଥିଲେ । ନୂଆଗଡ଼ ନିକଟରେ ପରିସ୍ରା ଲାଗିବାରୁ ରାସ୍ତା ଉପରେ ଗାଡ଼ି ରଖି ପରିସ୍ରା ଯାଇଥିଲେ । ଏହି ସମୟରେ ହଠାତ୍ ବାଇକ୍‌ଟି ଜଳିବାରେ ଲାଗିଥିଲା । ଗୋଲେଖ ଉପାୟଶୂନ୍ୟ ହୋଇ ଜୀବନ ବଞ୍ଚାଇ ଦୌଡ଼ିଥିଲେ । ରାସ୍ତାରେ ଯାଉଥିବା ଲୋକେ ଖବର ଦେବା ପରେ ଗଁଦିଆ ଅଗ୍ନିଶମ ବିଭାଗର କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ । ହେଲେ ସେତେବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା ।

## ବିପର୍ଯ୍ୟସ୍ତ ଅବସ୍ଥାରେ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ

# ବାରମ୍ବାର ଅଭିଯୋଗ ପରେ ବି ହେଉନି କାମ

ଢେଙ୍କାନାଳ,୭ ।୪(ସମିସ)

ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ୍ ସିମିନଇ ଏବଂ ଗଦାଶିଳା ପଞ୍ଚାୟତ ଦେଇ ଯାଇଥିବା ପୁରୁଣା ୫୫ ନଂ ଜାତୀୟ ରାଜପଥ ବିପର୍ଯ୍ୟନ୍ତ ହୋଇଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି କାମ ହେଉନାହିଁ। ଫଳରେ ରାସ୍ତାଟି ଖାଲଖମା ହୋଇ ରହିଛି। ଏହି ପୁରୁଣା ରାସ୍ତାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହୋଇଆସୁଥିବା ବେଳେ କେବେ କାମ ହେବ ତାହା ଜଣାପଡୁନାହିଁ।

ସିମିନଇ ଓ ଗଦାଶିଳା ବଜାରଦେଇ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ ଯାଇଛି। ନୂତନ ବାଇପାସ ରାସ୍ତାନିର୍ମାଣ ପରେ ବିଭାଗୀୟ କର୍ତ୍ତୃପକ୍ଷ ପୁରୁଣା ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଛନ୍ତି। ଏହି ରାସ୍ତାଦେଇ ସିମିନଇ, ଗଦାଶିଳା, କାଶିଆଡିହ, ବଳରାମପୁର, କାଣ୍ଡବିନ୍ଧା ପଞ୍ଚାୟତ ସହିତ ଗଞ୍ଜରା ବ୍ରାହ୍ମଣିଆପାଳ, ସୋରତ ଦେଇ କୁଟୁଣିଆ, ବାବନ୍ଧ ଓ ହିନ୍ଦୋଳକୁ ରହିଥିବା ରାସ୍ତା, ବଳରାମପୁର ଦେଇ ଭାପୁର ଅଞ୍ଚଳକୁ ଏହି ରାସ୍ତାଦେଇ ଲୋକମାନେ ଯାତାୟତ କରିଥାନ୍ତି। ବାଇପାସ ରାସ୍ତା ନିର୍ମାଣ ହେବାର ୫ ବର୍ଷ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି ନିର୍ମାଣକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଫଳରେ ରାସ୍ତାତମାମ ଖାଲଖମା ସୃଷ୍ଟି ହୋଇଥିବାବେଳେବର୍ଷାହେଲେପାଣିଜମିବା ସହିତ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଇପାସ୍ ରାସ୍ତାକୁ ସଂଯୋଗ କରୁଥିବା ମୁଳିସିଂହ ଏବଂ ଝାରଗାଡ଼ିଆ ଠାରେ ସଂଯୋଗ ରାସ୍ତାଟି ନିର୍ମାଣ ହୋଇନଥିବାରୁ ମାଟି ରାସ୍ତାଦେଇ ଯାନବାହନ ସହିତ ଲୋକମାନେ ଯାତାୟାତ କରୁଛନ୍ତି। ଏହି ରାସ୍ତାଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ଦାଣ୍ଡିମାଳ ରେଳ ଷ୍ଟେସନକୁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତାର ନିର୍ମାଣ ପାଇ ୨୦୨୫ ଜୁଲାଇ ୧୪ ତାରିଖରେ ଓଡ଼ିଶା ସରକାରଙ୍କ ରାସ୍ତା ଏବଂ ସିଭିଲ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୨୭୪୭୫ ଅନୁସାରେ ପ୍ରାୟ ୧୦କୋଟି ୭୩ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି କାମ ଦଶ ମାସ ମଧ୍ୟରେ ଶେଷ ହେବାର ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାମର ଭିତ୍ତିପ୍ରସ୍ତର ବି ପଡିନାହିଁ। ଏହାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ସମୟରେ ବିଭୁ ପ୍ରସାଦ ରଥ, ପୁରୁଷୋତ୍ତମ ରାଉତ,ଗଙ୍ଗାଧର ରାଉତ, ତାପସ ନାଏକ, ରାଜ କିଶୋର ରାଉଳ, ସର୍ବେଶ୍ୱର ଦାସ, ଶିଖର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟ ଆରମ୍ଭ ନ ହେଲେ୧୦ ଦିନ ମଧ୍ୟରେ ୭ ପଞ୍ଚାୟତବାସୀ ଏକତ୍ରୀତ ହୋଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଜନା କରିବେ ବୋଲି ବିଭୁ ପ୍ରସାଦ ରଥ କହିଛନ୍ତି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଅଧ୍ୟକ୍ଷ ହେଲେ ନାଉରୀ ସିଂହ

**କଙ୍କଡ଼ାହାଡ଼,୭।୪(ସମିସ):** ରାଜ୍ୟ ସରକାର ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା କରିଛନ୍ତି । ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ନାଉରୀ ସିଂହଙ୍କ ନାମ ଘୋଷଣା ହୋଇଛି । ଶ୍ରୀ ସିଂହ ହେଉଛନ୍ତି କଙ୍କଡ଼ାହାଡ଼ ବ୍ଲକ୍ ବାମ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମର ବାସିନ୍ଦା । ୨୦୦୨ରେ ଶ୍ରୀ ସିଂହ ବାମ ଗ୍ରାମ ପଞ୍ଚାୟତର ସରପଞ୍ଚ, ୨୦୦୭ ରେ କଙ୍କଡ଼ାହାଡ଼ ଜୋନ-୨ ର ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। କଙ୍କଡ଼ାହାଡ଼ ବ୍ଲକର ଜଣେ ଟାଣୁଆ ଆଦିବାସୀ ନେତା ଭାବେ ବେଶ ପରିଚିତ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା



ଅଧ୍ୟକ୍ଷ ଘୋଷଣା ହେଲା ପରେ ଶ୍ରୀ ସିଂହ କହିଛନ୍ତି ଜିଲ୍ଲାର ବିକାଶ କିଭଳି ହୋଇ ପାରିବ ସେଥିପାଇଁ ସେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ପାଇଁ କହିଛନ୍ତି । ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଘୋଷଣା ହେଲା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ,ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କୁ ଧନ୍ୟବାଦ ଦେଇଛନ୍ତି । ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ସିଂହଙ୍କ ନାମ ଘୋଷଣା ପରେ କଙ୍କଡ଼ାହାଡ଼ ବ୍ଲକ୍‌ରେ ଖୁସିର ଲହରୀ ଖେଳିଯାଇଛି । ଜିଲ୍ଲା ଉପାଧ୍ୟକ୍ଷ ଭାବେ ସେବତୀ ଭୋଇଙ୍କ ନାମ ଘୋଷଣା ହୋଇଛି ।

■ ଗଞ୍ଜେଇ ମାଫିଆଙ୍କ ବିରୋଧରେ ଏନ୍‌ସିବି ଚଢ଼ାଉ

## କୋରାପୁଟରୁ ଜବତ ହେଲା ୬୫୦ କୋଜି ଗଞ୍ଜେଇ

ଭୁବନେଶ୍ୱର, ୭।୪(ସମିସ): ଏନ୍‌ସିବି ହାତରେ ଲାଗିଛି ଏକ ବଡ଼ ଧରଣର ଗଞ୍ଜେଇ ଚାଲାଣ ରାକେଟ୍‌। ଓଡ଼ିଶା ଏବଂ ଆନ୍ଧ୍ର ସୀମାରେ ଥିବା କୋରାପୁଟ ଜିଲ୍ଲାରୁ ୬୫୦ କୋଜି ଗଞ୍ଜେଇ ଜବତ ହୋଇଛି। ଏହା ସହ ଗ୍ୟାଙ୍ଗର ୫ଜଣ ଅଭିଯୁକ୍ତଙ୍କୁ ପ୍ରାରମ୍ଭିକ ରିପୋର୍ଟରୁ ସୂଚନା ମିଳିଛି। ଏକ ପିକପ୍ ଭ୍ୟାନ୍‌ରେ ଅଭିଯୁକ୍ତମାନେ ଆନ୍ଧ୍ର ନେଇଯାଉଥିଲା ବେଳେ ଭୁବନେଶ୍ୱର ଏନ୍‌ସିବି ସେମାନଙ୍କୁ ଗିରଫ କରିଛି।

■ ବୈଧ ପ୍ରମାଣିତ ଭିନ୍ନକ୍ଷମ ପ୍ରମାଣପତ୍ରର ପୁନଃ ଯାଞ୍ଚ ଅନାବଶ୍ୟକ

## ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କଲେ ହାଇକୋର୍ଟ

କଟକ, ୭ ।୪ (ସମିସ): ଜଣେ କର୍ମଚାରୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ ପରେ ଅସଲି ବା ବୈଧ ବୋଲି ପ୍ରମାଣିତ ହେବା ପରେ ତାଙ୍କୁ ପୁନଃ ଡାକ୍ତରୀ ପରୀକ୍ଷା ପାଇଁ କହିବା ଅନାବଶ୍ୟକ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ବିବାଦକୁ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଦାୟର କରାଯାଇଥିବା ଅପିଲକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଯାଞ୍ଚରେ ପ୍ରତିପକ୍ଷ କର୍ମଚାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ପ୍ରମାଣପତ୍ରଟି ସମ୍ପୂର୍ଣ୍ଣ ଭାବେ ଅସଲି ବୋଲି ଜଣାପଡ଼ିଥିଲା। ଯଦି କର୍ମଚାରୀଙ୍କ ପ୍ରଥମ ପ୍ରମାଣପତ୍ରଟି ବୈଧ, ତେବେ ତାଙ୍କୁ ପୁନର୍ବାର ମେଡିକାଲ ଟେଷ୍ଟ ପାଇଁ ପଠାଇବାର କୌଣସି ଯଥାର୍ଥତା ନାହିଁ ବୋଲି କହିଛନ୍ତି ଖଣ୍ଡପୀଠ। ସେହିଭଳି ସରକାରଙ୍କ ପକ୍ଷରୁ ଏହି ଅପିଲ୍ ଦାୟର କରିବାରେ ୧୬୧ ଦିନର ବିଳମ୍ବ ହୋଇଥିଲା ଏବଂ ଏଥିପାଇଁ ଦିଆଯାଇଥିବା ସ୍ପଷ୍ଟୀକରଣକୁ ହାଇକୋର୍ଟ ଗ୍ରହଣ କରିନାହାନ୍ତି। ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ଜ୍ୟୋତିର୍ମୟୀ ନାୟକ ନାମକ ଜଣେ କର୍ମଚାରୀ ନିଜର ଦୃଷ୍ଟିବାଧିତ ପ୍ରମାଣପତ୍ର ଆଧାରରେ ଢେଙ୍କାନାଳ ଜିଲ୍ଲାରେ ୨୦୧୧ ଏପ୍ରିଲ ୧ରେ ଶିକ୍ଷା ସହାୟକ ନିଯୁକ୍ତି ପାଇଥିଲେ। ତେବେ କେତେକଙ୍କ ଅଭିଯୋଗକ୍ରମେ ଦୀର୍ଘ ମାସ ପରେ ତାଙ୍କର ପ୍ରମାଣପତ୍ର ପୁନର୍ବାର ଯାଞ୍ଚ ପାଇଁ କରାଯାଇଥିଲା। ଦୃଷ୍ଟିବାଧିତ ପ୍ରତଶତ ହ୍ରାସ ରିପୋର୍ଟ ଆଧାରରେ ତାଙ୍କୁ ୨୦୧୫ରେ ଚାକିରିରୁ ବରଖାସ୍ତ କରାଯାଇଥିବା ବେଳେ ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଜଣିକିଆ ବିଚାରପତି ତାଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ଏହାକୁ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ପୂର୍ବରୁ ଜଣିକିଆ ବିଚାରପତି ଦେଇଥିବା ନିର୍ଦ୍ଦେଶକୁ ଆଗାମୀ ୮ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଯଦି ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଦ୍ଦେଶ ପାଳନ କରାନଯାଏ, ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇପାରେ ବୋଲି କୋର୍ଟ ସତର୍କ କରାଇଛନ୍ତି।

# ଗ୍ୟାସ୍ କଳାବଜାରୀ; ଗୋଦାମ ସିଲ୍

ଜଗତସିଂହପୁର/ବାଲିକୁଦା, ୭।୪(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ନହରଣା ବଜାର ନିକଟରେ ଥିବା ଭାରତ ଗ୍ୟାସ୍ ଏଜେନ୍ସି ବିରୋଧରେ ଗ୍ୟାସ୍ କଳାବଜାରୀ ଅଭିଯୋଗ ଆସିବାରୁ ବାଲିକୁଦା ତହସିଲ ପ୍ରଶାସନ ଏହି ଏଜେନ୍ସିର ଗୋଦାମକୁ ଆଜି ସିଲ୍ କରିଦେଇଛି। ଆଜି ରାତି ପ୍ରାୟ ୮ଟାରେ ବାଲିକୁଦା ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ପିଙ୍କି ନାଏକ, ଯୋଗାଣ ବିଭାଗ ଅଧିକାରୀ ବିଶ୍ୱଜିତ ମଲ୍ଲିକ, ବନ୍ଦର ସାମୁଦ୍ରିକ ଥାନା ଅଧିକାରୀ ରଘୁନାଥ ଟୁଡ୍ଡୁ, କନିଷ୍ଠ ରାଜସ୍ୱ ସହାୟକ ଆଶିଷ ଗୋଚ୍ଛାୟତ, ରାଜସ୍ୱ ନିରୀକ୍ଷକ ଦୀପ୍ତିରଞ୍ଜନ ମହାରଣା, ଅରୁଣ ଦଳାଇ ପ୍ରମୁଖ ରାତି ପ୍ରାୟ ୮ଟାରେ ଅତର୍କିତ ଚଢ଼ଉ କରି ଅଧିକ ଗ୍ୟାସ୍ ବୋଝେଇ ଟାଙ୍କି ମହଜୁଦ ଥିବା ଦେଖି ଗୋଦାମ ସିଲ କରିଥିଲେ।




ଅତିରିକ୍ତ ତହସିଲଦାର ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି, ଏଜେନ୍ସି ପକ୍ଷରୁ କଳାବଜାରୀ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଆଜି ଗୋଦାମ ବନ୍ଦ ସମୟରେ ଏଜେନ୍ସି ପକ୍ଷରୁ ଗ୍ୟାସ୍ ବୋଝେଇ ଟାଙ୍କି ୭୯ ଗଚ୍ଛିତ ରହିଥିବା ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ଯାଞ୍ଚ ସମୟରେ ଏହାଠାରୁ ୧୫୮ ଅଧିକ ୨୩୭ ଗଚ୍ଛିତ ଥିବା କାରଣରୁ ଏଠାରେ କଳାବଜାରୀ ହେଉଥିବା ସ୍ପଷ୍ଟ ଅନୁଭବ କରି ଗୋଦାମ ସିଲ୍ କରିଛୁ। ଆଜି ଏହାର ପ୍ରାଥମିକ ରିପୋର୍ଟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିବୁ। ଆସନ୍ତାକାଲି ଯୋଗାଣ ବିଭାଗ ପକ୍ଷରୁ ଏସିଏସଓଙ୍କ ସହ ଏକ ଟିମ୍ ପୁନଃ ଏହାର ତଦନ୍ତ କରି ଫାଇନାଲ ରିପୋର୍ଟ ପ୍ରଦାନ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଆଧାରରେ ଯୋଗାଣ ବିଭାଗ ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାନୁଯାୟୀ, ଏହି ଏଜେନ୍ସି ବିରୋଧରେ ଅନେକ ହିତାଧିକାରୀଙ୍କ ଗ୍ୟାସ୍ ବୁକ କରି ସେମାନଙ୍କୁ ପ୍ରଦାନ କରିବା ପରିବର୍ତ୍ତେ ଗ୍ୟାସ୍ ନଥିବା କଥା କହି ରାତି ସମୟରେ ବ୍ୟବସାୟୀ ଅନୁଷ୍ଠାନକୁ ଢେର୍ ଅଧିକ ଦାମରେ ବିକ୍ରି କରି ଅଧିକ ଲାଭବାନ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

# ପରଲୋକରେ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ରବି ସ୍ୱାଇଁ

ପିପିଲି, ୭।୪ (ସମିସ): ପ୍ରସିଦ୍ଧ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ପିପିଲି ଅଞ୍ଚଳର ଜଣାଶୁଣା ଶିଳ୍ପପତି ଏବଂ ସମାଜସେବୀ ରବି ସ୍ୱାଇଁଙ୍କର ମଙ୍ଗଳବାର ଭୋର୍‌ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ଦୀର୍ଘ ଦିନ ହେବ ରବି ଲିଭର୍-ସୋରିସିସ୍ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଆଜି ତାଙ୍କ ମରଶରୀରକୁ ପିପିଲି ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା। ଏକମାତ୍ର ପୁଅ ଇଂ. ଚନ୍ଦ୍ରଗୁପ୍ତ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ରବି ଜଣେ ଚିହ୍ନା ମୁହଁ ଥିଲେ। ସେ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ଜୋର୍ ଯାର୍ ମୂଲକ୍ ତାର୍', ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ 'କି ହେବ ଶୁଆ ପୋଷିଲେ', ଅବତାର ସିଂହଙ୍କ ନିର୍ଦ୍ଦେଶିତ 'ପଞ୍ଜୁରି ଭିତରେ ଶାରୀ' ଏବଂ 'ଉଦଣ୍ଡୀ ସୀତା' ସମେତ ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଏହି ଚଳଚ୍ଚିତ୍ରଗୁଡ଼ିକ ସାରା ଓଡ଼ିଶାରେ ଭୁରିଭୁରି ପ୍ରଶଂସା ସାଉଁଟିଥିଲା। ତାଙ୍କର ସୃଜନଶୀଳ କୃତୀ ଓଡ଼ିଆ ସିନେମା ଇତିହାସରେ ଚିରସ୍ମରଣୀୟ ହୋଇ ରହିବ।

ଚଳଚ୍ଚିତ୍ର ଶିଳ୍ପକୁ ଅବଦାନ ବ୍ୟତୀତ ରବି ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସମାଜସେବୀ ଭାବେ ସୁପରିଚିତ ଥିଲେ। ସେ ପିପିଲିରେ କ୍ଷେତ୍ରମୋହନ ମେମୋରିଆଲ୍ ଟ୍ରଷ୍ଟ, ଓମ୍ ଶାନ୍ତି କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, କ୍ଷେତ୍ରମୋହନ ଆଇଟିସି ଏବଂ ଦୈତାରୀ ଆଇଟିସିର ମୁଖ୍ୟ ପ୍ରତିଷ୍ଠାତା ଥିଲେ। ତାଙ୍କର ଆକସ୍ମିକ ବିୟୋଗ ପରେ ପିପିଲି ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଓ ଶୁଭେଚ୍ଛୁମାନେ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ପିପିଲି ପୌରାଞ୍ଚଳର ଅଧ୍ୟକ୍ଷ ସେକ୍ ବାବୁ, ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟଙ୍କ ସମେତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସିନେପ୍ରେମୀ, ରାଜନୈତିକ ବ୍ୟକ୍ତି, ସାମ୍ବାଦିକ ଦିବାକର ଷଡ଼ଙ୍ଗୀ ତଥା ବହୁ ସାମ୍ବାଦିକ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶୋକବ୍ୟକ୍ତ କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହାଇକୋର୍ଟରେ କାଏମ

କଟକ,୭ ।୪(ସମିସ): ଢେଙ୍କାନାଳ ଜିଲ୍ଲାର ଏକ ବହୁ ଚର୍ଚ୍ଚିତ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ଶରତ ବେହେରାଙ୍କ ତରଫରୁ ଦାୟର ଅପିଲକୁ ଖାରଜ କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଭାସ୍କର ବେହେରାଙ୍କର ଅପିଲ୍ ବିଚାରାଧୀନ ଥିବା ସମୟରେ ମୃତ୍ୟୁ ଘଟିଥିଲା। ଗତ ୨୦୦୦ ମସିହା ଡିସେମ୍ବର ୨୩ରେ ଢେଙ୍କାନାଳ ଜିଲ୍ଲାର ବାଲିମି ଥାନା ଅନ୍ତର୍ଗତ ବଡ଼ମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଥିଲା। ମୃତ ଶରତ ଘଟଣା ଦିନ ରାତି ପ୍ରାୟ ୮ଟା ସମୟରେ ନିଜ ଘରେ ରାତ୍ରି ଭୋଜନ କରୁଥିବା ବେଳେ ଅଭିଯୁକ୍ତ ମାନେ କୁରାଢ଼ି ଓ ଠେଙ୍ଗା ଧରି ତାଙ୍କୁ ଘରୁ ଘୋଷାଡି ବାହାରକୁ ନେଇଯାଇଥିଲେ। ଅଭିଯୁକ୍ତମାନେ ଶରତଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ମୃତକଙ୍କ ପତ୍ନୀ ଏବଂ ପିତା ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ। ଅଭିଯୁକ୍ତମାନେ ପ୍ରତିବାଦ କରିବାରୁ ଶରତଙ୍କ ପିତାଙ୍କୁ ମଧ୍ୟ ଆକ୍ରମଣ କରି ଆହତ କରିଥିଲେ। ହତ୍ୟା ପରେ ଶବକୁ ଲୁଚାଇବା ପାଇଁ ଅଭିଯୁକ୍ତମାନେ ତାହାକୁ ଏକ କୂଅ ଭିତରେ ଫିଙ୍ଗି ଦେଇଥିଲେ। ଶବଟି ଯେପରି ପାଣି ଉପରକୁ ନ ଭାସିବ, ସେଥିପାଇଁ ତାହାକୁ ଏକ ପଥର ସହିତ ରଶିରେ ବାନ୍ଧି ଦିଆଯାଇଥିଲା। ପୁଲିସ ଶବକୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୦୪ ମସିହାରେ ଢେଙ୍କାନାଳ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହା ବିରୋଧରେ ସେମାନେ ହାଇକୋର୍ଟରେ ଅପିଲ କରିଥିଲେ। ସମସ୍ତ ସାକ୍ଷ୍ୟ ଓ ପରିସ୍ଥିତିକୁ ବିଚାର କରି ଏହି ଦଣ୍ଡାଦେଶକୁ ଉଚିତ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି। ଏଥିସହ ପୂର୍ବରୁ ଜାମିନରେ ଥିବା ଅଭିଯୁକ୍ତ ଶରତଙ୍କ ଜାମିନ ରଦ୍ଦ କରିବା ସହ ତାଙ୍କୁ ତୁରନ୍ତ ହେପାଜତକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୁଇ ନାବାଳିକା ସମେତ ୪ଜଣଙ୍କ ସଲିଳ ସମାଧି

ଦିଗପହଣ୍ଡି/ କୁନ୍ଦୁରା, ୭ ।୪(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଦୁଇ ନାବାଳିକାଙ୍କ ସମେତ ୪ ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍‌ରେ ୨ ନାବାଳିକା ଓ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍‌ରେ ୨ଜଣଙ୍କ ସଲିଳ ସମାଧି ହୋଇଛି।

ସୂଚନାନୁଯାୟୀ, ଦିଗପହଣ୍ଡି ବ୍ଲକ୍ କୁଶପଡ଼ା ପଞ୍ଚାୟତ ଅନ୍ତର୍ଗତ ପତାଣ୍ଡ ଗ୍ରାମର ଏସ.ଦୀନବନ୍ଧୁ ଦୋରାଙ୍କ ଏକମାତ୍ର ଝିଅ ଏସ୍. ପ୍ରାଞ୍ଜଳି ଦୋରା (୧୨) ଏବଂ ଏସ୍.ପ୍ରକାଶ ଦୋରାଙ୍କ ଝିଅ ଏସ୍. ମାନିନୀ ଦୋରା (୧୩) ଆଜି ସକାଳେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଅସାବଧାତାବଶତଃ ମାନିନୀ ପ୍ରଥମେ ବୁଡ଼ି ଯାଇଥିଲେ। ଏହା ଦେଖି ପ୍ରାଞ୍ଜଳି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ସେ ବି ବୁଡ଼ି ଯାଇଥିଲେ। ନିକଟରେ ଗାଧୋଇଥିବା କିଛି ବ୍ୟକ୍ତି ପାଣିରୁ ମାନିନୀକୁ ଉଦ୍ଧାର କରିଥିଲେ ମଧ୍ୟ ପ୍ରାଞ୍ଜଳିଙ୍କୁ ଉଦ୍ଧାର କରିପାରି ନଥିଲେ। ଦିଗପହଣ୍ଡି ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ଦୁଇ ଘଣ୍ଟାର ପରିଶ୍ରମ ପରେ ପ୍ରାଞ୍ଜଳିଙ୍କୁ ଉଦ୍ଧାର କରିଥିଲେ। ଦୁହିଁଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି କୁନ୍ଦୁରାରେ ପୃଥକ୍ ପୃଥକ୍ ସ୍ଥାନରେ ପାଣିରେ ବୁଡ଼ି ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଫୁଫୁଗାଁ ପଞ୍ଚାୟତ ଯୁବା ପାତ୍ରପୁଟ ଗାଁର ବଳରାମ ଗୌଡ଼ (୫୦) ଏବଂ ଲିମା ପଞ୍ଚାୟତ ଚାଞ୍ଚରାଗୁଡ଼ା ଗାଁର ରତନି ଭେଜାଗୁଡ଼ିଆ (୮୨)। ଆଜି ସକାଳ ପ୍ରାୟ ୯ଟାରେ ବଳରାମ ଜମିରେ ପାଣି ମଡ଼ାଇବାକୁ ଯାଇଥିଲେ। ମୋଟର ଚଳାଇବା ସମୟରେ ଅସାବଧାନତା ଯୋଗୁଁ କୋଲାବ ନଦୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଦୁଇ ଦିନ ତଳେ ରତନି ଭେଜାଗୁଡ଼ିଆ ରାସନ୍ ଚାଉଳ ଆଣିବାକୁ ଲିମା ପଞ୍ଚାୟତ ସଦରକୁ ଏକୁଟିଆ ଯାଇଥିଲେ। ସେ ଆଉ ଘରକୁ ନ ଫେରିବାରୁ ପରିବାରଲୋକେ ଖୋଜାଖୋଜି କରୁଥିଲେ। କୁରୁଲୁ ନଦୀ ଘାଟରୁ ଆଜି ତାଙ୍କ ଶବ ଭାସୁଥିବା ଅବସ୍ଥାରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାରସ୍ୟ ସଭ୍ୟତାର...

ସେମାନେ ଆମେରିକାକୁ ସମର୍ଥନ କଲେ ସେମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ। ସାମରିକ କେନ୍ଦ୍ର ସହିତ ସେମାନଙ୍କର ତୈଳ ପ୍ରତିଷ୍ଠାନକୁ ମଧ୍ୟ ଧ୍ୱଂସ କରିଦିଆଯିବ। କେବଳ ଏତିକି ନୁହେଁ, ମଧ୍ୟପ୍ରାଚ୍ୟ ବାହାରେ ଆମେରିକା ଏବଂ ଏହାର ସହଯୋଗୀ ଦେଶଙ୍କ ତୈଳ ଓ ଗ୍ୟାସ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଆକ୍ରମଣ କରାଯିବ। ଆଗାମୀ ଦୀର୍ଘ ବର୍ଷ ଧରି ଆମେରିକା ଓ ସହଯୋଗୀ ଦେଶ ତେଲ ଓ ଗ୍ୟାସରୁ ସଂପୂର୍ଣ୍ଣ ରୂପେ ବଞ୍ଚିତ ହେବେ। ଆମେରିକା ଲକ୍ଷ୍ମଣ ରେଖା ଅତିକ୍ରମ କଲେ ଏଭଳି ବିନାଶକୁ କେହି ଅଟକାଇପାରିବେ ନାହିଁ ବୋଲି ଇରାନର ରେଭଲୁସନାରୀ ଗାର୍ଡ କର୍ପ ପକ୍ଷରୁ ଚେତାବନୀ ଦିଆଯାଇଛି।

ଇତିମଧ୍ୟରେ ଇରାନ ସମର୍ଥନରେ ପଦାକୁ ଆସିଛନ୍ତି ରୁଷ ଓ ଚୀନ। ହର୍ମୁଜ ସମୁଦ୍ରପଥ ଖୋଲିବା ଲାଗି ଇରାନକୁ ନିର୍ଦ୍ଦେଶ ଦେଇ ଜାତିସଂଘ ନିରାପତ୍ତା ପରିଷଦରେ ଆଗତ ଏକ ପ୍ରସ୍ତାବ ବିରୋଧରେ ଭିଟୋ ପ୍ରୟୋଗ କରି ଏହାକୁ ଅକାମୀ କରିଦେଇଛନ୍ତି। ବାହାରୀନ ଆଣିଥିବା ଏହି ପ୍ରସ୍ତାବକୁ ଆମେରିକା ଓ ବ୍ରିଟେନ ସମର୍ଥନ କରିଥିଲେ। ମତଦାନ ବେଳେ ପାକିସ୍ତାନ ଅନୁପସ୍ଥିତ ରହିଥିଲା।

ଅନ୍ୟପକ୍ଷରେ ଟ୍ରମ୍ପ ଧମକ ଦେବା ପୂର୍ବରୁ ଆମେରିକା ଓ ଇସ୍ରାଏଲର ଲଢୁଆ ବିମାନ ଆଜି ଖର୍ଗ ଦୀପରେ ପ୍ରଚଣ୍ଡ ବୋମାମାଡ଼ କରିଛନ୍ତି। ଇରାନର ଷ୍ଟ୍ରାଟେଜିକ୍ ତେଲ ହବ୍ କୁହାଯାଉଥିବା ଏହି ଦୀପର ୫୦ଟି ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଛି ଆମେରିକା। ଏହାସହିତ ଦୀପର ଏକ ପୋଲକୁ ମଧ୍ୟ ଆକ୍ରମଣ କରି ଧ୍ୱଂସ କରିଦେଇଛି। ଅନ୍ୟପକ୍ଷରେ ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଓ ଆମେରିକାର ଯୁଦ୍ଧ ବିମାନ ଆଜି ଇରାନର ବିଭିନ୍ନ ସ୍ଥାନରେ ଥିବା ରେଳ ବ୍ରିଜ୍ ଏବଂ ସଡ଼କ ପଥକୁ ଆକ୍ରମଣ କରି ଉଡ଼ାଇ ଦେଇଛନ୍ତି। ଏସଂପର୍କରେ ଇରାନ ପକ୍ଷରୁ କୁହାଯାଇଛି ଯେ ଶତ୍ରୁ ପକ୍ଷ ଏହାର ଭିତ୍ତିଭୂମି ଉପରେ ଆକ୍ରମଣ କରିଛନ୍ତି। ପଡ଼ୋଶୀ ଦେଶରେ ଥିବା ଭିତ୍ତିଭୂମି ଉପରେ ମଧ୍ୟ ଇରାନ ପାଲଟା ଆକ୍ରମଣ କରିବ। ଇରାନର ରେଭଲୁସନାରୀ ଗାର୍ଡ କର୍ପର ମୁଖପାତ୍ର କହିଛନ୍ତି ଯେ ପଡ଼ୋଶୀ ଦେଶମାନଙ୍କ ସହିତ ସୁସଂପର୍କ ପାଇଁ ଇରାନ ବର୍ତ୍ତମାନ ସୁଦ୍ଧା ସଂଯମ ରକ୍ଷା କରୁଥିଲା ଏବଂ ବ୍ୟାପକ କ୍ଷତିକୁ ଏଡ଼ାଇବା ଲାଗି ବିଭିନ୍ନ ପ୍ରତିଷ୍ଠାନକୁ ଟାର୍ଗେଟ କରୁଥିଲା। କିନ୍ତୁ ସେମାନେ ଯେଉଁଭଳି ଆମେରିକାକୁ ସହଯୋଗ କରୁଛନ୍ତି, ତାହା ଆଉ ଗ୍ରହଣଯୋଗ୍ୟ ନୁହେଁ। ଇରାନ ଏବେ ବିନା ବାଛବିଚାରରେ ସେମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିବାକୁ ପଛାଇବ ନାହିଁ।

ସୂଚନାଯୋଗ୍ୟ ଯେ ତୁର୍କି, ପାକିସ୍ତାନ ଓ ଇଜିପ୍ଟ ପକ୍ଷରୁ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧବିରତି ପାଇଁ: ଉଦ୍ୟମ ଚଳାଇଛନ୍ତି। ସେମାନେ ୪୫ ଦିନ ପାଇଁ ବିରତି ଲାଗି ପ୍ରସ୍ତାବ ଦେଇଥିବା ବେଳେ ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଏସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଇରାନ ଯୁଦ୍ଧରେ ଆମେରିକା ଏହାର ଲକ୍ଷ୍ୟ ହସଲ କରିସାରିଛି। ଏବେ ତେହେରାନ ଚାହିଁଲେ ଯୁଦ୍ଧର ଅନ୍ତ ଘଟିବ।

## ଖରିଫରେ ମିଳିବନି...

କରିସାରିଛନ୍ତି। କତାରରୁ ଯୋଗାଣ ବନ୍ଦ ହେବା ପରେ କିଛି ୟୁରିଆ ପ୍ଲାଣ୍ଟ କ୍ଷମତାଠାରୁ କମ୍ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ଚୀନ୍ ପରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ ସାର ଉପଭୋକ୍ତା। ଭାରତ ନିଜ ଆବଶ୍ୟକତାର ୨୦% ରୁ ୩୦% ୟୁରିଆ ଏବଂ ପ୍ରାୟ ୫୦% ଏଲ୍‌ଏନ୍‌ଜି ଉପସାଗରୀୟ ଅଞ୍ଚଳରୁ ହିଁ ଆମଦାନୀ କରିଥାଏ। ବର୍ତ୍ତମାନ ଯୁଦ୍ଧ କାରଣରୁ ହରମୁଜ୍ ଦେଇ ବାଣିଜ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ନିଜ ଦେଶର ଚାହିଦା ମେଣ୍ଟାଇବା ପାଇଁ ଚୀନ୍ ସାର ଏବଂ ବାୟୋଷ୍ଟିମୁଲାଣ୍ଟ ରପ୍ତାନିକୁ ବନ୍ଦ କରିବା ବିକଳ୍ପ ଯୋଗାଣ ପଥକୁ ମଧ୍ୟ ରୁଦ୍ଧ କରିଛି।

ଅପରପକ୍ଷେ ଶିଳ୍ପ ବିଶେଷଜ୍ଞମାନେ ବର୍ତ୍ତମାନର ସ୍ଥିତିକୁ ନେଇ ସତର୍କ କରାଇଛନ୍ତି। କମ୍ପାନୀଗୁଡ଼ିକ ପାଖରେ କେବଳ ୩୦ ରୁ ୪୫ ଦିନର ସାର ଷ୍ଟକ୍ ରହିଛି। ସାମୟିକ ଭାବେ ଅଭାବ ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ଷ୍ଟକ୍ ଥିଲେ ମଧ୍ୟ ପ୍ରକୃତ ବିପଦ ହେଉଛି ବିଶ୍ୱ ବଜାରରେ ଦେଖାଦେଇଥିବା ମୂଲ୍ୟକୁ ନେଇ ଅସ୍ଥିରତା। ଯଦି ଏହି ଯୁଦ୍ଧ ଲମ୍ବା ସମୟ ଧରି ଚାଲେ, ତେବେ କୃଷକଙ୍କ ପାଇଁ ଚାଷ ଖର୍ଚ୍ଚ ଆହୁରି ବୃଦ୍ଧି ପାଇବ, ଯାହା ଶେଷରେ ସାଧାରଣ ଲୋକଙ୍କ ଉପରେ ଖାଦ୍ୟ ମୁଦ୍ରାସ୍ଫୀତିର ବୋଝ ପକାଇ ବଜାର ମହଙ୍ଗା କରିବ। ଅପରପକ୍ଷେ ବଜାରରେ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ସାର ମୂଲ୍ୟ ବୃଦ୍ଧି ପାଇପାରେ, ଯାହା ଭବିଷ୍ୟତରେ ଚାଷ ଖର୍ଚ୍ଚ ବୃଦ୍ଧି କରିବ। ଯଦି ୟୁରିଆ ଏବଂ ଆମୋନିଆ ଉତ୍ପାଦନ ବନ୍ଦ ହୋଇଯାଏ, ତେବେ ଏହା ସିଧାସଳଖ ଭାରତର ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ଅର୍ଥନୀତିକୁ ପ୍ରଭାବିତ କରିବ ବୋଲି ଶିଳ୍ପ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ବିଚ୍ ରାସ୍ତାରେ...

ସୂଚନା ମୁତାବକ, ସୌମ୍ୟ ଯାଜପୁର ସହରର ଶୀତଳେଶ୍ୱର ଛକରେ ଏକ ଚିକେନ୍ ଦୋକାନ କରିଥିଲେ। ସୌମ୍ୟଙ୍କ ଘର କୁଆଁସରପୁର ଅଞ୍ଚଳରେ। କିନ୍ତୁ ସେ ପତ୍ନୀଙ୍କ ସହ କାଳିମେଘା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ଗତରାତିରେ ଦୋକାନ ବନ୍ଦ କରି ସେ ଘରକୁ ଫେରୁଥିବା ବେଳେ କାଳିମେଘା ନିକଟରେ ଗୋଟିଏ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି କରି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସୌମ୍ୟଙ୍କ ଶଳା ଓମ୍‌ପ୍ରକାଶ ବେହେରା ଯାଜପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ କଟକ ବଡ଼ ଡାକ୍ତରଖାନାରୁ ସୌମ୍ୟଙ୍କ ମୃତଦେହ ଘରକୁ ଆସିବା ପରେ ଏକ ନୂଆ ବିବାଦ ଦେଖିବାକୁ ମିଳିଥିଲା। ସୌମ୍ୟଙ୍କ ହତ୍ୟା ପଛରେ ତାଙ୍କ ପତ୍ନୀଙ୍କ ହାତ ରହିଥିବା ସୌମ୍ୟଙ୍କ ମା' ଅଭିଯୋଗ କରିଛନ୍ତି। ଏପରିକି, ସୌମ୍ୟଙ୍କ ଶବକୁ ଛୁଇଁବାକୁ ଦେଇନଥିଲେ। ମା'ଙ୍କ କହିବା କଥା, ବର୍ଷକ ତଳେ ଦୁହେଁ ପ୍ରେମ ବିବାହ କରିଥିଲେ ହେଁ ଉଭୟଙ୍କ ମଧ୍ୟରେ ସଂପର୍କ ଭଲ ନଥିଲା। ଏଥିପାଇଁ ମୋ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେପଟେ, ସୌମ୍ୟଙ୍କ ପତ୍ନୀ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୁଲିସ ହତ୍ୟାକାଣ୍ଡ ସଂପର୍କରେ ଏ ପର୍ଯ୍ୟନ୍ତ କୌଣସି ସୁରାକ ପାଇପାରିନାହିଁ। ସୌମ୍ୟଙ୍କ ମା'ଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି ବୋଲି କହିବା ସହିତ ଖୁବ୍‌ଶୀଘ୍ର ଅପରାଧୀ ନିକଟରେ ପୁଲିସ ପହଞ୍ଚିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ୮ ବର୍ଷ ପରେ...

ପଚରାଉଚରା ପାଇଁ ପୁଲିସ ସରୋଜଙ୍କୁ ଥାନାକୁ ଆଣିଥିଲା। ମାତ୍ର ଅଭିଯୋଗ ଅନୁଯାୟୀ, ଥାନା ଭିତରେ ସେତେବେଳେ କାର୍ଯ୍ୟରତ ପୁଲିସ କର୍ମଚାରୀମାନେ ତାଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦେଇଥିଲେ। ଏଥିରେ ସରୋଜଙ୍କର ପୁଲିସ ହାଜତରେ ହିଁ ମୃତ୍ୟୁ ଘଟିଥିଲା। ଏହି ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିସନ୍ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା।

ମାମଲାର ତଦନ୍ତ କରି ଏନ୍‌ଏଚ୍‌ଆର୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନରସିଂହପୁର ଥାନା ପୁଲିସ ଆଜି ଏହି ମାମଲାରେ ଭଗବାନ ସାହୁ (ଅବସରପ୍ରାପ୍ତ ଏଏସ୍‌ଆଇ), ପ୍ରମୋଦ କୁମାର ପାତ୍ର (ଅବସରପ୍ରାପ୍ତ ହାବିଲଦାର), ଯୋଗୀନାଥ ନାୟକ (ହୋମଗାର୍ଡ), ଭିକାରୀ ନାୟକ (ହୋମ ଗାର୍ଡ), ଭ୍ରମର ରଣା (ହୋମ୍ ଗାର୍ଡ), ମହେଶ୍ୱର ଦେବତା (ହୋମ୍ ଗାର୍ଡ)ଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଥାନାରେ କେସ ନମ୍ବର ୧୩୦/୧୬ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ବିଭିନ୍ନ ସଙ୍ଗୀନ ଧାରା ଯଥା ୪୪୮ (ବେଆଇନ ଗୃହ ପ୍ରବେଶ), ୩୪୨ (ବେଆଇନ ଅଟକ), ୩୪୧, ୩୨୩ (ଆଘାତ), ୫୦୬ (ଧମକ), ୩୦୨ (ହତ୍ୟା) ଏବଂ ୩୪ ଅନୁଯାୟୀ ମାମଲା ହୋଇଥିଲା। ତତ୍କାଳୀନ ପୁଲିସ ଅଧିକାରୀ ନିରଞ୍ଜନ ଶବର ଏହି ମାମଲାର ପରିଚାଳନା କରିଥିଲେ। ଦୀର୍ଘବର୍ଷର ଆଇନଗତ ଲଢ଼େଇ ପରେ ଶେଷରେ ପୁଲିସ ପୋଷାକରେ ରହି ଅପରାଧ କରିଥିବା ବ୍ୟକ୍ତିଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଏହି ରାୟ ଏବଂ କାର୍ଯ୍ୟାନୁଷ୍ଠାନ ପରେ ପୁଲିସ ବିଭାଗରେ ହଟଚମଟ ସୃଷ୍ଟି ହୋଇଛି।

## କଣ୍ଟାମାଳ ଗାଁରେ...

ଭାବେ ପଥର ଫିଙ୍ଗି ଓ ଲାଠି ସହ ଆକ୍ରମଣ କରିଥିଲେ। ଆକ୍ରମଣରେ ଅତିରିକ୍ତ ଏସପି, ଏସଡିପିଓ, କାଶୀପୁର ଥାନା ଅଧିକାରୀ, ଅତିରିକ୍ତ ଥାନା ଅଧିକାରୀ, ଅଣ୍ଡିରାକଞ୍ଚ ଥାନା ଅଧିକାରୀଙ୍କ ସମେତ ୫୮ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ତେବେ ପୁଲିସର ଏଭଳି କଥାକୁ ଖଣ୍ଡନ କରିଛନ୍ତି ପରିବେଶବିତ୍ ପ୍ରଫୁଲ ସାମନ୍ତରା । ସେ କହିଛନ୍ତି ଯେ ରାତି ୨ଟାରୁ ୩ଟା ମଧ୍ୟରେ ପୁଲିସ ଫୋର୍ସ କଣ୍ଟାମାଳ ଗ୍ରାମରେ ଦମନଲୀଳା ଚଳାଇଥିଲା। ଲୋକଙ୍କ ଘର ସାମ୍ନା କବାଟକୁ ବନ୍ଦ କରି ବ୍ଲାକ୍ ଫାୟାର କରି ସେମାନଙ୍କୁ ଭୟଭୀତ କରିଥିଲା। ନିଦରୁ ଉଠି ଲୋକମାନେ ଘର ଭିତରେ ପାଟିତୁଣ୍ଡ କରିଥିଲେ ଓ ପଛ ଦ୍ୱାର ଦେଇ ବାହାରିଥିବା ଲୋକଙ୍କୁ ପୁଲିସ ଲାଠି ମାଡ଼ କରିଥିଲା। ଏଭଳି ସୀମାପାର ଦମନ ପାଇଁ ଦାୟୀ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମାନବିକ ଅଧିକାର, ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ନେତୃମଣ୍ଡଳୀ ସିଜିମାଳି ଗସ୍ତ କରି ସତ୍ୟର ଅନୁସନ୍ଧାନ କରିଥିବା ସେ ଦାବି କରିଛନ୍ତି।

ପୁଲିସ ଆକ୍ରମଣରେ ଅନୀ ମାଝି, ନାରିଙ୍ଗଦେଇ ମାଝି, ଲାଲି ମାଝି, କୁମୁଟି ମାଝି, ବାମଣି ମାଝି, ବୁରସା ମାଝି, ନିଙ୍ଗି ମାଝି, ଅଗାଧ ନାଏକ, ରାମଚନ୍ଦ୍ର ନାଏକଙ୍କ ସମେତ ଗ୍ରାମର ଅନେକ ଲୋକ ଆହତ ହୋଇଥିବା କୁହାଯାଉଥିବାବେଳେ ଆହତ ହୋମଗାର୍ଡ ସରୋଜିନି ଗରଡିଆ, କନଷ୍ଟେବଳ ନଳିନୀ ତାଡିଙ୍ଗି, କନେଷ୍ଟବଳ ତୁଷାରକାନ୍ତ ମହାପାତ୍ର ଓ କନେଷ୍ଟବଳ ଅର୍ଚ୍ଚନା ଟପୋଙ୍କୁ ବିଶାଖାପାଟଣାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ଆଜି ସକାଳେ ଦକ୍ଷିଣାପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହାତ ପୋଲିସ କର୍ମଚାରୀମାନଙ୍କୁ ଭେଟି ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରିବୁଝିଥିଲେ।

## ଦୁର୍ଘଟଣା ନେଲା...

ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ଅପରପକ୍ଷେ, କୋରାପୁଟ ଜିଲ୍ଲା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବୋରିଗୁମ୍ମା-ନବରଙ୍ଗପୁର ରାସ୍ତାର ପର୍ଲି ନିକଟରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ବୋରିଗୁମ୍ମା ଏନ୍‌ଏସି ଅନ୍ତର୍ଗତ ଡାଲାଗୁଡ଼ାର କମଳଲୋଚନ ଗୌଡ଼ ଓ ରଇନୁ ଭୂମିଆ। ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ବୋରିଗୁମ୍ମାରୁ ନବରଙ୍ଗପୁର ଅଭିମୁଖେ ଯାଉଥିବା ଏକ ବୋଲେରୋ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ବାଇକ୍‌ରେ ବସିଥିବା କମଳଲୋଚନ ଓ ରଇନୁଙ୍କ ମୃତ୍ୟୁ ଘଟିଥିଲା।

## ଆଣ୍ଟେଇଲା ମନରେଗା...

ଆରମ୍ଭ କରି ଅନେକ ବିଭାଗ ବ୍ୟୟ କରିବା ସହ ଶ୍ରମ ଦିବସ ସୃଷ୍ଟି କରାଉଥିଲେ। ୨୦୨୨-୨୩ ମସିହାରେ ୪,୭୬୬ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ୨୦୨୩-୨୪ ମସିହାରେ ୪,୯୪୨ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟହୋଇଥିଲା। କିନ୍ତୁ ବିଜେପି ସରକାର ଆସିବା ପରେ ମନରେଗା ଅର୍ଥ ବ୍ୟୟ ଆଶାତିତ ଭାବେ ହ୍ରାସ ଘଟିଛି। ୨୦୨୪-୨୫ ମସିହାରେ ମନରେଗାରେ ୩,୭୯୨ କୋଟି ଟଙ୍କା ବ୍ୟୟ ହୋଇଛି ଓ ୨୦୨୫-୨୬ ମସିହାରେ ଏହା ଆହୁରି ହ୍ରାସ ପାଇ ୩,୨୧୯ କୋଟି ୧୬ ଲକ୍ଷ ଟଙ୍କାରେ ପହଞ୍ଚିଛି। ପଞ୍ଚାୟତ ବିକାଶ ପାଇଁ ମନରେଗା ପାଣ୍ଠି ବେଶ ଗୁରୁତ୍ୱ ବହନ କରୁଥିଲା। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଡବଲ ଇଞ୍ଜିନ ଦ୍ୱାରା ଗ୍ରାମାଞ୍ଚଳ ବିକାଶ ଡବଲ ହେବା ପରିବର୍ତ୍ତେ ଅଧାକୁ ହ୍ରାସ ଘଟିବା ଓଡିଶା ବିକାଶକୁ ନିମ୍ନଗାମୀ କରିଥିବା ଆଲୋଚନା ହେଉଛି । ସେହି କ୍ରମରେ ନୟାଗଡ ଜିଲ୍ଲାରେ ମଧ୍ୟ ମନରେଗା ପାଣ୍ଠି ବ୍ୟୟ ଅନେକ ହ୍ରାସ ଘଟିଥିବା ଦେଖାଯାଇଛି । ନୟାଗଡ ଜିଲ୍ଲାରେ ୨୦୨୧-୨୨ ମସିହାରେ ୧୨୬ କୋଟି ୭୦ ଲକ୍ଷ ବ୍ୟୟ କରାଯାଇଥିବା ବେଳେ ୨୦୨୨-୨୩ ମସିହାରେ ୮୮ କୋଟି ୬୫ ଲକ୍ଷ, ୨୦୨୩-୨୪ ମସିହାରେ ୧୦୬ କୋଟି ୭ ଲକ୍ଷ, ୨୦୨୪-୨୫ ମସିହାରେ ୮୮ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଗତ ଆର୍ଥିକ ବର୍ଷ ତଥା ୨୦୨୫-୨୬ ମସିହାରେ ଏହା ଅନେକ ହ୍ରାସ ଘଟି ୫୯ କୋଟି ୫୯ ଲକ୍ଷ ବ୍ୟୟ ହୋଇଥିବା ସୂଚନା ମିଳିଛି ।

## ଜିଆର୍‌ଏସ୍ ନିଯୁକ୍ତିରେ...

ପଞ୍ଚାୟତିରାଜ ବିଭାଗ ଆକାଉଣ୍ଟାଣ୍ଟ କମ୍ ଡିଇଓ ଭାବେ ନିଯୁକ୍ତି କରିଥିଲେ । ନୟାଗଡ ଜିଲ୍ଲାର ୧୯୪ ପଞ୍ଚାୟତ ମଧ୍ୟରୁ ୧୫୦ରୁ ଉର୍ଦ୍ଧ୍ୱ ଜିଆର୍‌ଏସ୍ ପଦବୀ ଖାଲି ହୋଇଥିଲା । ଯାହାକୁ ନେଇ ୨୦୨୪ ମସିହା ଅଗଷ୍ଟ ମାସ ୨୦ ତାରିଖରେ ୧୦୨ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିମଧ୍ୟରେ ଅଣସଂରକ୍ଷିତ ୫୨ଟି ପଦବୀ ରହିଥିବା ବେଳେ ୧୯ଟି ଏସସି, ୨୬ଟି ଏସ୍ଟିଙ୍କ ପାଇଁ ସଂରକ୍ଷିତ ରହିଥିଲା । ୧୦୨ ପଦବୀ ପାଇଁ ୫ ହଜାର ୬୧୨ ଜଣ ପ୍ରାର୍ଥୀ ଆବେଦନ କରିଥିଲେ । ଉକ୍ତ ଆବେଦନ ଗୁଡିକୁ ବିଚାର କରି ଜିଲ୍ଲା ପରିଷଦ ପକ୍ଷରୁ ଅଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା । ଯୋଗ୍ୟ ତାଲିକାକୁ ଧରି ନୟାଗଡ ଜିଲ୍ଲା ପରିଷଦ ଦୁଇ ବର୍ଷ ହେବ ବସିଥିବା ବେଳେ ନିଯୁକ୍ତି ନ କରିବା ପାଇଁ ସରକାରଙ୍କ ଅଘୋଷିତ ଚାପ ରହିଥିବା ବାରମ୍ବାର ଆଶାୟୀଙ୍କୁ କୁହାଯାଉଛି । ସେହିପରି ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪୦୦ ଶହରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଜିଆର୍‌ଏସ୍ ପଦବୀ ଖାଲି ପଡିଥିବା ଜଣାପଡିଛି। କେତେକ ଜିଲ୍ଲାରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇ ଆବେଦନ ହୋଇଥିଲେ ମଧ୍ୟ ତାହାକୁ ଚୂଡାନ୍ତ ରୂପ ଦିଆଯାଉନାହିଁ । ଫଳରେ ମନରେଗା ପାଣ୍ଠି ବ୍ୟୟ ଆଶାତିତ ହ୍ରାସ ଘଟିଛି । ପୁନଶ୍ଚ ରାଜ୍ୟ ସରକାର ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଜିଆର୍‌ଏସ୍‌ଙ୍କୁ ଏଡିଇଓ ଭାବେ ନିୟମିତ ନିଯୁକ୍ତି ଦେଇଥିବା ବେଳେ ବ୍ଲକରେ କାର୍ଯ୍ୟରତ ଏପିଓ(ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ) ମାନଙ୍କୁ ନିୟମିତ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି ।

## ନନ୍ଦନକାନନରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ

ବାରଙ୍ଗ, ୭।୪(ସମିସ): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭିତ୍ତିଭୂମି ଓ ପରିଚାଳନାଗତ ବ୍ୟବସ୍ଥାର ଅନୁଧ୍ୟାନ କରିବା ପାଇଁ ମଙ୍ଗଳବାର କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ)ଙ୍କ ଏକ ଦୁଇ ଜଣିଆ ଟିମ୍ ପହଞ୍ଚିଛନ୍ତି। ଅବସରପ୍ରାପ୍ତ ଭେଟେନାରୀ ଅଫିସର ଡ. ଜାକବ ଆଲେକଜାଣ୍ଡାର ଏବଂ ଅବସରପ୍ରାପ୍ତ ଆଇଏଫଏସ କଣ୍ଡଲ ରାଓଙ୍କୁ ନେଇ ଗଠିତ ଏହି ଦଳ ତିନି ଦିନ ଧରି ନନ୍ଦନକାନନର ବିଭିନ୍ନ କାର୍ଯ୍ୟର ମୂଲ୍ୟାୟନ କରିବେ। ଗସ୍ତର ପ୍ରଥମ ଦିନରେ ଏହି ଟିମ୍ ଜୀବଜନ୍ତୁଙ୍କ ବିଭିନ୍ନ ଖୁଆଡ଼ ବୁଲି ଦେଖିବା ସହ ପରିସରର ସଫାସୁତରା ବ୍ୟବସ୍ଥା ପରଖିଥିଲେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନୀତି ନିୟମଗୁଡ଼ିକୁ ନନ୍ଦନକାନନ କର୍ତ୍ତୃପକ୍ଷ କିଭଳି ଅନୁପାଳନ କରୁଛନ୍ତି, ତାହାକୁ ଏହି ଦଳ ତନ ତନ କରି ଯାଞ୍ଚ କରିବେ। ବିଶେଷ କରି ଜଳ ଯୋଗାଣ, ଜୀବଜନ୍ତୁଙ୍କ ସୁରକ୍ଷା, ଖୁଆଡ଼ ନିର୍ମାଣ, ଚିକିତ୍ସା ବ୍ୟବସ୍ଥା, ବନ୍ଦୀକାପ୍ତା ପ୍ରଜନନ କେନ୍ଦ୍ର, ଫିଡର ଫାର୍ମ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଥିବା ସୁବିଧା ସୁଯୋଗର ଅନୁଧ୍ୟାନ କରାଯିବ। ନିୟମାନୁସାରେ ପ୍ରତି ୩ ବର୍ଷରେ ଥରେ ଏହି ମୂଲ୍ୟାୟନ କରାଯାଇଥାଏ ଏବଂ ଏହି ତର୍ଜମା ଅନୁଯାୟୀ ଚିଡ଼ିଆଖାନାକୁ ଏ, ବି, ସି କିମ୍ବା ଡି ଶ୍ରେଣୀରେ ବିଭକ୍ତ କରାଯାଏ। ଆବଶ୍ୟକ ସ୍ଥଳେ ଏହି ଦଳର ଗସ୍ତ ସମୟ ତିନି ଦିନ ପରିବର୍ତ୍ତେ ଚାରି ଦିନକୁ ବୃଦ୍ଧି ହୋଇପାରେ ବୋଲି ସୂଚନା ମିଳିଛି। ଅନୁଧ୍ୟାନ ସମୟରେ ନନ୍ଦନକାନନର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ତଥ୍ୟ ପ୍ରଦାନ କରିଥିଲେ।

## ଚବେରି ନଦୀରେ ମାଛ ମଡ଼କ

ପୋଡ଼ାଗଡ଼, ୭।୪(ସମିସ): କୋରାପୁଟ-ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ବଙ୍ଗଳା ଗୁଡା ଓ ଲେନ୍ଦ୍ରୀମାଳି ଗୁଡ଼ା ମଝିରେ ଥିବା ଚବେରି ନଦୀରେ ହଜାର ହଜାର ସଂଖ୍ୟାରେ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ଦିନ ପ୍ରାୟ ୧୨ଟାରେ ନଦୀପାଣି ଅଧା ଲାଲ ଓ ହଳଦିଆ ହୋଇ ଯାଇଥିଲା। ପାଣିର ଏପରି ରଙ୍ଗ ବଦଳିବା ଦେଖି ସ୍ଥାନୀୟ ବାସିନ୍ଦା ନଦୀକୁ ଯାଇଥିଲେ। ଉପର ମୁଣ୍ଡରେ ବର୍ଷା ହେବାରୁ ହୁଏତ ଏ ପ୍ରକାର ହେଇଥାଇପାରେ ବୋଲି ଲୋକେ ସନ୍ଦେହ କରିଥିଲେ। କିନ୍ତୁ, କିଛି ସମୟ ପରେ ନଦୀରେ ଥିବା ମାଛ ଛଟପଟ ହୋଇ ମରିଯାଉଥିବା ଦେଖି ଲୋକେ ଚକିତ ହୋଇଥିଲେ। ମାଛ ମରିବା ଦେଖି ନିକଟ ବଙ୍ଗଳା ଗୁଡା ଓ ଲେନ୍ଦ୍ରୀମାଳି ଗୁଡ଼ା ଗ୍ରାମର ବହୁ ଲୋକ ନଦୀରେ କୂଳରେ ଏକଜୁଟ ହୋଇଥିଲେ। ଲେନ୍ଦ୍ରିମାଳି ଗୁଡା ଗ୍ରାମରେ ବସବାସ କରୁଥିବା ଆଦିବାସୀମାନେ ଉକ୍ତ ମାଛକୁ ଗୋଟାଇବାରେ ଲାଗି ପଡ଼ିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବ। ଧର୍ମକର୍ମ ପ୍ରତି ମନ ବଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିପାରନ୍ତି।

**ବୃଷ:** ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଅଟକି ଥିବା ଧନ ମିଳିପାରେ। ଭାଇ ଭାଇଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ। ଅତିଥି ସତ୍କାର କରିପାରନ୍ତି।

**ମିଥୁନ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ସକାରାତ୍ମକ ଚିନ୍ତାଧାରାରୁ ଦିନ ଆରମ୍ଭ କରନ୍ତୁ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି।

**ସିଂହ:** ଘରୋଇ ସମସ୍ୟାର ସମାଧାନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଦାନ ଧର୍ମ କରନ୍ତୁ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ରାଜନୀତିରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନକାରାତ୍ମକ ଚିନ୍ତାଧାରା ଛାଡ଼ନ୍ତୁ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ। ଉଧାର ଟଙ୍କା ଫେରିପାଇବେ।

**ବିଛା:** ନିଜ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଯୋଜନା ମୁତାବକ କାମ କରନ୍ତୁ। କର୍ମଚଞ୍ଚଳ ରହିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦୀର୍ଘ ଦିନର ଆଶା ପୂରଣ ହେବ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ଭାବିଚିନ୍ତି କଥା କୁହନ୍ତୁ। ରାଜନେତାଙ୍କ ପାଇଁ ଦିନଟି ଭଲ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ଅଚାନକ ଖର୍ଚ୍ଚ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ । ମାନସିକ ଶାନ୍ତି ପାଇଁ ଯୋଗ ବା ପ୍ରାଣାୟମ କରନ୍ତୁ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୫୭- ମଙ୍ଗଲ ପାଣ୍ଡେଙ୍କୁ ଫାଶୀ ଦିଆଯାଇଥିଲା।
- ୧୮୯୪- ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ଦେହାନ୍ତ।
- ୧୯୫୦-ଭାରତ-ପାକିସ୍ତାନ ମଧ୍ୟରେ ଲିଆକତ-ନେହରୁ ବୁଝାମଣା।
- ୧୯୭୩-ସ୍ପେନ୍‌ର ପ୍ରସିଦ୍ଧ ଚିତ୍ରକର ପାବଲୋ ପିକାସୋଙ୍କ ବିୟୋଗ।
- ୨୦୧୩- ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ପରଲୋକ।



## କାଉ ପାଲଟିଲେ ସଫେଇକର୍ମୀ

ରାସ୍ତାଘାଟର ଅଳିଆ, ଆବର୍ଜନା ପରିବେଶ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏଥିପାଇଁ ନିୟମିତ ସଫେଇ କର୍ମଚାରୀମାନେ ଏହାକୁ ସଫା କରିଥାନ୍ତି। ପରିବେଶ ତଥା ରାସ୍ତାଘାଟକୁ ସଫାସୁତୁରା ରଖିବା ଉଦ୍ଦେଶ୍ୟରେ ସ୍ୱିଡେନର ସୋଡର୍ଟେଲଜେ ସହରରେ ଏବେ କାଉଗୁଡ଼ିକୁ ସଫେଇ କର୍ମଚାରୀ ଭାବେ ତାଲିମ ଦିଆଯାଉଛି। ଏହି ପୂରା ପ୍ରକ୍ରିୟା 'କୋର୍ଭିଡ୍ କ୍ଲିନିଂ' ନାମକ ଏକ ଷ୍ଟାର୍ଟଅପ୍ ଯୋଗୁଁ ସମ୍ଭବ ହୋଇପାରିଛି। ଏହି ଷ୍ଟାର୍ଟଅପ୍ ଏପରି ଏକ ମେସିନ୍ ତିଆରି କରିଛି ଯାହା କାଉଙ୍କ ମନସ୍ତତ୍ତ୍ୱ ଉପରେ କାମ କରେ। ଏଥିରେ କାଉଗୁଡ଼ିକୁ ସଡ଼କରେ ଥିବା ଡଷ୍ଟବିନ୍‌ରେ ସିଗାରେଟ୍ ଟୁକୁଡ଼ା ପକାଇବା ପାଇଁ ତାଲିମ ଦିଆଯାଉଛି। ସେହିଭଳି ଏହି କାର୍ଯ୍ୟ ସୁଚାରୁରୂପେ କରୁଥିବା କାଉକୁ ପୁରସ୍କାରସ୍ୱରୂପ ବାଦାମ ଖାଇବାକୁ ଦିଆଯାଏ। ଏହି ଡଷ୍ଟବିନ୍‌ଗୁଡ଼ିକୁ ଏମିତି ଭାବେ ଡିଜାଇନ୍ କରାଯାଇଛି କାଉ ସିଗାରେଟ୍ ଅଂଶ ପକାଇବା ମାତ୍ରେ ସେଥିରୁ ବାଦାମ ଆପେଆପେ ବାହାରି ଆସେ। ସେହିଭଳି ଯଦି କାଉଟି ପଥର କି ଅନ୍ୟ କିଛି ଜିନିଷ ଡଷ୍ଟବିନ୍‌ରେ ପକାଏ ସେଥିରୁ କିଛି ବାହାରେ ନାହିଁ। ବୈଜ୍ଞାନିକଙ୍କ କହିବା ଅନୁସାରେ, କାଉ ବିଶ୍ୱର ସବୁଠୁ ବୁଦ୍ଧିମାନ ଜୀବ। ସେମାନଙ୍କର ଶିଖିବା କ୍ଷମତା ସାତ ବର୍ଷ ପିଲା ଭଳି ହୋଇଥାଏ। ସେମାନେ ପରସ୍ପରକୁ ଦେଖି ଶୀଘ୍ର କାମ ଶିଖିଯାଆନ୍ତି। ସ୍ୱିଡେନର ପ୍ରତିବର୍ଷ ୧ ଆରବରୁ ଅଧିକ ସିଗାରେଟ ବଳକା ଅଂଶ ଫିଙ୍ଗା ଯାଇଥାଏ। ଲୋକଙ୍କ ଦ୍ୱାରା ଏହାକୁ ସଫା କରିବାକୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ 'କୋର୍ଭିଡ କ୍ଲିନି'ର ସଂସ୍ଥାପକ କ୍ରିଷ୍ଟିୟନ ଗୁନ୍ଥର ହେନସେନଙ୍କ କହିବା ମୁତାବିକ, କାଉଙ୍କ ସାହାଯ୍ୟରେ ଏହି ସଫେଇ କାର୍ଯ୍ୟ କରିବା ଦ୍ୱାରା ଖର୍ଚ୍ଚ ୭୫% ହ୍ରାସ ହୋଇପାରିବ। ଅନ୍ୟପଟେ ସିଗାରେଟ୍‌ରେ ନିକୋଟିନ୍ ଏବଂ ବିଷ ପକ୍ଷୀଙ୍କ ସ୍ୱାସ୍ଥ୍ୟ ଉପରେ କୁ ପ୍ରଭାବ ପକାଇବ ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକାଶ କରିଛନ୍ତି। 'କୋର୍ଭିଡ କ୍ଲିନିଂ' ଟିମ୍ କାଉଗୁଡ଼ିକ ସିଗାରେଟ୍ ବଳକା ଅଂଶକୁ ନ ଗିଳି କିପରି ଡଷ୍ଟବିନ୍‌ରେ ପକାଇବା ତାହା ଉପରେ ଧ୍ୟାନ ଦେଉଥିବା କହିଛନ୍ତି।

## 'ୱେଲକମ୍ ଟୁ ଦ ଜଙ୍ଗଲ'ରେ ସୁନୀଲଙ୍କ ଗ୍ରାଣ୍ଡ ଏଣ୍ଟ୍ରି

ଅକ୍ଷୟ କୁମାରଙ୍କ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଏଥିରେ ଏକାଧିକ ବଲିଉଡ୍ କଳାକାର ଅଭିନୟ କରୁଛନ୍ତି। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଅସ୍ଥିରତା ଯୋଗୁଁ ଦୁବାଇରେ ହେବାକୁ ଥିବା ଏହି ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ସିନ୍‌ର ସୁଟିଂକୁ ଟାଳି ଦିଆଯାଇଥିଲା। ଏବେ ପୁଣି ଥରେ ଦୁବାଇରେ ସୁଟିଂ ପାଇଁ ଫାଇନାଲ କରାଯାଇଛି। ଏହି ସିନ୍‌ରେ ସୁନୀଲ ସେଟ୍ଟୀଙ୍କର ଏକ ଜବରଦସ୍ତ ଏଣ୍ଟ୍ରି ସିନ୍ ରହିବ। ଦୁବାଇରେ ୨୦୦ ଫୁଟ୍‌ର ହେଲିପ୍ୟାଡ୍ ଥିବା ଏକ ଲଗଜୁରି ୟାଚ୍‌ରେ ସୁନୀଲଙ୍କ ଏଣ୍ଟ୍ରି ସିନ୍ ରହିବ। 'ୱେଲକମ୍ ଟୁ ଦ ଜଙ୍ଗଲ'ର ଏହା ସବୁଠୁ ଦାମୀ ସିନ୍ ହେବ ବୋଲି କୁହାଯାଉଛି। ଲଗାତାର ତିନିଦିନ ଧରି ଏହାର ସୁଟିଂ ହେବ। ସୁନୀଲ ସେଟ୍ଟୀ ଏଥିରେ ଡନ୍ ଭୂମିକାରେ ନଜର ଆସିବେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଅସ୍ଥିରତା ସତ୍ତ୍ୱେ ପ୍ରଯୋଜକ ଫିରୋଜ ଏ. ନାଡିୟାଡୱାଲା ଏହି ସିନ୍‌ର ସୁଟିଂ ଦୁବାଇରେ କରିବା ପାଇଁ ଜୋର ଦେଇଥିଲେ। ଫଳରେ ସେଠାରେ ହିଁ ସୁଟିଂ କରିବାକୁ ଫାଇନାଲ କରାଯାଇଥିଲା। ଏନେଇ ସୁନୀଲଙ୍କ କହିବା କଥା, 'ଦୁବାଇ ମୋତେ ସବୁଠୁ ସୁରକ୍ଷିତ ସ୍ଥାନ ଅନୁଭୂତି ହୁଏ। ମେ ମାସରେ ଆମେ ଏଠାରେ ଫିଲ୍ମର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସିନ୍‌ର ସୁଟ୍ କରିବୁ। ମୁଁ ଫିରୋଜ ଭାଇଙ୍କ ସହ କାମ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମରେ ଅକ୍ଷୟ ଓ ସୁନୀଲଙ୍କ ବ୍ୟତୀତ ଅରଶଦ ୱାର୍ସି, ପରେଶ ରାୱଲ, ସଞ୍ଜୟ ଦତ୍ତ, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ଦିଶା ପଟାନି, ଲାରା ଦତ୍ତା, ରାଜପାଲ ଯାଦବ ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ୨୬ ଜୁନ୍‌ରେ ରିଲିଜ୍ ହେବ।



## କୋଟିପତି ଭିକାରି

ବିଶ୍ୱରେ ଅନେକ ଧନଶାଳୀ ଲୋକ ଅଛନ୍ତି। ଯେଉଁମାନେ ନିଜର ଅପାର ସମ୍ପତ୍ତି ପାଇଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ହେଲେ ଆଶ୍ଚର୍ଯ୍ୟର କଥା, ମୁମ୍ବାଇର ଭରତ ଜୈନ ନାମକ ଜଣେ ବ୍ୟକ୍ତି ଭିକ ମାଗି ମାଗି କୋଟିପତି ହୋଇ ଯାଇଛନ୍ତି। ସେ ଏବେ ବିଶ୍ୱର ସବୁଠୁ ଧନୀ ଭିକାରି ଭାବେ ପରିଚିତ। ଭରତ ଜୈନଙ୍କ ପିଲାଦିନ ଅଭାବ ମଧ୍ୟରେ କଟିଥିଲା। ତାଙ୍କ ପାଖରେ ପାଠ ପଢ଼ିବାକୁ ନା ସମ୍ବଳ ଥିଲା ନା ରୋଜଗାର ପାଇଁ କୌଣସି ଅବସର ଥିଲା। ବାଧ୍ୟବାଧକତାରୁ ସେ ପିଲାଦିନରୁ ଭିକ୍ଷାବୃତ୍ତିକୁ ଆଦରି ନେଲେ। ଗତ ୪୦ ବର୍ଷ ଧରି ସେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଏବଂ ଆଜାଦ ମୈଦାନରେ ପ୍ରତି ଦିନ ୧୦ରୁ ୧୨ ଘଣ୍ଟା ଭିକ ମାଗନ୍ତି। ଭିକ ମାଗି ପ୍ରତିଦିନ ସେ ପାଖାପାଖି ୨,୦୦୦ରୁ ୨,୫୦୦



ଟଙ୍କା ରୋଜଗାର କରିଦିଅନ୍ତି। ଏହି ଭାବେ ମାସକୁ ସେ ପାଖାପାଖି ୬୦,୦୦୦ଟଙ୍କାରୁ ୭୫,୦୦୦ ଟଙ୍କା ରୋଜଗାର କରିଦିଅନ୍ତି। ଏହି ରୋଜଗାର ଟଙ୍କାକୁ ସେ ଖର୍ଚ୍ଚ କରିବା ବଦଳରେ ବ୍ୟବସାୟ ଏବଂ ରିଅଲ ଏଷ୍ଟେଟରେ ନିବେଶ କରିଥିଲେ। ଆଜିର ଦିନରେ ତାଙ୍କ ପାଖେ ମୁମ୍ବାଇରେ ୧.୪ କୋଟି ଟଙ୍କାର ଦୁଇଟି ଫ୍ଲାଟ୍, ଥାଣେରେ ଦୁଇଟି ଦୋକାନରୁ ମାସିକ ୩୦,୦୦୦ ଟଙ୍କା ଭଡ଼ା ଆସୁଛି। ତେବେ ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୭.୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ବର୍ତ୍ତମାନ ଭରତଙ୍କ ପରିବାର ଲୋକ ବେଶ୍ ଆରାମରେ ଜୀବନ ଯାପନ କରୁଛନ୍ତି। ପରିବାର କହିଲେ, ଭରତଙ୍କ ପତ୍ନୀଙ୍କ ସମେତ ଦୁଇ ପୁଅ, ବାପା ଏବଂ ଭାଇ ରହୁଛନ୍ତି। ତାଙ୍କର ଦୁଇପୁଅ ଭଲ ସ୍କୁଲରୁ ପାଠପଢ଼ା ସାରିବା ପରେ ଏବେ ଷ୍ଟେସନାରୀ ଦୋକାନ କରିଛନ୍ତି। ତେବେ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ ହୋଇ ବି ଭରତ ଆଜି ଭିକ ମାଗୁଛନ୍ତି। କିଛି ଲୋକ ଏହାକୁ ଏକ ଅଭ୍ୟାସ ବୋଲି କହୁଥିବାବେଳେ ଆଉ କେହି କେହି ଏହାକୁ ନିଶା ବୋଲି କହିଛନ୍ତି।

# ସମ୍ଭାବନା

## କିଭଳି ମିଳିବ ଷ୍ଟାର୍ଟଅପ୍‌ରେ ସଫଳତା

**କୌଣସି ଷ୍ଟାର୍ଟଅପ୍‌କୁ ଆଗକୁ ବଢ଼ାଇବା ପୂର୍ବରୁ ତାହାର ଆଧାର ମଜଭୁତ ହେବା ଦରକାର। ସେହିପରି ନୂଆ ଷ୍ଟାର୍ଟଅପ୍ ପ୍ରାରମ୍ଭରେ ପ୍ରତିଷ୍ଠାତା ନିଜ ବ୍ୟବସାୟକୁ ମଜଭୁତ ଓ ସ୍ଥିର କରିବା ଉପରେ ଗୁରତ୍ୱ ଦେବା ଉଚିତ। ଏହାଦ୍ୱାରା ଏଥିରେ ଭବିଷ୍ୟତରେ ମିଳିବାକୁ ଥିବା ସଫଳତା ଦୀର୍ଘସ୍ଥାୟୀ ହୋଇପାରିବ।**



ଷ୍ଟାର୍ଟଅପ୍‌କୁ ଠିକ୍ ଭାବେ ପରିଚାଳିତ କରିବାକୁ ଚାହୁଁଥିଲେ, ଲୋକଙ୍କ ପରିଶ୍ରମ ଉପରେ ନିର୍ଭର କରିବା ପରିବର୍ତ୍ତେ ଏମିତି ସିଷ୍ଟମ ତିଆରି କରିବା ଦରକାର, ଯାହାକି କାମକୁ ସହଜ ଓ ସରଳ କରିବ। ସେହିପରି ଶୀଘ୍ର ଲାଭ ତଥା ବଡ଼ ହେବା ଆଶାରେ ବୁଝିବିଚାରି ପଦକ୍ଷେପ ଗ୍ରହଣ କରିବା ଦରକାର। କୌଣସି ଷ୍ଟାର୍ଟଅପ୍ କେବେ ବି ତରବରିଆ ଭାବେ ଆରମ୍ଭ କରନ୍ତୁ ନାହିଁ। ସେହିପରି ନିଜର ଉତ୍ପାଦ ଏବଂ ଲୋକଙ୍କ ଆବଶ୍ୟକତା ପୂରଣ କରିପାରିବେ କି ନାହିଁ, ସେ କଥା ବି ବୁଝିବାକୁ ପଡ଼ିବ।

କାମରେ ଯେଭଳି ସନ୍ତୁଳନ ରକ୍ଷା ହେବ ତାହା ଉପରେ ଗୁରୁତ୍ୱ ଦେବା ଉଚିତ। ତେଣୁ ଏ ଲାଗି ମଜଭୁତ ବ୍ୟବସ୍ଥା ବିକଶିତ କରିବା ଦରକାର। ସେହିପରି କୌଣସି ଷ୍ଟାର୍ଟଅପ୍ ଶୀଘ୍ର ପ୍ରତିଷ୍ଠା ଲାଭ କରିବାର ଅର୍ଥ ତା'ର ପରିଚୟ ଓ କାର୍ଯ୍ୟ ସଂସ୍କୃତି ଉପରେ ପ୍ରଭାବ ପକାଏ। ତେଣୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ବେଳେ ଟିମ୍ ସଦସ୍ୟଙ୍କ ସଂଖ୍ୟା ବଢ଼ାଇବା ଉପରେ ଦୃଷ୍ଟି ନ ଦେଇ ଏମିତି ଲୋକଙ୍କୁ ଯୋଡ଼ିବା ଦରକାର, ଯିଏକି ଷ୍ଟାର୍ଟଅପ୍ ପାଇଁ ଉପଯୁକ୍ତ ଓ ଲାଭକାରୀ ହେବେ। ଏହାବାଦ୍ ମଜଭୁତ କାର୍ଯ୍ୟ ସଂସ୍କୃତି ଟିମ୍‌କୁ ଏକଜୁଟ ରଖେ। ସଂଗଠନକୁ ଠିକ୍ ଦିଗରେ ଆଗକୁ ବଢ଼ାଏ। ତେଣୁ ଯେତେବେଳେ ବି ଷ୍ଟାର୍ଟଅପ୍ ଆରମ୍ଭ କରାଯାଉ ନା କାହିଁ, ଏସବୁ ଉପରେ ଟିକେ ଧ୍ୟାନ ଦେଲେ ଏଥିରେ ସଫଳତା ଲାଭ କରିବା ସହଜ ହେବ।

## ପଦୋନ୍ନତିରେ ପ୍ରତିବନ୍ଧକ କାହିଁକି

**ପ୍ରତ୍ୟେକ କର୍ମଚାରୀ ଅଫିସ୍‌ରେ ଶୀଘ୍ର ପଦୋନ୍ନତି ପାଇବା ଆଶା ରଖନ୍ତି। ସେଥିପାଇଁ ଅନେକ କର୍ମଚାରୀ ବହୁତ ପରିଶ୍ରମ କରିଥାନ୍ତି। ହେଲେ କର୍ମଚାରୀଙ୍କ କିଛି ଆଚରଣ ସେମାନଙ୍କ ପଦୋନ୍ନତିରେ ବାଧକ ସାଜିଥାଏ।**



- ଯେଉଁ କର୍ମଚାରୀ ଯେତିକି ଆବଶ୍ୟକ ସେତିକି କାମ କରନ୍ତି ଏବଂ ନିଜ ଆଡକୁ କିଛି ପ୍ରଚେଷ୍ଟା କିମ୍ବା ନୂତନ ପରିକଳ୍ପନା କରନ୍ତି ନାହିଁ, ସେମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହୁଏ।
- ବିଳମ୍ବରେ ଅଫିସ୍ ଆସିବା ତଥା ନିର୍ଦ୍ଧାରିତ ସମୟରେ କାମ ପୂରା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ପାଇବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।
- ସମୟ ସହିତ ତାଳ ଦେଇ ଚାଲୁ ନ ଥିବା ଓ ନୂତନ ଆହ୍ୱାନକୁ ଗ୍ରହଣ କରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ମିଳି ନ ଥାଏ।
- ଅଫିସ୍‌ରେ ଟିମ୍ ସହିତ କାମ କରିବାରେ ପଛୁଆ ରହୁଥିବା କର୍ମଚାରୀଙ୍କୁ ପଦୋନ୍ନତି ମିଳିବା ସହଜ ହୋଇ ନ ଥାଏ।
- ଅଫିସ୍‌ରେ ପରଚର୍ଚ୍ଚା ତଥା ଅନ୍ୟ ସହକର୍ମୀଙ୍କ ନିନ୍ଦା କରୁଥିବା କର୍ମଚାରୀଙ୍କ ପଦୋନ୍ନତି ଅଟକି ଥାଏ।
- ସହକର୍ମୀ, ଗ୍ରାହକ ତଥା ମାଲିକଙ୍କ ସହ ଭଲ କଥାବାର୍ତ୍ତା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ଶୀଘ୍ର ପଦୋନ୍ନତି ମିଳି ନ ଥାଏ।



## ଭର୍ଚୁଆଲ୍ ମିଟିଂରେ ପ୍ରେଜେଣ୍ଟେସନ୍ ଦେଉଥିଲେ...

**ଆଜିକାଲି ଭର୍ଚୁଆଲ ମିଟିଂକୁ ଅନେକ ଲୋକ ହାଲୁକା ଭାବେ ନେଇଥାନ୍ତି। ଏନେଇ ଅଧିକାଂଶ କର୍ମଚାରୀ କୌଣସି ବିଶେଷ ପ୍ରସ୍ତୁତି କରି ନ ଥାନ୍ତି। ତେବେ ଭର୍ଚୁଆଲ ମିଟିଂରେ ଭଲ ପ୍ରେଜେଣ୍ଟେସନ୍ ଦେବାକୁ ହେଲେ କିଛି ଦିଗ ପ୍ରତି ଧ୍ୟାନ ଦେବା ଉଚିତ।**

- ଭର୍ଚୁଆଲ ମିଟିଂ ପାଇଁ ପ୍ରଥମେ ଧ୍ୟାନ ରଖିବା ଦରକାର, ଯେଉଁ ସ୍ଥାନରେ ବସିଛନ୍ତି, ସେଠାକାର ବ୍ୟାକ୍‌ଗ୍ରାଉଣ୍ଡ କିଭଳି ଅଛି। ଏମିତି ବ୍ୟାକ୍‌ଗ୍ରାଉଣ୍ଡ ବାଛନ୍ତୁ, ଯେମିତି ସେହି ସ୍ଥାନରେ କେବଳ କାନ୍ଥ କିମ୍ବା ଚିତ୍ର ନଜର ଆସୁଥିବ।
- ସେହିପରି ଏଭଳି ମିଟିଂରେ ଲାଇଟ୍ ଠିକ୍ ରହିବା ଦରକାର। ବ୍ୟାକ୍‌ଗ୍ରାଉଣ୍ଡ ଲାଇଟ୍ ଅଧିକ ହେବା ଦ୍ୱାରା ମୁହଁ ଦିଶେ ନାହିଁ। ତେଣୁ ଏହା ଉପରେ ଦୃଷ୍ଟି ଦେବା ଉଚିତ। ତେବେ ଲାଇଟ୍ ଯେଭଳି ଅଧିକ କିମ୍ବା ବେଶି ହେବ ନାହିଁ, ତାହା ଉପରେ ଗୁରୁତ୍ୱ ଦେବା ଉଚିତ।
- ମିଟିଂ ସମୟରେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରନ୍ତୁ ନାହିଁ। ଏହାଦ୍ୱାରା ମିଟିଂରେ ସାମିଲ ଅନ୍ୟମାନଙ୍କ ଧ୍ୟାନ ଭଙ୍ଗ ହେବା ସହ ନିଜର ବି କ୍ଷତି ହେବ। ଏଭଳି ସ୍ଥଳେ ଗୋଟିଏ ସ୍ଥାନରେ ହିଁ ବସି ମିଟିଂ ପୂରା କରନ୍ତୁ।
- ମିଟିଂ ଆରମ୍ଭ ହେବା ପୂର୍ବରୁ ମୋବାଇଲ ଅଡିଓ, ଭିଡିଓ ଇଣ୍ଟରନେଟ୍ ସେବା ଠିକ୍ ଅଛି କି ନାହିଁ, ପରୀକ୍ଷା କରିବା ଉଚିତ। ଅନେକ ସମୟରେ ଟେଷ୍ଟିଂ ବେଳେ ଭିଡିଓ ମାନ ଭଲ ନ ଥାଏ।
- ସେହିପରି ନିଜେ କିଛି ନ କହିବା ସମୟରେ ସିଷ୍ଟମକୁ ମ୍ୟୁଟ୍‌ରେ ରଖିବା ଭଲ। ଏହାଦ୍ୱାରା ପଛରୁ ପାଟିତୁଣ୍ଡ, କୁକୁର ଭୁକିବା ଭଳି ଅନ୍ୟ ଶବ୍ଦ ଆସି ନ ଥାଏ।
- ଘରେ ବସି ମିଟିଂରେ ସାମିଲ ଥିଲେ ବି ପୋଷାକ ପରିପାଟୀ ଉପରେ ଗୁରୁତ୍ୱ ଦେବା ଉଚିତ। ହାଲୁକା ମେକ୍‌ଅପ୍ ନେବା ଭଲ। ଏହା ନିଜର ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବ।
- ଯେଉଁ ପ୍ରସଙ୍ଗ ଗୁରୁତ୍ୱ ରଖେ, ତାହା ଉପରେ ଗୁରୁତ୍ୱ ଦିଅନ୍ତୁ ଏବଂ ଅନାବଶ୍ୟକ ତଥ୍ୟ ଠାରୁ ଦୂରେଇ ରୁହନ୍ତୁ।
- ଅନଲାଇନ୍ ମିଟିଂ ପାଇଁ ଏଜେଣ୍ଡା ପ୍ରସ୍ତୁତ କରନ୍ତୁ। ପୂର୍ବରୁ ଏକଥା ଚିନ୍ତା କରିବା ଉଚିତ କେଉଁ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ସେହିପରି ଏହି ସମୟରେ କୌଣସି ନୂଆ ଚିନ୍ତାଧାରା ସେୟାର୍ କରିବାର ଥିଲେ ପୂର୍ବରୁ ଡାଏରୀରେ ଲେଖି ରଖିବା ଭଲ।

## ଅଫ୍‌ଲାଇନ୍ ରିଲ୍ ଫିଚର୍

ଏଣିକି ଇଣ୍ଟରନେଟ୍ ବିନା ରିଲ୍ ଦେଖି ହେବ। ଇନଷ୍ଟାଗ୍ରାମ୍ ଅଫଲାଇନ୍ ରିଲ୍ ଫିଚର୍ ଆଣୁଛି। ଏହାର ନାଁ 'ମ୍ୟାନେଜ ଅଫଲାଇନ୍ ଡାଉନଲୋଡ୍'। ଏହି ଫିଚର୍ ରିଲ୍ ସେଟିଂ ଭିତରେ ମିଳିବ। ଯାହାକୁ ବ୍ୟବହାରକାରୀ ନିଜ ସୁବିଧା ଅନୁସାରେ, ଅନ୍, ଅଫ୍ କରିପାରିବେ। ଏହାକୁ ଚାଲୁ କରିବା ଦ୍ୱାରା ଇନଷ୍ଟାଗ୍ରାମ୍ ଡିଭାଇସ୍‌ରେ କିଛି ରିଲ୍ ଆପେ ଆପେ ଡାଉନଲୋଡ କରିଦେବ। ଯାହାକୁ ପରେ ମୋବାଇଲ ଡାଟା ତଥା ୱାଇଫାଇ ବିନା ଦେଖି ହେବ। ଫିଚର୍‌ଟିର ବିଶେଷତ୍ୱ ହେଉଛି, ଡାଉନଲୋଡ୍‌ର ସିଧା ନିୟନ୍ତ୍ରଣ ବ୍ୟବହାରକାରୀଙ୍କ ହାତରେ ରହିବ। ଏଇ ଯେମିତି ଅଫଲାଇନ୍‌ରେ ଦେଖିବା ପାଇଁ କେତେ ରିଲ୍ ସେଭ୍ କରିବାକୁ ହେବ। ଏ ଲାଗି ୧୦, ୩୦, ୫୦ ଭିଡିଓର ସୀମା ବାଛିବାର ବିକଳ୍ପ ମିଳିପାରିବ। ଡାଉନଲୋଡ୍ ହେବା ପରେ ନିଜ ଫିଡ୍‌ରେ ଏହି ରିଲ୍‌କୁ ଦେଖିପାରିବେ। ଡାଉନଲୋଡ୍ କରାଯାଇଥିବା ରିଲ୍ ପାଇଁ ଏକ ଅଲଗା ଫୋଲଡର ବି ମିଳିବ। ଯେମିତି ଅଫଲାଇନ ଥିବା ସମୟରେ ଏହାକୁ ସହଜରେ ଦେଖି ହେବ। ବିନା ଇଣ୍ଟରନେଟ୍‌ରେ ରିଲ୍ ଦେଖିବା ପରିକଳ୍ପନା ଆଦୌ ନୂଆ ନୁହେଁ। ୟୁଟ୍ୟୁବ୍ ଏବଂ ନେଟ୍‌ଫ୍ଲିକ୍‌ସରେ ପୂର୍ବରୁ ହିଁ ସ୍ମାର୍ଟ ଡାଉନଲୋଡ୍ ଫିଚର ଅଛି। ଯାହାକି ଆପେ ଆପେ ଭିଡିଓକୁ ସେଭ୍ କରେ। ତେବେ ନେଟ୍‌ୱାର୍କ ସମସ୍ୟା ଥିବା ସ୍ଥାନରେ ଏହି ଫିଚର୍ ଲୋକଙ୍କୁ ସାହାଯ୍ୟ କରିବ। ଏ ଦୃଷ୍ଟିରୁ ଇନଷ୍ଟାଗ୍ରାମ୍ ବ୍ୟବହାରକାରୀଙ୍କ ପାଇଁ ଆପ୍‌କୁ ଅଧିକ ସୁବିଧାଜନକ କରିବା ଉପରେ ଦୃଷ୍ଟି ଦେଉଛି।



## ସୁଟିଂ ବିଶ୍ୱକପ୍‌ରେ ପଲକ-ମୁକେଶଙ୍କୁ ସ୍ୱର୍ଣ୍ଣ



ଗ୍ରେନେଡା (ସ୍ପେନ୍), ୭।୪ (ଏଜେନ୍ସି): ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପ୍‌ରେ ମଙ୍ଗଳବାର ଭାରତକୁ ବିଶ୍ୱକୀର୍ତ୍ତିମାନ ସହ ସ୍ୱର୍ଣ୍ଣପଦକ ମିଳିଛି। ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଦଳଗତ ଇଭେଣ୍ଟରେ ଭାରତର ପଲକ ଓ ମୁକେଶ ନେଲାଭାଲି ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏହା ସହ ମୋଟ ୪୮୭.୭ ପଏଣ୍ଟ ସ୍କୋର୍‌କରି ପଲକ-ମୁକେଶ ନୂତନ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଫାଇନାଲରେ ପଲକ ୨୪୩.୦ ଓ ମୁକେଶ ୨୪୪.୭ ପଏଣ୍ଟ ସ୍କୋର୍ କରିଥିଲେ। ୪୮୪.୮ ପଏଣ୍ଟ ସହ ଚୀନର କ୍ୱିଆନ୍‌ଜୁନ ୟାଓ ରୌପ୍ୟ ଏବଂ ୪୧୪.୯ ପଏଣ୍ଟ ସହ ହଙ୍ଗେରିର ଯୋଡ଼ି କାଂସ୍ୟ ପଦକ ଜିତିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ପଲକ-ମୁକେଶ ୫୮୧ ପଏଣ୍ଟ ସ୍କୋର୍‌କରି ୨ୟସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲେ। ୧୮ ବର୍ଷ ବୟସ୍କା ପଲକ ୨୦୨୩ ଏସୀୟ କ୍ରୀଡ଼ାରେ ୧୦ ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ଦଳଗତ ଇଭେଣ୍ଟରେ ରୌପ୍ୟପଦକ ଜିତିଥିଲେ। ପଲକ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମୁକେଶ ହେଉଛନ୍ତି ପୂର୍ବତନ କନିଷ୍ଠ ବିଶ୍ୱ ଚାମ୍ପିଅନ।

## ଆର୍ଜେଣ୍ଟିନାରେ ୪ ଟେଷ୍ଟ ଖେଳିବ ଭାରତୀୟ ମହିଳା ହକିଦଳ

ନୂଆଦିଲ୍ଲୀ,୭।୪(ଏଜେନ୍ସି): ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବାକୁ ଥିବା ମହିଳା ହକି ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳକୁ ପ୍ରସ୍ତୁତି ହେବା ଲାଗି ଏକ ସୁଯୋଗ ମିଳିଛି। ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଭାବେ ବିବେଚିତ ଆର୍ଜେଣ୍ଟିନା ସହ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତୀୟ ମହିଳା ହକି ଦଳ ଯିବ ବୋଲି ସ୍ଥିର ହୋଇଛି। ଏପ୍ରିଲ ମାସ ୧୩ରୁ ୧୭ ତାରିଖଯାଏ ଏହି ଗସ୍ତ ହେବ ଏବଂ ବୁଏନସ ଆଇରିସ୍‌ଠାରେ ସମସ୍ତ ୪ଟି ଯାକ ଟେଷ୍ଟ ମ୍ୟାଚ୍ କେଳାଯିବ। ଏହି ମ୍ୟାଚ୍ ଗୁଡିକ ଯଥାକ୍ରମେ ଏପ୍ରିଲ ୧୩, ୧୪, ୧୬ ଓ ୧୭ରେ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଭାରତୀୟ ସମୟ ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହେବ। ଅନ୍ତର୍ଜାତୀୟ ହକିରେ ଆର୍ଜେଣ୍ଟିନା ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ବିଶ୍ୱକପ୍ ଲାଗି ପ୍ରସ୍ତୁତି ହେବା ସକାଶେ ଆମକୁ ସହାୟତା କରିବ ବୋଲି ଭାରତୀୟ ମହିଳା ଦଳର ହେଡ୍ କୋଲି ଜୋଏର୍ଡ ମାରିନ୍ କହିଛନ୍ତି।

● ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନ୍‌ସିପ୍

## ଧ୍ରୁବ-ତନିଷା ଦ୍ୱିତୀୟ ରାଉଣ୍ଡରେ

ଲିଙ୍ଗବୋ (ଚୀନ), ୭।୪(ଏଜେନ୍ସି): ଧ୍ରୁବ କପିଳ ଓ ତନିଷା କ୍ରାଷ୍ଟୋଙ୍କ ଯୋଡ଼ି ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚମ୍ପିଆନ୍‌ସିପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଖେରେ ଧ୍ରୁବ-ତନିଷାଙ୍କ ଯୋଡି ଥାଇଲାଣ୍ଡର ଯୋଡ଼ି ଫୁୱାନାଟ୍ ହର୍ବାନଲ୍ୟୁକିଟ୍-ବେନ୍ୟାପା ଏମ୍‌ସାର୍ଡଙ୍କୁ ୨୧-୧୪, ୧୧-୨୧, ୨୧-୧୫ ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌କୁ ଧ୍ରୁବ-ତନିଷା ୫୧ ମିନିଟ୍‌ରେ ଜିତି ନେଇଥିଲେ। ଭାରତର ଅନ୍ୟ ଦୁଇ ମିଶ୍ରିତ ଯୁଗଳ ଯୋଡ଼ି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ରୋହନ କପୁର ଓ ରତ୍ୱିକା ଶିବାନୀ , ଅସିତ ସୂର୍ଯ୍ୟ ଓ ଅମୃତା ପ୍ରମୁଥେଶ ପ୍ରଥମ ରାଉଣ୍ଡ ପାର କରି ପାରିନାହାନ୍ତି। ବୁଧବାରଠାରୁ ସିଙ୍ଗଲ୍‌ସ ପ୍ରତିଯୋଗିତା ଆରମ୍ଭ ହେଉଥିବା ବେଳେ ଏଥିରେ ଏକାଧିକ ଭାରତୀୟଙ୍କୁ ଦେଖିବାକୁ ମିଳିବ। ସେମାନଙ୍କ ମଧ୍ୟରେ ପ୍ରମୁଖ ହେଲେ ଅଲ୍‌ଇଂଲଣ୍ଡ ରୌପ୍ୟ ପଦକ ବିଜେତା ଲକ୍ଷ୍ୟ ସେନ୍, ଏଚ୍‌ଏସ୍ ପ୍ରଣୟ, କିଦାମ୍ବି ଶ୍ରୀକାନ୍ତ, ଆୟୁଷ ସେଟ୍ଟି, ପିଭି ସିନ୍ଧୁ, ଉନ୍ନତି ହୁଡା, ମାଳବିକା ବନ୍‌ସୋଦ୍, ତନ୍ୱୀ ଶର୍ମା ପ୍ରମୁଖ। ତେବେ ଆହତ ଥିବାରୁ ଖ୍ୟାତନାମା ପୁରୁଷ ଡବଲ୍‌ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍‌ଡୀ ଓ ଚିରାଗ ସେଟ୍ଟି ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି।

▪ ଆଇପିଏଲ୍-୨୦୨୬: କୋଲକାତା ପରେ ଗୌହାଟୀରେ କାଳବୈଶାଖୀ ▪

# ଯଶସ୍ୱୀ ଜୟସ୍ୱାଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଗୌହାଟୀ,୭।୪(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ୧୩ଶ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ଓପନର ଯଶସ୍ୱୀ ଜୟସ୍ୱାଲ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ୩୨ ବଲ୍‌ରେ ୧୦ ଚୌକା ଓ ୪ଛକା ସହ ଅପରାଜିତ ୭୭ ଓ ବୈଭବ ସୂର୍ଯ୍ୟବଂଶୀ ୧୪ ବଲ୍‌ରେ ୩୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ପୁନଃନିର୍ଦ୍ଧାରିତ ୧୧ ଓଭରରେ ୩ ୱିକେଟ ହରାଇ ୧୫୦ ରନ୍ କରିଛି। ବର୍ଷା ଯୋଗୁଁ ଏହି ମ୍ୟାଚ୍‌କୁ ୧୧ ଓଭର ବିଶିଷ୍ଟ କରାଯାଇଥିଲା। ୯ଟା ୦୬ରେ ବର୍ଷା ବନ୍ଦ ହେବା ପରେ ୯ଟା ୫୫ରେ ଟସ୍ ପଡ଼ିଥିଲା। ୧୦ଟା ୧୦ ମିନିଟରେ ଖେଳ ଆରମ୍ଭ ହୋଇଥିଲା।

ଭାରତର ପୂର୍ବଭାଗରେ ଏବେ କାଳବୈଶାଖୀ ଲାଗି ରହିଛି। ଏହା ଫଳରେ ଏଠାରେ ଖେଳାଯିବାକୁ ଥିବା ଆଇପିଏଲ୍‌ର କ୍ରମାଗତ ଦ୍ୱିତୀୟ ଲିଗ୍ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ଗତକାଲି ପ୍ରବଳ ବର୍ଷା ହେବା ଫଳରେ କେକେଆର୍ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା। ଆଜି ଗୌହାଟୀର ବର୍ଷାପଡ଼ାରେ ରାଜସ୍ଥାନ ରୟାଲ୍ସ ଓ ମୁମ୍ବଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ବିଳମ୍ବରେ ଟସ୍ ପଡ଼ି ଥିଲା।

ଚଳିତ ଟୁର୍ଣ୍ଣାମେଣ୍ଟରେ ରାଜସ୍ଥାନ ରୟାଲ୍ସ ପ୍ରଥମ ଦୁଇଟି ମ୍ୟାଚ୍ ଖେଳି ୨ଟିଯାକରେ ବିଜୟୀ ହୋଇଛି। ଦଳର ସମସ୍ତ ଖେଳାଳି ଫର୍ମରେ ଥିଲାବେଳେ ଆସାମର ରିୟାନ ପରାଗ ଏହି ଦଳର ନେତୃତ୍ୱ ନେଉଛନ୍ତି। ସେହିପରି ମୁମ୍ବଇ ଇଣ୍ଡିଆନ୍ସ ୨ଟି ମ୍ୟାଚ୍ ଖେଳି ଗୋଟିକରେ ବିଜୟୀ ହୋଇଥିଲାବେଳେ ଗୋଟିକରେ ପରାଜିତ ହୋଇଛି। ମୁମ୍ବଇ ଦଳରେ



ତାରକା ଖେଳାଳିଙ୍କର ଅଭାବ ନ ଥିଲାବେଳେ ପରାଜୟ ଦଳର ଦୁର୍ବଳତାକୁ ପଦାରେ ପକାଇ ଦେଇଛି। କିନ୍ତୁ ଗୌହାଟୀରେ ଆଜି ମ୍ୟାଚ୍ ବାତିଲ ହୋଇଥିଲେ ସ୍ଥାନୀୟ ଦର୍ଶକ ସବୁଠାରୁ ଅଧିକ ନିରାଶ ହୋଇଥାନ୍ତେ। ଏହି ମ୍ୟାଚ୍‌ରେ ରାଜସ୍ଥାନ ଟିମ୍‌ରେ ପୂର୍ବାଞ୍ଚଳର ଦୁଇ ଜଣ ଖେଳାଳି ଏବେ ପ୍ରମୁଖ ଭୂମିକା ନେଉଛନ୍ତି। ସେମାନେ ହେଲେ ସ୍ଥାନୀୟ ଖେଳାଳି ତଥା ଆସାମର ରିୟାନ ପରାଗ ଓ ବିହାରର ବୈଭବ ସୂର୍ଯ୍ୟବଂଶୀ। ପରାଗ ଦଳର ନେତୃତ୍ୱ ନେଉଛନ୍ତି। ସେ ମଧ୍ୟ ଘରୋଇ ଦର୍ଶକଙ୍କ ଆଗରେ ଆଇପିଏଲ୍‌ରେ ନିଜ ଦକ୍ଷତା ପ୍ରଦର୍ଶନ କରିବା ଲାଗି ଯୋଜନା କରିଥିଲେ। ଅନ୍ୟ ପକ୍ଷରେ ୧୫ ବର୍ଷୀୟ ବୈଭବ ଏବେ ଆଇପିଏଲ୍‌ର ରାଇଜିଂଷ୍ଟାର। ସେ ତାଙ୍କ ବିସ୍ଫୋରକ ବ୍ୟାଟିଂ ଶୈଳୀରେ ସମସ୍ତଙ୍କୁ ଆକୃଷ୍ଟ କରିଥିଲେ। ଏଠାରେ ସେ ୧୪ଟି ବଲ୍ ଖେଳି ଯଶପ୍ରୀତମ୍ ବୁମ୍‌ରାଙ୍କ ବୋଲିଂରେ ୨ଟିଛକା ସମେତ ମୋଟ ୫ଟି ଛକା ଓ ଗୋଟିଏ ଚୌକା ମାରି ୩୯ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରନ୍‌ରେଟ୍ କମିଯାଇଥିଲା। ମୁମ୍ବାଇ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା।



| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| ଦିଲ୍ଲୀ ବନାମ ଗୁଜରାଟ |
| ଭେନ୍ୟୁ-ନୂଆଦିଲ୍ଲୀ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

ବାଂଲାଦେଶ କ୍ରିକେଟ ବୋର୍ଡକୁ ଭାଙ୍ଗିଦିଆଗଲା

## କାମଚଳା ସଭାପତି ହେଲେ ତମିମ୍

ଢାକା,୭।୪(ଏଜେନ୍ସି): ପୂର୍ବତନ ଓପନର ତଥା ଅଧିନାୟକ ତମିମ ଇକ୍‌ବାଲ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ର ନୂଆ ସଭାପତି ନିଯୁକ୍ତ ହୋଇଛନ୍ତି। ଆଜି ବାଂଲା ସରକାର (ନ୍ୟାସନାଲ ସ୍ପୋର୍ଟ୍ସ କାଉନ୍ସିଲ) ଦୁର୍ନୀତି ଓ ଅନିୟମିତତା ଅଭିଯୋଗରେ ଅମିନୁଲ ଇସ୍‌ଲାମଙ୍କ ସଭାପତିତ୍ୱରେ ନର୍ବାଚିତ ବିସିବିକୁ ଭାଙ୍ଗିଦେଇଥିଲେ। ଏହା ପରେ ଦେଶରେ କ୍ରିକେଟ ପରିଚାଳନା ଲାଗି ଏକ ୧୧ ଜଣିଆ ଆଡ୍‌ହକ୍ କମିଟି ବା କାମଚଳା ସମିତି ଗଠନ କରିଥିଲେ। ତମିମ୍‌ଙ୍କୁ ଏହି କମିଟିର ସଭାପତି ଭାବେ ନିଯୁକ୍ତ ଦିଆଯାଇଛି। ମାତ୍ର ୩୭ ବର୍ଷରେ ସେ ବିସିବିର ସର୍ବକନିଷ୍ଠ ସଭାପତି ହେବେ। ଏହି କମିଟିରେ ସ୍ଥାନ ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅର୍ଦ୍ଧାଧିକ ସଦସ୍ୟ ପୂର୍ବତନ ଖେଳାଳି ରହିଛନ୍ତି। ମିନାଜୁଲ ଆବେଦିନ ନାନ୍ନୁ, ଆଥାର ଅଲି ଖାନ୍ ଏମାନଙ୍କ ମଧ୍ୟରେ ଅନ୍ୟତମ।

ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ମାସରେ ବିସିବିର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମିନୁଲ ଇସ୍‌ଲାମ ସଭାପତି ନିର୍ବାଚିତ ହୋଇଥିଲେ। ତାଙ୍କ ସହ ଲଢ଼ିବାକୁ ପ୍ରାର୍ଥୀ ହୋଇଥିବା ତମିମ ବାଂଲାଦେଶର କାମଚଳା ସରକାରଙ୍କ ସମର୍ଥନରେ ଅମିନୁଲ ଦୁର୍ନିତି ଓ ଅନିୟମିତତା ଭାବେ ଏହି ନିର୍ବାଚନ ହେଉଥିବାରୁ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଥିଲେ। ନୂଆ ସରକାର ଆସିବା ପରେ ଗତବର୍ଷ ବିସିବି ନିର୍ବାଚନରେ ହୋଇଥିବା ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ତଦନ୍ତ କରିବାକୁ ତମିମ ସରକାରଙ୍କ ନିକଟରେ ଦାବି କରିଥିଲେ। ବାଂଲାଦେଶ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ କମିଟି ଗଠନ କରିଥିଲେ। ଏହି କମିଟି ତଦନ୍ତକରିବା ପରେ ବିସିବିକୁ ଭାଙ୍ଗିଦେବାକୁ ସୁପାରିସ୍ କରିଥିଲା। ଏହି ସୁପାରିସ୍ ଆଧାରରେ ଆଜି ସରକାର ବିସିବିକୁ ଭାଙ୍ଗିଦେଇଛନ୍ତି।

## ଗିଲ୍ ଫିଟ୍; ଆଜି ଖେଳିବେ ମ୍ୟାଚ୍

ନୂଆଦିଲ୍ଲୀ, ୭।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ପ୍ରଥମ ଦୁଇଟିଯାକ ମ୍ୟାଚ୍‌ରେ ପରାସ୍ତ ହୋଇଛି ପୂର୍ବତନ ଚମ୍ପିଆନ ଗୁଜରାଟ ଟାଇଟାନ୍‌ସ। ତେବେ ଦଳ ପାଇଁ ଖୁସିର କଥା ଯେ ଅଧିନାୟକ ଶୁବମନ ଗିଲ୍ ସୁସ୍ଥ ହୋଇ ଯାଇଛନ୍ତି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ସେ ଖେଳିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଗୁଜରାଟ ଟାଇଟାନ୍‌ସର ଓପ୍‌ନର ସାଇ ସୁଦର୍ଶନ କହିଛନ୍ତି। ବେକ ମାଂସପେଶୀ ଟାଣି ହୋଇ ଯାଇଥିବାରୁ ଗିଲ୍ ଗତ ୪ରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷ ମ୍ୟାଚ୍ ଖେଳିନଥିଲେ। ଉକ୍ତ ମଧ୍ୟରେ ରସିଦ୍ ଖାଁ ଗୁଜରାଟ ଦଳର ନେତୃତ୍ୱ ନେଇଥିବା ବେଳେ ଦଳ ୬ ରନ୍‌ରେ ପରାସ୍ତ ହୋଇଥିଲା। ଫଳରେ ଚାରି ବର୍ଷରେ ପ୍ରଥମଥର ଆଇପିଏଲ୍‌ରେ ଏକ ମ୍ୟାଚ୍ ଗିଲ୍ ଖେଳିନଥିଲେ। ଗିଲ୍‌ଙ୍କ ସ୍ଥାନରେ ଝାଡ଼ଖଣ୍ଡର କୁମାର କୁଶାଗ୍ର ଗତ ମ୍ୟାଚ୍‌ରେ ଓପନ୍ କରିଥିଲେ। ବୁଧବାର କୁଶାଗ୍ରଙ୍କ ସ୍ଥାନରେ ଗିଲ୍ ଓପନ୍ କରିବେ। ଗୁଜରାଟ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସଠାରୁ ପରାସ୍ତ ହୋଇଥିବା ବେଳେ ଗିଲ୍ ୩୯ ରନ୍ କରିଥିଲେ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍‌ସକୁ ହରାଇ ବିଜୟଧାରା ହାସଲ କରିବା ଲକ୍ଷ୍ୟରେ ଗୁଜରାଟ ଟାଇଟାନ୍‌ସ ରହିଛି।

## ମଦ ପିଇ ଗାଡ଼ି ଚଲାଇବା ବେଳେ ୱାର୍ଣ୍ଣର ଗିରଫ୍

ସିଡ୍‌ନୀ,୭।୪(ଏଜେନ୍ସି): ମଦ ପିଇ ଗାଡ଼ି ଚଳାଉଥିଲାବେଳେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣରଙ୍କୁ ପୁଲିସ୍ ଗିରଫ୍ କରିଛି। ଥାନାରେ କିଛି ଆବଶ୍ୟକୀୟ ପଚରାଉଚୁରା ପରେ ଛାଡିଦିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। କିନ୍ତୁ ତାଙ୍କ ନାମରେ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍‌ରେ ମକଦ୍ଦମା ରୁଜ୍ଜୁ କରାଯାଇଛି। ଆସନ୍ତାମାସରେ ଏହି ମକଦ୍ଦମାର ଶୁଣାଣି ହେବ ଓ ୱାର୍ଣ୍ଣର କୋର୍ଟରେ ଉପସ୍ଥିତ ରହିବେ। ଏବେ ପାକିସ୍ତାନ ସୁପର ଲିଗ୍‌ରେ କରାଚି କିଙ୍ଗ୍‌ସର ନେତୃତ୍ୱ ନେଉଥିବା ୱାର୍ଣ୍ଣର କିଛିଦିନ ଫାଙ୍କା ଥିବାରୁ ଅଷ୍ଟ୍ରେଲିଆ ଫେରିଯାଇଥିଲେ। ଏପ୍ରିଲ ୯ରେ କିଙ୍ଗର ପରବର୍ତ୍ତୀ ମ୍ୟାଚ୍ ଅଛି ଓ ସେ ମ୍ୟାଚ୍ ପୂର୍ବରୁ ଦଳ ସହ ଯୋଗଦେବେ ବୋଲି ସୂଚନା ମିଳିଛି। ଘଟଣା ଅନୁଯାୟୀ ସିଡନୀର ମାରୋଉବ୍ରାରେ ସେ ଗାଡି ଚଳାଇଯାଉଥିଲାବେଳେ ରାସ୍ତାରେ ମଦୁଆଙ୍କ ଲାଗି ପୁଲିସ ଚେକିଂ ଚାଲିଥିଲା। ଏହା ଜାଣିବା ପରେ ସେ କିଛି ଦୂର ପଛରୁ ନିଜେ ଚଳାଉଥିବା କାର୍‌କୁ ଅଟକାଇଥିଲେ। ପୁଲିସ୍ ତାଙ୍କ କାର ପାଖକୁ ଆସି ବ୍ରେଥ ଆଣ୍ଡ ଆନାଲାଇଜର ଟେଷ୍ଟ ଦେବାକୁ କହିଥିଲେ। ବ୍ରେଥ ଆନାଲାଇଜର ଟେଷ୍ଟରେ ସେ ୦.୧୦୪ ପଏଣ୍ଟ ମଦ ପିଇଥିବା ଜଣାପଡ଼ିଥିଲା। ଫଳରେ ତାଙ୍କୁ ପୁଲିସ୍ ଗିରଫ କରି ଥାନାକୁ ନେଇଥିଲା।



## ୧୯ ବର୍ଷରୁ କମ୍ ଏଲିଟ୍ ଶିବିରରେ ଶ୍ରେୟା

କଟକ, ୭।୪ (ସମିସ): ଏପ୍ରିଲ ୨୭ରୁ ମେ’ ୨୩ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍ସ (ସିଓଇ) ରେ ୧୯ ବର୍ଷରୁ କମ୍ ମହିଳା ଏଲିଟ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଭାଗନେବା ପାଇଁ ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ମନୋନୀତ ହୋଇଛନ୍ତି। ବିସିସିଆଇ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପାଇଁ ଭଲ ପ୍ରଦର୍ଶନ କରିଥିବାରୁ ଶ୍ରେୟାଙ୍କୁ ଏହି ଶିବିରରେ ଭାଗନେବା ପାଇଁ ମନୋନୀତ କରାଯାଇଛି। ଏହି ଶିବିରରେ ସିଓଇର ଦକ୍ଷ ଓ ନାମୀ ପ୍ରଶିକ୍ଷକ ପ୍ରଶିକ୍ଷଣ ଦେବେ। ଶ୍ରେୟାଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।



● ୧୭ ବର୍ଷରୁ କମ୍ ଜାତୀୟ ଚେସ୍

## ଓଡ଼ିଶାର ଯଶିତା ରାଉତ ଷଷ୍ଠ

ଭୁବନେଶ୍ୱର,୭।୪(ସମିସ): ଅହମ୍ମଦାବାଦ୍‌ରେ ଆଜି ଶେଷ ହୋଇଥିବା ୩୫ତମ ୧୭ ବର୍ଷରୁ କମ୍ ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାର ଯଶିତା ରାଉତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ବାଳିକା ବିଭାଗରେ ଭାଗନେଇଥିବା ଏହି ଉଦୀୟମାନ ଖେଳାଳି ଯଶିତା ୧୧ ରାଉଣ୍ଡରୁ ୮ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଭାଗନେଇଥିବା ଉଭୟ ବାଳକ ଓ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଯଶିତା ସର୍ବୋଚ୍ଚ ସ୍ଥାନ ହାସଲ କରିଛନ୍ତି। ଯଶିତା ୭ଟି ବିଜୟ ହାସଲ କରିଥିଲାବେଳେ ୨ଟି ଡ୍ର ଓ ୨ଟି ମ୍ୟାଚ୍‌ରେ ପରାଜିତ ହୋଇଥିଲେ। ଓଡ଼ିଶାରେ ଖେଳୁଥିବା ପ୍ରୀଶିତା ଗୁପ୍ତା ୭ ପଏଣ୍ଟ ପାଇ ୧୪ତମ ସ୍ଥାନରେ ରହିଛନ୍ତି। ବାଳକ ବିଭାଗରେ କୌସ୍ତୁଭ ଦାଶ ୭.୫ ପଏଣ୍ଟ ସଂଗ୍ରହ କରି ୨୫ତମ ଓ ସ୍ମିତପ୍ରଜ୍ଞ ସାହୁ ୬ ପଏଣ୍ଟ ପାଇ ୯୯ମ ସ୍ଥାନରେ ରହିଛନ୍ତି। ବାଳିକା ବିଭାଗରେ କର୍ଣ୍ଣାଟକର ପ୍ରତୀତି ବର୍ଦ୍ଦୋଲଇ ଓ ବାଳକ ବିଭାଗରେ ତାମିଲନାଡୁର ଭିଏସ୍ ନନ୍ଦୀଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।




## ଜାତୀୟ ସବ୍‌ଜୁନିଅର ହକି: ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର,୭।୪(ସମିସ): ବିହାରର ରାଜଗିରଠାରେ ଚାଲିଥିବା ଷୋଡଶ ଜାତୀୟ ସବ୍‌ଜୁନିଅର ବାଳକ ହକି ପ୍ରତିଯୋଗିତାରେ ଓଡ଼ିଶା ଆଜି କେରଳକୁ ୮-୦ ଗୋଲରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ଓଡ଼ିଶା ପକ୍ଷରୁ ମୋହନ ମାଝୀ ୨ଟି, ଦୀପକ ପ୍ରକାଶ ଟପ୍ପୋ, ଅମନଦୀପ ଡାଙ୍ଗ, ମନେଶ ନାଏକ, ବିକାଶ ମାଝୀ, ମିଥଲେଶ କେରକେଟା ଓ ବିପୁଳ ତିର୍କି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## ଗୁରୁବାରକୁ ଘୁଞ୍ଚିଲା ପ୍ରଥମ ସେମିଫାଇନାଲ

ଭୁବନେଶ୍ୱର,୭।୪(ସମିସ): କାଳବୈଶାଖୀ ବର୍ଷା ପରେ ପଡ଼ିଆ ଓଦା ହୋଇଯିବାରୁ ହାଇଟେକ୍ କଲେଜ୍ କ୍ରିକେଟ ଗ୍ରାଉଣ୍ଡରେ ଆଜି ଖେଳାଯିବାକୁ ଥିବା ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲକୁ ଘୁଞ୍ଚାଇ ଦିଆଯାଇଛି। କ୍ଲବ୍ ଦି ରେଡ୍‌ଷ୍ଟାର ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ଆଜି ପ୍ରଥମ ସେମିଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଓଦା ପଡ଼ିଆ ଯୋଗୁଁ ଏହାକୁ ଦୁଇ ଅମ୍ପାୟାର ପ୍ରଦୀପ କୁମାର ଜେନା ଓ ରଞ୍ଜିତ ମହାରଣା ସ୍ଥଗିତ ରଖିଥିଲେ। ପରେ ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ଏହି ମ୍ୟାଚ୍‌କୁ ପୁନର୍ବାର ଗୁରୁବାର ଆୟୋଜନ କରିବା ଲାଗି ସମସ୍ତଙ୍କ ସମ୍ମତିକ୍ରମେ ସ୍ଥିର କରିଛନ୍ତି ବୋଲି ସମ୍ପାଦକ ଶରତଚନ୍ଦ୍ର ସାହୁ ଜଣାଇଛନ୍ତି। ଆସନ୍ତାକାଲି ବା ବୁଧବାର ପାରାମାଉଣ୍ଟ ସ୍ପୋର୍ଟ୍ସ ଓ ଆଇଆଇସି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ), ଅନ୍ଧାରୁଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଗୁରୁବାର ପ୍ରଥମ ସେମିଫାଇନାଲ ଓ ଶୁକ୍ରବାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ମିଧାଂଶୁଙ୍କ ଶତକ, ଶ୍ଲୋକଙ୍କୁ ୫ ୱିକେଟ

## ଭୁବନେଶ୍ୱର-ଏ’ର ବୃହତ୍ ବିଜୟ

୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

ଭୁବନେଶ୍ୱର,୭।୪(ସମିସ): ଓଡ଼ିଶା କ୍ରିକେଟ ସଂଘ ବା ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ଏ’ ୧୭୫ ରନ୍‌ର ବୃହତ୍ ବ୍ୟବଧାନରେ ନୂଆପଡ଼ାକୁ ପରାସ୍ତ କରିଛି। ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମିଧାଂଶୁ ଦାସଙ୍କ ୧୧୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ଏ’ ୬ ୱିକେଟରେ ୨୬୪ ରନ୍ କରିଥିଲା। ଜବାବରେ ନୂଆପଡ଼ା ଶ୍ଲୋକ ନାୟକଙ୍କ ବୋଲିଂର ଉଚିତ ମୁକାବିଲା କରିନପାରି ୮୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଶ୍ଲୋକ ୨୨ ରନ୍‌ରେ ୫ଟି ୱିକେଟ ନେଇଥିଲେ। ସେହିପରି ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ପୁରୀ ୮୨ ରନ୍‌ରେ ଗଜପତିକୁ ପରାସ୍ତ କରିଛି। ଅଙ୍କିତ ମହାନ୍ତି ୭୦ ଓ ନୀଶୀଥ ପଟ୍ଟନାୟକଙ୍କ ୬୦ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୮ ୱିକେଟରେ ୨୦୯ ରନ୍ କରିଥିଲା। ଜବାବରେ ଗଜପତି ୯ ୱିକେଟରେ ୧୨୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଜେମ୍ସ ଲିମା ୫୦ ରନ୍ କରିଥିଲାବେଳେ ବିଜୟୀ ପୁରୀର ଦିବ୍ୟଦର୍ଶନ ପାଇକରାୟ ୨୩ ରନ୍‌ରେ ୫ଟି ୱିକେଟ ପାଇଥିଲେ।

ଖୋର୍ଦ୍ଧାରେ ଖେଳାଯାଇଥିବା ମ୍ୟାଚ୍‌ରେ କଟକ-ବି’ ୬୦ ରନ୍‌ରେ କିଟ୍‌କୁ ପରାସ୍ତ କରିଛି। କଟକ-ବି’ ପକ୍ଷରୁ ଶୁଭମ ଶର୍ମା ୫୯ ରନ୍ କରିଥିଲାବେଳେ ସୌମ୍ୟଜିତ ଦାସ ୩୧ରନରେ ୫ଟି ୱିକେଟ ପାଇଥିଲେ। ଅଡଶପୁର ଗ୍ରାଉଣ୍ଡରେ ଖୋର୍ଦ୍ଧା ୮ ୱିକେଟରେ ଢେଙ୍କାନାଳକୁ, ଇକୋର୍ସା ଗ୍ରାଉଣ୍ଡରେ ରାଉରକେଲା ୨୯ ରନ୍‌ରେ କନ୍ଧମାଳକୁ, ସମ୍ବଲପୁର-ବି’ ୪ ୱିକେଟରେ ଦେବଗଡକୁ ପରାସ୍ତ କରିଛି। ବିଜୟୀ ସମ୍ବଲପୁର ଦଳର ପ୍ରଜ୍ଞାଶ ଦାଶ ଅପରାଜିତ ୨୧ ରନ୍ କରିବା ସହ ୩୦ ରନ୍‌ରେ ୩ୱିକେଟ ଅକ୍ତିଆର କରିଥିଲେ। ରାଉରକେଲାର ସୌମ୍ୟଜିତ ଭୂୟାଁ ୧୮ରନ୍ କରିବା ସହ ୧୪ରନ୍‌ରେ ୩ଟି ୱିକେଟ ଅକ୍ତିଆର କରିଥିଲେ। କନ୍ଧମାଳର ତ୍ରିଲୋଚନା ବିନ୍ଧାଣି ଓ ସୁରଥ ବେହେରା ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।


ମିଧାଂଶୁ


ଶ୍ଲୋକ


ଦିବ୍ୟଦର୍ଶନ


ସୋମ୍ୟଜିତ୍

## ସର୍ବଭାରତୀୟ ପିଏସ୍‌ୟୁ ବ୍ୟାଡମିଣ୍ଟନ ଆରମ୍ଭ

ଭୁବନେଶ୍ୱର,୭।୪(ସମିସ): ନାଲକୋ ଆନୁକୂଲ୍ୟରେ ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ୟୁନିଟ୍ (ପିଏସ୍‌ୟୁ) ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କିଟ୍ ୟୁନିଭର୍ସିଟି ଇଣ୍ଡୋର ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି। ଏପ୍ରିଲ ୧୦ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଆଜି ନାଲ୍‌କୋ ସିଏମ୍‌ଡି ଡଃ ବ୍ରିଜେନ୍ଦ୍ର ପ୍ରତାପ ସିଂ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପିଏସ୍‌ୟୁ ବିଭିନ୍ନ ଟିମ୍ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ। ପରେ ଖେଳ ଆରମ୍ଭ ହୋଇଥିଲା। ଏଥିରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସର୍ବଭାରତୀୟ ପିଏସ୍‌ୟୁ ବୋର୍ଡର ଅନ୍ୟତମ କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ନାଲକୋ ଟିମ୍‌ର ମ୍ୟାନେଜର ରହିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଜାତୀୟ ତଥା ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ନାଲକୋ ଏଭଳି ଟୁର୍ଣ୍ଣାମେଣ୍ଟକୁ ପ୍ରଥମଥର ଆୟୋଜନ କରୁଛି। ୪ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ନାଲକୋ ସମେତ ୧୩ଟି ରାଷ୍ଟ୍ରାୟତ୍ତ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ସେଗୁଡିକ ହେଲେ ଏଏଆଇ, ବିଏଚ୍‌ଇଏଲ, କୋଲ ଇଣ୍ଡିଆ, ସିଏଜି, ଇଏସ୍‌ଆଇସି, ଏଫ୍‌ସିଆଇ, ଏଲ୍‌ଆଇସି, ମାଜଗାଁ ଡକ୍, ଏନ୍‌ଏଲ୍‌ସି, ଆର୍‌ବିଆଇ, ସେଲ ଓ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ। କାନାଡା ବ୍ୟାଙ୍କ୍, ସିଡବ୍ଲ୍ୟୁସି, ଏଚ୍‌ପିସିଏଲ୍ ଓ ଅଏଲ ଇଣ୍ଡିଆ ଆସନ୍ତାକାଲି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୋଟରେ ୩୦୦ ଜଣ ପ୍ରତିଯୋଗୀ ଓ କର୍ମକର୍ତ୍ତା ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS